# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୫/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 15/2026 | Page 16 | ₹ 7.00 | DHENKANAL

୫୨ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 83 | ମୂଲ୍ୟ₹୭/-






To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

# ଲମ୍ବା ଯୁଦ୍ଧ ପାଇଁ ଆମେରିକାର ସଜବାଜ

## ଇରାନ ସହ ଆଲୋଚନା ବିଫଳ

ୱାଶିଂଟନ୍,୧୪।୨

ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ଫେଲ୍ ମାରିଛି। ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଗତ ସପ୍ତାହରେ ଓମାନ ମଧ୍ୟସ୍ଥତାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନାରୁ ସମାଧାନର ବାଟ ବାହାରିପାରି ନାହିଁ। କାରଣ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ଇରାନ ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରି ନ ଥିବାବେଳେ ଏବେ ଆମେରିକା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ସ୍ପଷ୍ଟ ହୋଇଛି।



ଏପରିକି ଲମ୍ବା ସମୟ ଧରି ଯୁଦ୍ଧ କରିବାକୁ ଆମେରିକା ସେନା ପ୍ରସ୍ତୁତି ନେଇସାରିଛି ବୋଲି ପେଣ୍ଟାଗନ୍‌ର କେତେଜଣ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଆମେରିକାର ଶକ୍ତିଶାଳୀ ଯୁଦ୍ଧ ଜାହାଜ ଆବ୍ରାହମ୍ ଲିଙ୍କନ ସମେତ ଅନ୍ୟ ଯୁଦ୍ଧପୋତ ଇରାନ ଉପକୂଳ ନିକଟରେ ଡେରା ପକାଇଥିଲା। ଶୁକ୍ରବାର ଆମେରିକା ଅଧିକ ଯୁଦ୍ଧଜାହାଜ, ଲଢୁଆ ବିମାନ, ଗାଇଡେଡ୍ ମିଶାଇଲ୍ ଡେଷ୍ଟ୍ରୟର ସମେତ ହଜାରରୁ ଅଧିକ ସୈନ୍ୟ ଇରାନ ଅଭିମୁଖେ ପ୍ରେରଣ କରିଛି। ଏବେ ଆବ୍ରାହମ୍ ଲିଙ୍କନ ସହିତ ଆଣବିକ ଶକ୍ତିସମ୍ପନ୍ନ ଯୁଦ୍ଧ ଜାହାଜ ୟୁଏସ୍ଏସ୍ ଗେରାଲ୍ଡ ଆର୍.ଫୋର୍ଡ ସାମିଲ ହେବାକୁ ଯାଉଛି। ଇରାନ ସହ ବୁଝାମଣା କରିବା କଷ୍ଟକର ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେନାକୁ ସମ୍ବୋଧନ କରି କହିବା ସହିତ ପୂର୍ବ ଆକ୍ରମଣ ତୁଳନାରେ ଏଥର ଆକ୍ରମଣ ଭୟାନକ ହେବ ବୋଲି ଇସାରା କରିଛନ୍ତି। ଫଳରେ ଆଗାମୀ ଦିନରେ ମଧ୍ୟପ୍ରାଚ୍ୟ ସ୍ଥିତି ବିଗିଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗତ ସପ୍ତାହରେ ମସ୍କାଟ୍‌ରେ ଆମେରିକା ପ୍ରତିନିଧିମାନଙ୍କ ସହ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରଘାଚି ଆଲୋଚନା କରିବା ପରେ ପରବର୍ତ୍ତୀ ପର୍ଯ୍ୟାୟ ବୈଠକ ତୁର୍କୀ କିମ୍ବା ଇଜିପ୍ଟରେ ହେବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ସୂଚୀରେ ପରିବର୍ତ୍ତନ କରିବ ନାହିଁ ବୋଲି ଇଙ୍ଗିତ କରିବା ପରେ ଆମେରିକା ଯୁଦ୍ଧ ପାଇଁ ନିଷ୍ପତ୍ତି ନେଇଥିବା କୁହାଯାଉଛି।

## ବୋମା ଭୟ: ସିଲଂ ଯିବାକୁ ଥିବା ଇଣ୍ଡିଗୋ ବିମାନ ଅଟକିଲା

କୋଲକାତା,୧୪।୨

ସିଲଂ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ବୋମା ଖଞ୍ଜାଯାଇଥିବା ନେଇ ଏକ ହାତଲେଖା ନୋଟ୍ ମିଳିବା ପରେ ଏହାକୁ କୋଲକାତା ବିମାନବନ୍ଦରର ଏକ ନିର୍ଜନ ସ୍ଥାନକୁ ନିଆଯାଇଛି। ଇଣ୍ଡିଗୋ ବିମାନ ୬ଇ୩୦୭୪ ଶନିବାର ସକାଳ ୯ଟା ୧୫ରେ ସିଲଂ ଅଭିମୁଖେ ଉଡ଼ାଣ କରିବାକୁ ଥିବାବେଳେ ଯାତ୍ରୀ ବସିବା ପୂର୍ବରୁ ଏହାର ଟଏଲେଟ୍‌ରୁ ହାତଲେଖା ନୋଟ୍ ମିଳିଥିଲା। ଫଳରେ ଯାତ୍ରୀମାନଙ୍କୁ ସେଠାରୁ ହଟାଇ ଦିଆଯାଇଥିଲା। ବିମାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲେ ମଧ୍ୟ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିବା ଏଏଆଇ ମୁଖପାତ୍ର କହିଛନ୍ତି।

## ନ୍ୟାୟପ୍ରାପ୍ତି କେବଳ ଆଇନଗତ ଭାବେ ସଶକ୍ତ ଲୋକଙ୍କ ପାଇଁ ସୀମିତ ହୋଇପାରିବ ନାହିଁ: ସିଜେଆଇ

ନୂଆଦିଲ୍ଲୀ,୧୪।୨(ପି.ଟି.)



ସିଜେଆଇ ସୂର୍ଯ୍ୟ କାନ୍ତ

ନ୍ୟାୟପ୍ରାପ୍ତି କେବଳ ଆଇନଗତ ଭାବେ ସଶକ୍ତ ଲୋକଙ୍କ ପାଇଁ ସୀମିତ ଥିବା ଏକ ଅବ୍ୟବହାର୍ଯ୍ୟ ଆଦର୍ଶ ହୋଇ ରହିପାରିବ ନାହିଁ। ଏହା ଅବହେଳିତ ନାଗରିକମାନଙ୍କ ପାଇଁ ବାସ୍ତବ ପରିଣତରେ ପରିବର୍ତ୍ତନ ହେବା ଜରୁରୀ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଶନିବାର କହିଛନ୍ତି। ରାଜ୍ୟଗୋଷ୍ଠୀ ନ୍ୟାୟିକ ପ୍ରଶିକ୍ଷକ(ସିଜେଇ)ମାନଙ୍କ ୧୧ତମ ଦ୍ୱିବାର୍ଷିକ ବୈଠକରେ ସିଜେଆଇ କହିଛନ୍ତି, ନ୍ୟାୟିକ ନେତୃତ୍ୱ କଦାପି ପ୍ରଶାସନିକ କର୍ତ୍ତୃପକ୍ଷ କିମ୍ବା ଆନୁଷ୍ଠାନିକ ପଦାନୁକ୍ରମ ହୋଇପାରିବ ନାହିଁ। ଏହାକୁ ଏକ ବୌଦ୍ଧିକ ଏବଂ ନୈତିକ ଆଭିମୁଖ୍ୟ ଭାବେ ବୁଝିବା ଜରୁରୀ। ନ୍ୟାୟିକ ବ୍ୟବସ୍ଥାରେ ପ୍ରଯୁକ୍ତିର ସଂଯୋଗ ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି, ଏଆଇ ସହଯୋଗ କରିବା ଉଚିତ ନ୍ୟାୟିକ ବିଚାରଧାରାର ସ୍ଥାନ ନେବା ଉଚିତ ନୁହେଁ। ନ୍ୟାୟିକ ନେତୃତ୍ୱ କେବଳ ପ୍ରଶାସନିକ ଦୂରଦର୍ଶିତା ନୁହେଁ, ବରଂ ଗଭୀର ସହାନୁଭୂତି ମଧ୍ୟ ଆବଶ୍ୟକ କରେ। ସୁରକ୍ଷାର ଆବଶ୍ୟକତା ଥିବା ଲୋକଙ୍କ ପାଇଁ ପ୍ରକ୍ରିୟାଗତ ଜଟିଳତାକୁ ବାଧାରେ ପରିଣତ ହେବାକୁ ନ ଦେବା ଆବଶ୍ୟକ।

## ପନ୍ନୁଙ୍କ ହତ୍ୟା ଉଦ୍ୟମ କରିଥିବା ମାନିଲେ ନିଖିଲ ଗୁପ୍ତା

କୋଲକାତା,୧୪।୨

ଆମେରିକା ନାଗରିକ ତଥା ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁରୁପତଓ୍ୱନ୍ତ ସିଂ ପନ୍ନୁଙ୍କ ବିରୋଧରେ ହତ୍ୟା ଯୋଜନାରେ ଭାରତୀୟ ନାଗରିକ ନିଖିଲ ଗୁପ୍ତା ନିଜକୁ ଦୋଷୀ ବୋଲି ସ୍ୱୀକାର କରିଛନ୍ତି। ଆମେରିକା ଆଇନ ପ୍ରବର୍ତ୍ତନ ସଂସ୍ଥାର କାର୍ଯ୍ୟାନୁଷ୍ଠାନ ଯୋଗୁ ହତ୍ୟା ଯୋଜନାକୁ ରୋକାଯାଇପାରିଥିଲା ବୋଲି ଆମେରିକାର ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍‌ବିଆଇ) କହିଛି। ଏହି ତଦନ୍ତକାରୀ ସଂସ୍ଥା ଏକ ବାର୍ତ୍ତାରେ ସ୍ପଷ୍ଟ କରିଦେଇଛି ଯଦି ତୁମେ ଆମ ନାଗରିକମାନଙ୍କର କ୍ଷତି କରିବାକୁ ଉଦ୍ୟମ କର, ତେବେ ଆଇନର କାଠଗଡ଼ାକୁ ନ ଆଣିବା ପର୍ଯ୍ୟନ୍ତ ଆମେ ଅଟକିବୁ ନାହିଁ। ପନ୍ନୁ ଦେଶ ବାହାରେ ଥାଇ ସରକାରଙ୍କ ଟାର୍ଗେଟରେ ଥିବା ବ୍ୟକ୍ତି ବୋଲି ଏଫ୍‌ବିଆଇ କହିଛି।

## ଭାରତ ସହ ସମ୍ପର୍କ ଆମ ସ୍ୱାର୍ଥରକ୍ଷା ଉପରେ ନିର୍ଭରଶୀଳ

### ଗଣମାଧ୍ୟମକୁ ରହମାନଙ୍କ ପ୍ରଥମ ସମ୍ବୋଧନ

ଢାକା,୧୪।୨

ବାଂଲାଦେଶ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମାନ ଶନିବାର ପ୍ରଥମଥର ପାଇଁ ଗଣମାଧ୍ୟମକୁ ସମ୍ବୋଧିତକରି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଦଳର ବିଜୟକୁ ସେ ଦେଶବାସୀଙ୍କ ବିଜୟ ବୋଲି କହିବା ସହ ଏହା ଗଣତନ୍ତ୍ରର ମଧ୍ୟ ବିଜୟ ବୋଲି କହିଛନ୍ତି। ସ୍ୱାଧୀନତାର ବାସ୍ତବ ଅନୁଭବ ଏବଂ ଅଧିକାର ହାସଲ କରିବା ଦିଗରେ ଆଜିଠାରୁ ସମସ୍ତେ ମୁକ୍ତ ବୋଲି ସେ କହିଛନ୍ତି। ରାସ୍ତା ଓ ବିଚାରଧାରା ଅଲଗା ହୋଇପାରେ କିନ୍ତୁ ଦେଶର ସାମୂହିକ ହିତସାଧନ ଲାଗି ସଂହତି ସବୁଠୁ ଜରୁରୀ। ଏହିକ୍ରମରେ ସେ ବାଂଲାଦେଶର ବିଦେଶ



ତାରିକ୍ ରହମାନ

ନୀତିକୁ ନେଇ ଟିପ୍ପଣୀ କରିଥିଲାବେଳେ ଭାରତ ସହ ବାଂଲାଦେଶର ସମ୍ପର୍କ କିଭଳି ରହିବ ସେ ସମ୍ପର୍କରେ ମଧ୍ୟ ନିଜର ଆଭିମୁଖ୍ୟ ଦର୍ଶାଇଛନ୍ତି। ଭାରତ ସହ ସମ୍ପର୍କ ବାଂଲାଦେଶର ସ୍ୱାର୍ଥରକ୍ଷା ଉପରେ ନିର୍ଭର କରେ ବୋଲି କହିଛନ୍ତି। ରହମାନ ଦୀର୍ଘ ୧୭ ବର୍ଷ ଧରି ବିଦେଶରେ ନିର୍ବାସନ ଜୀବନ ବିତାଇବା ପରେ ନିର୍ବାଚନର ମାତ୍ର ୨ ମାସ ପୂର୍ବରୁ ବାଂଲାଦେଶ ଆସି ନିଜ ଦଳ ପାଇଁ ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ।

## ଆସାମର ଜରୁରୀ ଅବତରଣ ସ୍ଥଳରେ ପ୍ରଧାନମନ୍ତ୍ରୀ

- ବ୍ରହ୍ମପୁତ୍ରରେ ସେତୁ ଉଦ୍‌ଘାଟିତ
- ଆଇଆଇଏମ୍, ଡାଟା ସେଣ୍ଟର ଉନ୍ମୋଚିତ

ଗୁଆହାଟୀ,୧୪।୨(ପି.ଟି.)

ଆସାମ ଡିବ୍ରୁଗଡ଼ ଜିଲାରେ ଉତ୍ତରପୂର୍ବାଞ୍ଚଳ ସୀମାର ପ୍ରଥମ ଜରୁରୀ ଅବତରଣ ସ୍ଥଳ (ଇଏଲ୍‌ଏଫ୍)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅବତରଣ କରି ଇତିହାସ ସୃଷ୍ଟି କରିଛନ୍ତି। ମୋଦି ଚାବୁଆ ଏୟାରଫିଲ୍ଡରୁ ବାୟୁସେନାର ସି-୧୩୦ଜେ ବିମାନରେ ଯାଇ ୩୭ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ମୋରାନସ୍ଥିତ ଇଏଲ୍‌ଏଫ୍‌ରେ ଅବତରଣ କରିଥିଲେ। ଉତ୍ତରପୂର୍ବାଞ୍ଚଳକୁ ଜରୁରୀ ଅବତରଣ ସୁବିଧା ମିଳିବା ଅତ୍ୟନ୍ତ ଗର୍ବର ବିଷୟ ବୋଲି ଇଏଲ୍‌ଏଫ୍‌ର ଉଦ୍‌ଘାଟନ ପରେ ପ୍ରଧାନମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି। ରଣନୀତି ଦୃଷ୍ଟିରୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ମୋରାନ ବାଇପାସ୍‌ରେ ୧୦୦ କୋଟି ଟଙ୍କା ବିନିଯୋଗରେ ୪.୨ କି.ମି. ରନ୍‌ଓ୍ୱେ ଭାରତୀୟ ବାୟୁସେନାର ଯୁଦ୍ଧବିମାନ ଏବଂ ପରିବହନ ବିମାନଗୁଡ଼ିକ ପାଇଁ ରଣନୀତିକ ତଥା ବହୁବିଧ ବ୍ୟବହାର୍ଯ୍ୟ ରନ୍‌ଓ୍ୱେ ଭାବେ ବ୍ୟବହୃତ ହେବ। ଏହା ଦେଶର ପ୍ରତିରକ୍ଷା, ଲଜିଷ୍ଟିକ୍ ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଇଏଲ୍‌ଏଫ୍‌ରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ, ଏୟାର ଚିଫ୍ ମାର୍ଶାଲ ଏ.ପି. ଶର୍ମା ପ୍ରମୁଖ ମୋଦିଙ୍କୁ ସ୍ୱାଗତ କରିଥିଲେ।

ପ୍ରଧାନମନ୍ତ୍ରୀ ଶନିବାର ବ୍ରହ୍ମପୁତ୍ର ନଦୀରେ ଏକ ସେତୁ, ଉତ୍ତରପୂର୍ବାଞ୍ଚଳ ପାଇଁ ଆଇଆଇଏମ୍ ଏବଂ ଡାଟା ସେଣ୍ଟର ସମେତ ଆସାମରେ ମୋଟ ୫,୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ନିର୍ମିତ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହିସବୁ ପ୍ରକଳ୍ପ ରାଜ୍ୟରେ ଯୋଗାଯୋଗ ବଢ଼ାଇବା ସହ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବ, ଉଚ୍ଚଶିକ୍ଷାର ପ୍ରୋତ୍ସାହନ କରିବ।




ମୋରାନସ୍ଥିତ ଜରୁରୀ ଅବତରଣ ସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାୟୁସେନା ବିମାନରୁ ଓହ୍ଲାଉଛନ୍ତି।





**ପ୍ରମୋଦ ଭଗତଙ୍କୁ ଦୁଇ ସ୍ୱର୍ଣ୍ଣ**
ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ । ୧୪

୦୨ **ବିବାହ କଥା କେବଳ ଗୁଜବ : ମୃଣାଳ**
ମୋ ବିବାହକୁ ନେଇ ସୋସିଆଲ ମିଡିଆରେ ଯେଉଁ ଚର୍ଚ୍ଚା ଚାଲିଛି ତାହା କେବଳ ଗୁଜବ ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁର ।



# ସମୃଦ୍ଧିର ସ୍ତମ୍ଭ ଶିଳ୍ପ: ମୁଖ୍ୟମନ୍ତ୍ରୀ

**କେନ୍ଦୁଝରରେ ୧୦୦ କୋଟିର ଟେକ୍ସଟାଇଲ ପାର୍କ ଶିଳାନ୍ୟାସ**
**ଧରଣୀଧର ବିଶ୍ୱବିଦ୍ୟାଳୟରେ ଆଧୁନିକ ଡାଟା ସେଣ୍ଟରର ଭିତ୍ତିପ୍ରସ୍ତର**

**କେନ୍ଦୁଝର,୧୪।୨**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ଏହା କହିଛନ୍ତି। ଏହି ଜିଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ ଭିତ୍ତିଭୂମି ବିକାଶ ପାଇଁ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କ, ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟରର ଶିଳାନ୍ୟାସ କରିଛନ୍ତି। ଆୟୋଜିତ ସାଧାରଣ ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଆମ ସରକାରପ୍ରତ୍ୟେକ ଜିଲାକୁ ସମୃଦ୍ଧ କରିବା ପାଇଁ ସଂକଳ୍ପବଦ୍ଧ। ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। କେବଳ ଖଣି କିମ୍ବା ଇସ୍ପାତ ନୁହେଁ, ବରଂ ଟେକ୍ସଟାଇଲ ଏବଂ ଆଇଟି ପରି କ୍ଷେତ୍ରରେ ଶିଳ୍ପର ବିବିଧକରଣ କରି ଆମେ ଯୁବପିଢ଼ି ଓ ମହିଳାଙ୍କ ପାଇଁ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ। ସମୃଦ୍ଧ ଜିଲାରୁ ହିଁ ସମୃଦ୍ଧ ଓଡ଼ିଶା ମନ୍ତ୍ରକୁ ପାଥେୟ କରି ଆମେ ଶିଳ୍ପ ଅନୁକୂଳ ନୀତି ଏବଂ ମାନବ ସମ୍ବଳର ବିକାଶ ଉପରେ ଗୁରୁତ୍ୱ ଦେଉଛୁ। ବିକଶିତ ଭାରତ ପରିକଳ୍ପନାରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବା ସହ ସୁନାର କେନ୍ଦୁଝର ଗଠନ ପାଇଁ ଆମର ଏହି ପ୍ରୟାସ ନିରନ୍ତର ଜାରି ରହିବ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁ ଥିବା ଟେକ୍ସଟାଇଲ ପାର୍କରେ ୧୨୦୦ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ ସହାୟତା ସହ ହିଣ୍ଡାଲ୍‌କୋ କମ୍ପାନୀ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ଗତବର୍ଷ ଜୁଲାଇରେ ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ (ଓ-ଟେକ୍ସ)ରେ ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ରାଜ୍ୟ ସାରା ୫୩,୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ ପାର୍କ ସହ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତ୍‌ସିଂହପୁରଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜଭୁତ କରୁଛନ୍ତି। ଏବେ ଲୋକେ ନିଜ ଘର ପାଖରେ କାମ କରିପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓକାକ୍ ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟାସେଣ୍ଟରର ଏକ ବ୍ୟାକ୍‌ଅପ୍ ଭାବେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ। କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ ହୋଇଥିବା ଯୋଗୁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜିଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି। ମକର ପର୍ବ ସମୟରେ ୧୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ ଶକ୍ତି ଏକ ବିକଶିତ ଭାରତ ଆଡ଼କୁ ଆମ ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ଜିଲାପାଳ ବିଶାଲ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଓକାକ୍ ସିଇଓ ପ୍ରଦୀପ କୁମାର ରାଉତ, ହିଣ୍ଡାଲ୍‌କୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।


କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବୋଧିତ କରୁଛନ୍ତି।

# ଭାରତ-ପାକିସ୍ତାନ ମୁକାବିଲା ଆଜି

**ଟି୨୦ ବିଶ୍ୱକପ୍**

**କଲମ୍ବୋ, ୧୪।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସବୁଠାରୁ ଚର୍ଚ୍ଚିତ ଭାରତ-ପାକିସ୍ତାନ ମୁକାବିଲା ରବିବାର ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରୁ ବାଂଲାଦେଶକୁ ବାଦ୍ ଦିଆଯିବାକୁ ନେଇ କ୍ରିକେଟ ସହିତ ରାଜନୀତିର ସମ୍ମିଶ୍ରଣ ହୋଇଥିଲା ଏବଂ ଭାରତ ବିପକ୍ଷ ମ୍ୟାଚକୁ ପାକିସ୍ତାନ ବର୍ଜନ କରିବ ବୋଲି କହିବାରୁ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା କ୍ରିକେଟ ବୋର୍ଡର ହସ୍ତକ୍ଷେପ ପରେ ପାକିସ୍ତାନ ୟୁଟର୍ନ ମାରିବାସହ ଖେଳିବାକୁ ରାଜି ହେବାପରେ ଏହି ହାଇପ୍ରୋଫାଇଲ ମ୍ୟାଚ ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାରୁ ଭାରତ-ପାକିସ୍ତାନ ମ୍ୟାଚରେ ଉଭୟ ଦଳର ଖେଳାଳି ଅତ୍ୟଧିକ ଚାପଗ୍ରସ୍ତ ଥାଆନ୍ତି। ଫଳରେ ମ୍ୟାଚ ସ୍ୱାଭାବିକ ଉତ୍ତେଜନାପୂର୍ଣ୍ଣ ହୋଇଥାଏ। ଦର୍ଶକଙ୍କ ହୃତ୍‌ସ୍ପନ୍ଦନ ମଧ୍ୟ ବଢ଼ିଥାଏ। ତେଣୁ ସବୁ ଆଇସିସି ଇଭେଣ୍ଟରେ ଏହା ଏକ ନିଆରା ମ୍ୟାଚଭାବେ ପରିଗଣିତ ହୋଇଥାଏ। ମ୍ୟାଚ ପାଇଁ ଶେଷ ପ୍ରସ୍ତୁତିଲାଗି ଉଭୟ ଦଳ ଶନିବାର ନେଟ୍ସ ସେସନରେ ଝାଳ ବୁହାଇଛନ୍ତି। ହ୍ୟାଣ୍ଡସେକ୍‌ପରି ଅନେକ ବିବାଦୀୟ ପ୍ରସଙ୍ଗ ଆଗକୁ ରହିଥିଲେ ହେଁ ଏବେ ମ୍ୟାଚ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ଅଭିଷେକ ଶର୍ମା ସମ୍ପୂର୍ଣ୍ଣ ଫିଟ୍ ଥିବାରୁ ଆଗାମୀ ମ୍ୟାଚରେ ଖେଳିବା ସମ୍ଭାବନା ବଢ଼ିଛି। ପାକସ୍ଥଳୀରେ ସଂକ୍ରମଣ ଯୋଗୁ ସେ ନାମ୍ବିଆ ବିପକ୍ଷ ମ୍ୟାଚ ଖେଳିପାରି ନ ଥିଲେ। ଯଦି ସେ ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି ତେବେ ସଞ୍ଜୁ ସାମସନଙ୍କୁ ଅପରିବର୍ତ୍ତିତ ରଖାଯାଇପାରେ କିମ୍ବା ୱାଶିଂଟନ ସୁନ୍ଦର ଇନ୍‌ଫର୍ମ ଇଶାନ କିଶନଙ୍କ ସହ ଇନିଂସ ଓପନ କରିପାରନ୍ତି। ପ୍ରେମଦାସା ପିଚ୍ ସ୍ଲୋ ବୋଲରଙ୍କୁ ସୁହାଇବା ପୂର୍ବାନୁମାନ କରାଯାଉଥିବାରୁ ☞ପୃଷ୍ଠା-୨

# ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍‌ଆଇଆର୍ ପାଇଁ ଡାକି ହତ୍ୟା

**କେନାଲରେ ଫିଙ୍ଗିଲେ ଖଣ୍ଡବିଖଣ୍ଡିତ ମୃତଦେହ**

**କୋଲକାତା,୧୪।୨**

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଦିନକୁ ଦିନ ଅନେକ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏହି କ୍ରମେ ଜଣେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ନିଜ ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍‌ଆଇଆର୍ ସମ୍ପର୍କରେ ଆଲୋଚନା ପାଇଁ ଡାକି ହତ୍ୟା କରିଛନ୍ତି। ଉତ୍ତର ୨୪ ପ୍ରଗଣା ଜିଲାରେ ପରକୀୟା ପ୍ରୀତିର ଏହି କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଶନିବାର ନ୍ୟାୟ ଦାବିରେ ରାସ୍ତା ଅବରୋଧ କରିଥିବାବେଳେ ପୋଲିସ ସମ୍ପୃକ୍ତ ବିଏଲ୍‌ଓ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଉତ୍ତର ୨୪ ପ୍ରଗଣା ଜିଲାର ୩୦ ବର୍ଷୀୟ ନାସିର ଅଲୀ ସୋମବାର ରାତିରୁ ନିଖୋଜ ଥିଲେ। ପରିବାର ଲୋକେ ଏନେଇ ମଙ୍ଗଳବାର ଥାନାରେ ରିପୋର୍ଟ କରିଥିଲେ। ନାସିରଙ୍କ ସ୍ତ୍ରୀଙ୍କ ସହ ବିଏଲ୍‌ଓ ରିଜ୍‌ୱାନ ହାସନ ମଣ୍ଡଳଙ୍କ ପ୍ରେମ ସମ୍ପର୍କ ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ଘନୀଭୂତ ହୋଇଥିଲା। ପୋଲିସ ରିଜ୍‌ୱାନଙ୍କ ମୋବାଇଲ ଫୋନ୍ କଲ୍ ଟ୍ରାକ୍ କରି ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ବଦୁରିଆସ୍ଥିତ ଏକ କେନାଲରେ ଶୁକ୍ରବାର ନାସିରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଠାବହେବା ପରେ ☞ପୃଷ୍ଠା-୨




# ୧୬ରୁ ଓକାକ୍‌ରେ ଆଧାର ଶୁଣାଣି

**ଭୁବନେଶ୍ୱର,୧୪।୨**
**(ସୁଚିସ୍ମିତା ସାହୁ)**

ଆଧାର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ଆସନ୍ତା ୧୬ ତାରିଖ ସୋମବାରଠାରୁ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଓକାକ୍ ଟାୱାରର ତଳମହଲାରେ ଅଭିଯୋଗ ଶୁଣାଣି ଆରମ୍ଭ ହେବ। ଏଥିପାଇଁ ପ୍ରଥମେ ଓକାକ୍ ପୋର୍ଟାଲ https://www.ocac.inରେ ଦିଆଯାଇଥିବା ଲିଙ୍କ୍ ମାଧ୍ୟମରେ ପଞ୍ଜୀକରଣ କରିବାକୁ ପଡ଼ିବ। ପ୍ରତ୍ୟେକ ସୋମବାର (ସରକାରୀ କାର୍ଯ୍ୟଦିବସ) ପୂର୍ବାହ୍ନ ୧୦ଟା ୩୦ରୁ ଅଧିକାରୀମାନଙ୍କୁ ଆଧାର ସମ୍ବନ୍ଧୀୟ ଅଭିଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ**

**ଦେଶଭକ୍ତି ଚିନ୍ତା**

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୨୦ତମ ତୋଷାଳି ସ୍ୱଦେଶୀ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା।
- ୧୨ତମ ଭୁବନେଶ୍ୱର ରେଡିଓ ମେଳା, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୪ଟା।
- ମହାଶିବରାତ୍ରି ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ହଂସପାଳ ବାଟ ମହାବୀର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକ ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।
- ଜାଗର ଉପଲକ୍ଷେ ଶ୍ରୀଶ୍ରୀ ବାବା ଜଳେଶ୍ୱର ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ପ୍ରଥମ ରଜନୀରେ ମଞ୍ଚସ୍ଥ ନାଟକ 'କେତେ ଦୁଃଖ ଦେବୁ କହ ଦଇବ ', ସ୍ଥାନ: କଳାରାହାଙ୍ଗ ଜଳେଶ୍ୱର ମନ୍ଦିର ଯାତ୍ରା ପଡ଼ିଆ, ସମୟ: ରାତି ୧୧ଟା।

## ବାଲେଶ୍ୱର

- ମହାଶିବରାତ୍ରି ଉତ୍ସବ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ନୂଆବଜାର, ବାଲେଶ୍ୱର, ସମୟ: ସକାଳ ୭ଟା।
- କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଟ ବଣ୍ଟନ, ସ୍ଥାନ: ଶୈବପୀଠ ପରିସର, ଲଙ୍ଗଳେଶ୍ୱର, ସମୟ: ସକାଳ ୮ଟା।
- ଶ୍ରଦ୍ଧା ବୃଦ୍ଧା ଆଶ୍ରମରେ ଭୂମିପୂଜନ, ସ୍ଥାନ: ଡେମୁରିଆ, ବାଲିଆପାଳ, ସମୟ: ସକାଳ ୯ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧ଲକ୍ଷ ଦୀପ ପ୍ରଜ୍ୱଳନ ଓ ଭଜନ ସନ୍ଧ୍ୟା, ସ୍ଥାନ: ଭୂଷଣ୍ଡେଶ୍ୱର ମହାଦେବ, କୁମ୍ଭୀରଗଡ଼ି ପାହି, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ମହାଶିବରାତ୍ରିରେ ଜାଗର ଜାଳିବେ ଲକ୍ଷାଧିକ ଶ୍ରଦ୍ଧାଳୁ, ସ୍ଥାନ: ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ସହ ଭୋଗରାଇର ଶତାଧିକ ଶୈବପୀଠ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଉତପଡ଼ା ବାବା ବାଳକେଶ୍ୱରନାଥ ଶୈବପୀଠ, ରୂପସା, ସମୟ: ରାତି ୮ଟା।

## ଭଦ୍ରକ

- ଜାଗର ଯାତ୍ରା, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଚିଲୋ ହନୁମାନ ପଡ଼ିଆ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱେଶ୍ୱର ପୀଠରେ ଜାଗର ଯାତ୍ରା, ସ୍ଥାନ: ରାଢୋ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ବାବା କପିଳମୁନିଙ୍କ ବାର୍ଷିକୋତ୍ସବ, ସ୍ଥାନ: ପଳିକିରି, ଧାମନଗର, ସମୟ: ଅପରାହ୍ନ ୪ଟା।
- ସାଳନ୍ଦୀ ସାହିତ୍ୟ ସଙ୍ଗମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଙ୍ଗମ କନଭେନ୍‌ଶନ୍, ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ସୋମେଶ୍ୱର ମନ୍ଦିରରେ ମହାଦୀପ ଉଠିବା ସମୟ, ସ୍ଥାନ: ସ୍ୱାମ ଶାସନ, ପାଟଣା, ସମୟ: ରାତି ୯ଟା।
- ଜାଗର ଉତ୍ସବ ଓ ମହାଦୀପ ଉଠିବା ସମୟ,ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ରାତି ୧୦ଟା୩୦।
- ଆନନ୍ଦେଶ୍ୱର ମହାଦେବ ମନ୍ଦିର ମହାଦୀପ ଉଠିବା, ସ୍ଥାନ: ପାଟଣାସ୍ଥିତ ମନ୍ଦିର ପରିସର,ସମୟ: ରାତି ୧୧ଟା।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମହାଶିବରାତ୍ରି ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି, ସମୟ: ପ୍ରାତଃ ୪ଟା।
- ବାବା ଝିଙ୍କେଶ୍ୱର ପୀଠରେ ଜାଗର ଯାତ୍ରା,ସ୍ଥାନ: କପ୍ତିପଦା, ସମୟ: ପ୍ରାତଃ ୪ଟା୩୦।
- ଜାଗରମେଳା ଓ ମହାଶିବରାତ୍ରି, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ପ୍ରାତଃ ୫ଟା।
- ମହାଶିବରାତ୍ରି ଓ ଜାଗରମେଳା, ସ୍ଥାନ: ବୁଢ଼ାରାଉଳ ମଠ ତେନ୍ତୁଳିଡିଙ୍ଗା ବାରିପଦା,ସମୟ: ପ୍ରାତଃ ୫ଟା।
- ସତ୍ୟ ସ୍ୱରୂପ କ୍ରିକେଟ ଟୁର୍ନାମେଟ ଉଦ୍‌ଘାଟନ,ସ୍ଥାନ: ନାଗପାଳ ଖେଳ ପଡ଼ିଆ, ଉଦଳା, ସମୟ: ସକାଳ ୯ଟା୩୦।
- ଗୋଶାଳା କପ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୋଶାଳା ପଡ଼ିଆ ତୁଳସୀଚଉରା, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ବୁଦ୍ଧଖୋଲରେ ମହାଶିବରାତ୍ରୀ, ସ୍ଥାନ: ବୁଗୁଡ଼ା,ବୁଦ୍ଧଖୋଲ, ସମୟ: ସକାଳ ୬ ଟା।
- ମହାଶିବରାତ୍ରୀ ଉପଲକ୍ଷେ ନାମ ସଂକୀର୍ତ୍ତନ ଯଜ୍ଞ, ସ୍ଥାନ: ବୁଗୁଡ଼ା,ଏକତାଳ, ସମୟ: ସକାଳ ୭ ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପକ୍ଷରୁ ୨୫ ତମ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବ୍ରହ୍ମାକୁମାରୀ ପକ୍ଷରୁ ଜାଗର ଉପଲକ୍ଷେ ଶୈବ ମିଳନ, ସ୍ଥାନ: ଆଶ୍ରମ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ମୁକ୍ତେଶର ମନ୍ଦିର ପରିସରରେ ମହାଶିବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ରଣସିଂସାହି, ବଡପାଳ, ମାର୍ଶାଘାଇ, ସମୟ:ସକାଳ ୬ଟା ।
- ଗ୍ରାମେଶ୍ୱର ମହୋତ୍ସବ, ସ୍ଥାନ: ମନ୍ଦିର ପରିସର, ଜମ୍ବିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- ଜାଗର ମହୋତ୍ସବ, ସ୍ଥାନ: ମହାଦେବ ମନ୍ଦିର, କପାଳେଶ୍ୱର, କେନ୍ଦ୍ରାପଡା, ପାଟଣା, କୋର, ଆଗପଡା, ଅରସା, କଣ୍ଟପଡା, ନରହରିପୁର ଶାସନ, ରାଜକନିକା, ନଡିଆବରେଇ, ଗରଦପୁର, ଜଗନ୍ନାଥପୁର, ନୀଳକଣ୍ଠପୁର, ଚାଟରା ଶାସନ, ଗୋଲରହାଟ, ଡେରାବଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ମହାବିନାୟକ ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମହାବିନାୟକ ପୀଠ, ଚଣ୍ଡିଖୋଲ, ସମୟ: ସକାଳ ୬ଟା।
- ନାନପୁର ମହୋତ୍ସବ, ସ୍ଥାନ: ବଡଚଣା ବ୍ଲକ ଅନ୍ତର୍ଗତ ନାନପୁର ସ୍ଥିତ ବିରୂପା ନଦୀ ପଠା, ସମୟ: ପୂର୍ବାହ୍ନ ୧୦ଟା।
- ୨୭ତମ ଜାତୀୟ ସଂହତି ଉତ୍ସବର ୩ୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଏନ୍‌ସି ହାଇସ୍କୁଲ ପ୍ଲାଟିନମ ଜୁବୁଲି ଉତ୍ସବର ୨ୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ଏନସି ହାଇସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଜାଗର ଯାତ୍ରା, ସ୍ଥାନ: କନ୍ହେଇପୁର ଚନ୍ଦ୍ରଶେଖର ମନ୍ଦିର, ଚାନ୍ଦମା ଚନ୍ଦନେଶ୍ୱର, ଧବଳେଶ୍ୱର ମନ୍ଦିର, ଦେବେଶ୍ୱର ମନ୍ଦିର, ବଗେଇ ବିଶେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର, ଓଙ୍କାରେଶ୍ୱର, ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରାର ଶୁଭାରମ୍ଭ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ପ୍ରାତଃ ୪ଟା(ସର୍ବସାଧାରଣ ଦର୍ଶନ, ରାତ୍ର ୧୧ଟା (ମହାଦୀପ ଉଠାଣ)।
- ଭୈମୀ ଏକାଦଶୀ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୨୪ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜାଗର ଯାତ୍ରା, ସ୍ଥାନ: ରଣପୁର ସହରର ଶାମୁକାସାହିର ସ୍ୱପ୍ନେଶ୍ୱର, ଚଣ୍ଡେଶ୍ୱର ସାହିର ଚଣ୍ଡେଶ୍ୱର ଓ ପୁରୁଣାବସନ୍ତର ବାଲୁଙ୍କେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜାଗର ଯାତ୍ରା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ଖଣ୍ଡପଡା ନୀଳକଣ୍ଠେଶ୍ୱର ମନ୍ଦିର, ଖଣ୍ଡପଡା ଜଗନ୍ନାଥପ୍ରସାଦ ଦରଦା ମହିଷାସୁଣୀ ମନ୍ଦିର, ଖଣ୍ଡପଡା ଜଗନ୍ନାଥପ୍ରସାଦ ଦରଦା ମହିଷାସୁଣୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଜାଗରଯାତ୍ରା ଅବସରରେ ମହାଦୀପ ଉଠାଣ, ସ୍ଥାନ:ଗୋଡିପଡା ଲଡୁକେଶ ମହେଶଙ୍କ ପୀଠ: ରାତ୍ର ୧୧ଟା ।

## ରାୟଗଡ଼ା

- ମହାଶିବରାତ୍ରୀ ଓ ଜାଗର, ସ୍ଥାନ: ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡ଼ା, ସମୟ: ସକାଳ ୫ଟା।
- ପଣା ବଣ୍ଟନ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଥ ତ୍ରିବେଣୀ ମହୋତ୍ସବ ସହ ଜାଗର ଯାତ୍ରା, ସ୍ଥାନ: ମୀନାଝୋଲା, ସମୟ, ଅପରାହ୍ନ ୫ଟା।

## ନବରଙ୍ଗପୁର

- କେଲିଆ ଶୈବପୀଠରେ ମହାଦୀପ ଦର୍ଶନ, ସ୍ଥାନ: ଡାବୁଗାଁ, ସମୟ: ରାତି ୧୦ଟା।

## ସମ୍ବଲପୁର

- ସ୍ୱପ୍ନେଶ୍ୱର ବାବା ଶୈବପୀଠରେ ମହା ଶିବରାତ୍ରୀ ପୂଜାର୍ଚ୍ଚନା, ସ୍ଥାନ: ଗୋବିନ୍ଦତୋଲା, ସମୟ : ପ୍ରାତଃ ୫ଟା ।
- ମହାଶିବ ରାତ୍ରୀ ପୂଜାର୍ଚ୍ଚନା ଓ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା ପାହାଡ ସ୍ଥିତ ମହାଦେବ ମନ୍ଦିର, ସମୟ : ପ୍ରାତଃ ୫ଟାରୁ ଆରମ୍ଭ ।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଏମ୍‌ସିଏଲ ହୀରାକୁଦ ଆନ୍ତର୍ଜାତୀୟ ହାଫ ମାରାଥନ ଶୁଭାରମ୍ଭ, ସ୍ଥାନ : ଜମାଦାରପାଲି ନିକଟସ୍ଥ ସୋନୁ ଟିକିରା, ସମୟ : ସକାଳ ୫ଟା ୪୫ ।
- ସିଆଇଆଇ ଆୟୋଜିତ କର୍ମଶାଳା, ସ୍ଥାନ : ହୀରାକୁଦ ଇକୋ ରିଟ୍ରିଟ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସିଆଇଆଇ ମଡେଲ କ୍ୟାରିୟର ସେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଭୁତାପଡା, ସମୟ : ଅପରାହ୍ନ ୨ଟା ୩୦ ।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ଆୟୋଜିତ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ଜାଗର ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ : ବାଲିବନ୍ଧ ସ୍ଥିତ ସୋମନାଥ ପୀଠ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ମହାଶିବରାତ୍ରୀ ଉପଲକ୍ଷେ ପୂଜାର୍ଚ୍ଚନା, ସ୍ଥାନ: ଶ୍ରୀ ଧବଳେଶ୍ୱର ବାବା ମନ୍ଦିର, ଖୁଜେନପାଲି, ବଲାଙ୍ଗୀର, ସମୟ: ଭୋର ୪ଟାରୁ ।
- ମହାଶିବରାତ୍ରୀ ଉପଲକ୍ଷେ ମହାଦୀପ, ସ୍ଥାନ: ଶ୍ରୀ ଧବଳେଶ୍ୱର ବାବା ମନ୍ଦିର, ଖୁଜେନପାଲି, ବଲାଙ୍ଗୀର, ସମୟ: ରାତି ୯ଟା ୧୫।
- ମହା ଶିବରାତ୍ରୀ ମେଳା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଶ୍ରୀ ଶଙ୍କର ମନ୍ଦିର, ଖୁଟୁଲୁମୁଣ୍ଡା, ତୁରେଇକେଲା ବ୍ଲକ, ସମୟ : ଅପରାହ୍ନ ୫ ଟା ୩୦ ମିନିଟ।
- ଧବଳେଶ୍ୱର ବାବାଙ୍କ ଜାଗର ଯାତ୍ରା ଉପଲକ୍ଷେ ମହାଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ, ସ୍ଥାନ: କୁମୁଡା ପାହାଡ , ଟିଟିଲାଗଡ ସହର, ସମୟ: ରାତ୍ରି ୧୨ଟା।

## କଳାହାଣ୍ଡି

- ବାଲୁଙ୍କେଶ୍ୱର ମନ୍ଦିରରେ ହରିହର ଭେଟ, ସ୍ଥାନ: ଭବାନୀପାଟଣା ପୁରୁଣାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜାଗର ମହୋତ୍ସବ ପାଇଁ ନାମଯଜ୍ଞ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସକାଳ ୬ଟା।
- ମା' ଯୋଗମାୟା ଶକ୍ତିପୀଠରେ ମହାଶିବରାତ୍ରି ଉପଲକ୍ଷେ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ମହାଦୀପ ପ୍ରଜ୍ୱଳନ, ସ୍ଥାନ: କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ଶ୍ରୀ ପାତାଳେଶ୍ୱର ମହାଦେବ ମନ୍ଦିର, ସମୟ: ସକାଳ ୮ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼, ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ମହାଶିବରାତ୍ରି ଅବସରରେ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବ୍ଲକ ନିକିତିମାଲ ଗ୍ରାମର ସିଦ୍ଧେଶ୍ୱର ଶିବ ମନ୍ଦିର ନିକଟ, ସମୟ: ସନ୍ଧ୍ୟା ୭ଟା।
- ଝାଡ଼େଶ୍ୱର ଶିବ ମନ୍ଦିରରେ ଅନ୍ନପ୍ରସାଦ ବଣ୍ଟନ, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବ୍ରାହ୍ମଣ ବାଳକଙ୍କ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଶୈବ ପୀଠ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଶିବରାତ୍ରି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ମା'ପଞ୍ଚେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଚଣ୍ଡିପୂଜା ଓ ହୋମ ଯଜ୍ଞ, ସ୍ଥାନ: ବୀରମହାରାଜପୁର, ଭୁଦୋବର ଗ୍ରାମ, ସମୟ: ସକାଳ ୮ଟା ୩୦।
- ମା' ମଙ୍ଗଳା ମଉଳି କ୍ରିକେଟ କପର ତୃତୀୟ ଦିବସ, ସ୍ଥାନ: କଦଳୀପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୧୩ ତମ ମା' ମାହେଶ୍ୱରୀ କ୍ରିକେଟ କପ୍‌ର ଫାଇନାଲ, ସ୍ଥାନ: ବଡବର୍ଡାକଟା ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳା ଇଙ୍କ୍‌ଫେଷ୍ଟର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ସୁବର୍ଣ୍ଣପୁର ରୟାଲ ପଡିଆ, ସମୟ: ଅପରାହ୍ନା ୫ଟା।
- ଶିବରାତ୍ରୀ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କେଶଲଗା ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ମହାଶିବରାତ୍ରି ପାଳନ, ସ୍ଥାନ: ପଟୋରା ଯୋଗେଶ୍ୱର ମନ୍ଦିର, ଶୁକ୍ଳିମୁଣ୍ଡି ସିଦ୍ଧେଶ୍ୱର ବାବା, ବୃଦ୍ଧିକୋମନା ପାତାଳେଶ୍ୱର ମନ୍ଦିର, ଧରମପୁର ଶିବ ମନ୍ଦିର, ଧରମସାଗର ଧବଳେଶ୍ୱର ମନ୍ଦିର, ଦିଆମୁଣ୍ଡା ଶିବ ମନ୍ଦିର, ତରବୋଡ ଶିବ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ରୁ ରାତି ୧୨ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଷଷ୍ଠ ଦିବସ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ସକାଳ ୮ଟା ୩୦ରୁ ଅପରାହ୍ନ ୪ଟା।
- ତୃତୀୟବର୍ଷ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ସକାଳ ୮ଟା ୪୫।
- ମହାଶିବରାତ୍ରି ଉପଲକ୍ଷେ ଭାଗବତ ଓ ରାମାୟଣ କଥା, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଝାଡ଼େଶ୍ୱର ବାବାଙ୍କ ଅଭିଷେକ ଓ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ସମୟ, ପ୍ରାତଃ ୫ଟା।
- ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ମଣ୍ଡଳିଆ କ୍ରିକେଟ ପଡ଼ିଆ, ବ୍ରଜରାଜନଗର, ସମୟ, ପୂର୍ବାହ୍ନ ୧୧ଟା।
- ମହାଶିବରାତ୍ରି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ ମରାକୁଟା ଶିବ ମନ୍ଦିର ପରିସର, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମଭାବସ୍ଥ ଚନ୍ଦ୍ରମଙ୍ଗଳଯାଗ ଆପଣଙ୍କୁ ଧୈର୍ଯ୍ୟର ସହ କାମ ହାସଲ ଦିଗରେ ସାହାଯ୍ୟ କରିବ। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ। ଅଶ୍ୱିନୀ ନକ୍ଷତ୍ରର ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ସଞ୍ଚିତ ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇ ଯାଇପାରେ।

**ବୃଷ** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ରବଳ ପ୍ରଭାବରୁ କୌଣସି କାମରେ ପଛକୁ ଫେରିବେ ନାହିଁ। ରୋହିଣୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଭଲରେ ଚାଲିବ ଏବଂ ଲାଭବାନ୍ ହେବେ। ବନ୍ଧୁମିଳନ ସାଙ୍ଗକୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବହନରେ ସାଧାରଣ କଥାରେ ଝଗଡ଼ା କିମ୍ବା ତଜ୍ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** ସମ୍ପର୍କୀୟଙ୍କ ବିରୋଧ ମଧ୍ୟରେ ମୃଗଶିରା ନକ୍ଷତ୍ର ସକାଶେ ଆଶା ଓ ଅଭିଳାଷ ପୂରଣ ହେବ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଛୋଟ କଥାକୁ କେନ୍ଦ୍ର କରି ସମ୍ପର୍କହାନି ଘଟିପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକମାନଙ୍କ ଶୁଭକାମନାରୁ ଲକ୍ଷ୍ୟ ପୂରଣ ହୋଇପାରିବ।

**କର୍କଟ** କର୍ମକ୍ଷେତ୍ରରେ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଯାତ୍ରା ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିପାରିବାରୁ ଟେନସନ୍ କମିଯିବ। ପାରିବାରିକ ସମସ୍ୟା ସମାଧାନରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ଅଶ୍ଳେଷାର ସଭାସମିତିରେ ତର୍କ ବୃଦ୍ଧି ପାଇବାରୁ ଆଲୋଚନା ଅମୀମାଂସିତ ରହିପାରେ।

**ସିଂହ** ମଘା ନକ୍ଷତ୍ର ନିକଟସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ କରିବେ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମ ତ୍ୱରାନ୍ୱିତ କରିବାରେ ସଫଳ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ, ସୁନ୍ଦର କରିବ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ଏବଂ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଜିର ଯାତ୍ରା, କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ଭଲ ରହିବ। ଭୁଲ୍ ବୁଝାମଣା ହେତୁ ଆତ୍ମୀୟଙ୍କ ଅସହଯୋଗ ଯୋଗୁ ଦୁଃଖ ଅନୁଭବ କରିପାରନ୍ତି। ରପ୍ତାନି ବାଣିଜ୍ୟ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପରିବାରର ଖର୍ଚ୍ଚ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି ।

**ତୁଳା** କାର୍ଯ୍ୟହାନି କାରଣରୁ ସ୍ୱାତୀ ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଟେନ୍‌ସନ ଲାଗିରହିବ। ଆକସ୍ମିକ ଭାବରେ ରାସ୍ତାରେ ଯିବା ସମୟରେ ବନ୍ଧୁ ସମ୍ପର୍କ ସ୍ଥାପନ ହେବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍ ସଙ୍ଗୀଙ୍କ ପ୍ରେରଣା ମିଳିପାରେ।

**ବିଛା** ଆଜି ଅନୁରାଧା ନକ୍ଷତ୍ର କେତେକ ନୂତନ ଯୋଜନା ପ୍ରସ୍ତୁତ ସଫଳ ହେବେ। ଜମିଜମା, ଗୃହସୀମା, ଧାରକରଜ ତଥା ବିବାଦୀୟ ଘଟଣା କ୍ଷେତ୍ରରେ ସମାଧାନ ଯୋଗୁ ଖୁସି ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ବାରମ୍ବାର ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଯୋଗୁ ମନ ଚାହୁଁଥିବା ପ୍ରକାରେ କେତେକ କାର୍ଯ୍ୟ ସମ୍ପନ୍ନ କରିପାରିବେ ନାହିଁ। ନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିବ।

**ମକର** ମାନସିକ ଅସ୍ଥିରତା ଲାଗି ରହୁଥିବାରୁ କାମରେ ମନ ଲାଗିବ ନାହିଁ। କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** ଆଜି ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବେ। ଶତଭିଷା ନକ୍ଷତ୍ର ନୂତନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇ ଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ମନସ୍ତାପ କରିବାକୁ ପଡ଼ିପାରେ।

**ମୀନ** ଆଜି ପୂର୍ବଭାଦ୍ର ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗ ନିରର୍ଥକ ମନେହେବ। ବ୍ୟବସାୟରେ ଲାଭ ମିଳିବ ଏବଂ ଅନ୍ୟ ଏକ ଉଦ୍ଦେଶ୍ୟରେ ତାହାକୁ ବିନିଯୋଗ କରିବେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

ଆଜି ସ୍ମାର୍ତ୍ତସମ୍ମତ ମହାଶିବରାତ୍ରି, ଶ୍ରୀଲୋକନାଥ ମନ୍ଦିରରେ ହରିହର ଭେଟ, ଅପରାହ୍ନ ଘ.୦୫।୦୫ମି. ପର୍ଯ୍ୟନ୍ତ ତ୍ରୟୋଦଶୀ ତିଥି, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଫେବୃଆରୀ ୧୫ ତାରିଖ ରବିବାର। ରାଶିନକ୍ଷତ୍ର–ଉତ୍ତରାଷାଢ଼ା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୯ ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୬ମି. ଗତେ, ଘ.୦୫।୪୨ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଇଲିଶି ମାଛର କଣ୍ଟା ସାର।**

ସାଧାରଣତଃ ଇଲିଶି ମାଛ ଖାଇବାକୁ ବେଶ୍ ରୁଚିକର ଲାଗିଥାଏ। ତେବେ ଏହି ମାଛରେ ଅତ୍ୟଧିକ କଣ୍ଟା ରହୁଥିବାରୁ ଏହାକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଇକାନୁ ସେ କାନ ନଇ ହେବା।**

କୌଣସି ଗୋପନୀୟ କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ଉଚିତ୍ ହୋଇ ନ ଥାଏ। କାରଣ ଅନ୍ୟ ଆଗରେ ପ୍ରକାଶ କରିଦେଲେ ତାହା ସମୟକ୍ରମେ ଏ କାନରୁ ସେ କାନ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ। ସେହି ଦୃଷ୍ଟିରୁ ଗୁପ୍ତ କଥାକୁ ଅନ୍ୟ ଆଗରେ କେବେ ପ୍ରକାଶ ନ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବିବାହ କଥା କେବଳ ଗୁଜବ : ମୃଣାଳ



ମୃଣାଳ ଠାକୁର

ବଲିଉଡ୍‌ରୁ ଆରମ୍ଭକରି ଦକ୍ଷିଣ ଭାରତୀୟ ସିନେମାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ମୃଣାଳ ଠାକୁର। ଏବେ କିନ୍ତୁ ସେ ସିନେମା କମ୍, ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ଅଛନ୍ତି। ବିଶେଷ କରି ସାଉଥ୍ ସୁପରଷ୍ଟାର ଧନୁଷ୍‌ଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଏବଂ ବିବାହକୁ ନେଇ ସୋସିଆଲ ମିଡିଆରେ କିଛିଦିନ ଚର୍ଚ୍ଚା ଚାଲିଛି। ମାତ୍ର ଏ ପ୍ରସଙ୍ଗରେ ନୀରବତା ଭାଙ୍ଗିଛନ୍ତି ମୃଣାଳ। ମୋ ବିବାହ ଚର୍ଚ୍ଚା କେବଳ ଗୁଜବ ବୋଲି ସେ କହିଛନ୍ତି। ଏକ ନ୍ୟୁଜ୍ ଏଜେନ୍ସିକୁ ଦେଇଥିବା ସାକ୍ଷାତ୍‌କାରରେ ମୃଣାଳ ସ୍ପଷ୍ଟ କରିଛନ୍ତି, ବିବାହ ପାଇଁ ସେ ତରବର ହେଉନାହାନ୍ତି। ଯେତେବେଳେ ଠିକ୍ ସମୟ ଆସିବ ଆଉ ଉପଯୁକ୍ତ ବ୍ୟକ୍ତି ମିଳିବେ, ସେତେବେଳେ ସେ ନିଶ୍ଚୟ ବିବାହ କରିବେ। ଯେଉଁଦିନ ତାଙ୍କର ବିବାହ ଠିକ୍ ହେବ, ସେ ନିଜେ ସୋସିଆଲ ମିଡିଆ ମାଧ୍ୟମରେ ସମସ୍ତଙ୍କୁ ଜଣାଇବେ। ତେବେ ଧନୁଷଙ୍କୁ ସେ ସବୁବେଳେ ନିଜର ଜଣେ ଭଲ ବନ୍ଧୁ ବୋଲି କହି ଆସିଛନ୍ତି। ମୃଣାଳ 'ଦୋ ଦିୱାନେ ସେହେର ମେ'ରେ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି। ସଞ୍ଜୟ ଲୀଳା ଭଂଶାଲୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ରବି ଉଦୟଭର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଶଂସକମାନେ ପ୍ରଥମ ଥର ପାଇଁ ସିଦ୍ଧାନ୍ତ ଏବଂ ମୃଣାଳଙ୍କ ଯୋଡ଼ିକୁ ଦେଖିବା ପାଇଁ ଢେର ଉତ୍ସାହିତ ଅଛନ୍ତି। ଫେବୃଆରୀ ୨୦ରେ ଏହାର ରିଲିଜ ହେବ ବୋଲି ପୂର୍ବରୁ ଘୋଷଣା ହୋଇଛି। ତେବେ ବର୍ତ୍ତମାନ କ୍ୟାରିୟର ଉପରେ ଧ୍ୟାନ ଦେଉଛି, ବିବାହ କଥା ସମ୍ପୂର୍ଣ୍ଣ ଗୁଜବ ବୋଲି ମୃଣାଳ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭାରତ-ପାକିସ୍ତାନ ...

ଏଥିରେ ସୁନ୍ଦର ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଖେଳାଇବାକୁ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରିପାରେ। ଯଦି କୁଲଦୀପଙ୍କୁ ସୁଯୋଗ ମିଳେ ତେବେ ଜଣେ ବ୍ୟାଟର ବାହାରେ ବସିପାରନ୍ତି। ରିଙ୍କୁ ସିଂ ଏହାର ଶିକାର ହୋଇପାରନ୍ତି। ଏବେ ଭାରତକୁ କେବଳ ମିଡିଲ ଅର୍ଡରରେ ସ୍ଥିର ପ୍ରଦର୍ଶନ ଦେବାକୁ ହେବ। ଆମେରିକାର ବିପକ୍ଷ ମ୍ୟାଚରେ ଭାରତ ଏକଦା ୭୭ ରନ ମଧ୍ୟରେ ୬ ଉଇକେଟ ହରାଇଥିଲା। ସେହିପରି ନାମ୍ବିଆ ବିପକ୍ଷ ଡେଥ୍ ଓଭରରେ ଦଳ ଶୀଘ୍ର ୫ ଉଇକେଟ ହରାଇଥିଲା। ପ୍ରଥମ ୨ଟି ମ୍ୟାଚରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତକୁ ସଙ୍କଟଜନକ ପରିସ୍ଥିତିରୁ ଉଦ୍ଧାର କରିଛନ୍ତି। ମାତ୍ର ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତକୁ ଦଳଗତ ପ୍ରଦର୍ଶନ ଦେବାକୁ ହେବ। ପାକିସ୍ତାନ ଟୁର୍ନାମେଣ୍ଟ ଆରମ୍ଭରୁ କଲମ୍ବୋରେ ଖେଳି ଆସୁଛି। ତେଣୁ ଏଠାକାର ପିଚ୍ ଓ ପରିବେଶ ସହିତ ଏହି ଦଳ ଅଧିକ ଅଭ୍ୟସ୍ତ ହୋଇଛି। ପାକିସ୍ତାନ ଦଳରେ ଉସମାନ ତାରିକ, ସଇମ ଆୟୁବ, ଆବ୍ରାର ଅହମଦ, ଶାଦବ ଖାଁ ଓ ମହମ୍ମଦ ନୱାଜଙ୍କ ରୂପରେ ୫ ଜଣ ଦକ୍ଷ ସ୍ପିନର ଅଛନ୍ତି। ସେହିପରି ବ୍ୟାଟିଂ ବିଭାଗରେ ଶାହିବଜାଦା ଫରହାନ, ଆୟୁବ ଓ ଅଲ୍‌ରାଉଣ୍ଡର ଫହିମ ଅଶ୍ରଫ ଭଲ ଫର୍ମରେ ଅଛନ୍ତି। ନେଦରଲାଣ୍ଡ୍ସ ଓ ଆମେରିକା ବିପକ୍ଷରେ ବିଜୟୀ ହୋଇଥିବା ପାକିସ୍ତାନ କିନ୍ତୁ ଭାରତ ବିପକ୍ଷରେ କ୍ୱାଲିଟି ବୋଲିଂର ସମ୍ମୁଖୀନ ହେବ। ଯଶପ୍ରୀତ୍ ବୁମ୍‌ରାଙ୍କଠାରୁ ଆରମ୍ଭ କରି ବରୁଣ ଚକ୍ରବର୍ତ୍ତୀଙ୍କ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆରେ ଅନେକ ମ୍ୟାଚ ବିଜୟୀ ବୋଲର ଅଛନ୍ତି। ଏପରି କି ଶିବମ ଦୁବେଙ୍କ ବୋଲିଂରେ ମଧ୍ୟ ଅନେକ ଉନ୍ନତି ଘଟିଛି। ଏହା ଦଳରେ ସନ୍ତୁଳନ ଆଣିବ।

### ବର୍ଷା ଆଶଙ୍କା

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇଥିବାନେଇ ଶ୍ରୀଲଙ୍କା ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଫଳରେ ଖେତରାମା ଅଞ୍ଚଳରେ ବର୍ଷା ହେବାର ୭୦ ପ୍ରତିଶତ ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି।

### ପ୍ରେମିକାଙ୍କ ସ୍ୱାମୀଙ୍କୁ ...

ରିଜ୍‌ୱାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ତାଙ୍କ ସହଯୋଗୀ ସାଗର ଗିନେଙ୍କୁ ମଧ୍ୟ ଜେରା କରାଯାଇଥିଲା। ଜେରାବେଳେ ସାଗର ସବୁ କଥା ପୋଲିସ ଆଗରେ ମାନିଯାଇଥିଲେ। ସେ କହିଥିଲେ, ରିଜ୍‌ୱାନ ନାସିରଙ୍କ ସ୍ତ୍ରୀଙ୍କୁ ଭଲ ପାଉଥିଲେ। ରିଜ୍‌ୱାନ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଥିବାରୁ ନାସିରଙ୍କୁ ଏହା ଉପରେ ଆଲୋଚନା ପାଇଁ ଏକ ନିଛାଟିଆ ସ୍ଥାନକୁ ଡାକିଥିଲେ। ସେଠାରେ ଦୁହେଁ ନାସିରଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ୩ ଖଣ୍ଡ କରି କେନାଲରେ ଫିଙ୍ଗିଦେଇଥିବା ସେ କହିଥିଲେ। ଇତିମଧ୍ୟରେ ସ୍ଥାନୀୟ ଲୋକେ ଦେଢ଼ଘଣ୍ଟା ଧରି ରାସ୍ତା ଅବରୋଧ କରିବା ସହ ପୋଲିସ ବିରୋଧରେ ବିକ୍ଷୋଭ କରିଥିଲେ। ଜନାକ୍ରୋଶ ବଢୁଥିବା ଦେଖି ପୋଲିସ ଅଭିଯୁକ୍ତ ବିଏଲ୍‌ଓ ରିଜ୍‌ୱାନ ଓ ତାଙ୍କ ସହଯୋଗୀ ସାଗରଙ୍କୁ ଗିରଫ କରିଛି।

DHARITRI
ଧରିତ୍ରୀ
ଭୁବନେଶ୍ୱର, ରବିବାର, ଫେବୃଆରୀ ୧୫/୨୦୨୬ | Bhubaneswar, Sunday, February 15/2026




କୋରାପୁଟ ଜିଲା ମାଡ଼କାର ଗ୍ରାମରେ ଆନ୍ଧ୍ରପ୍ରଦେଶର ଅଧିକାରୀମାନେ ଲୋକଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ବଜେଟ ଚିଠା ପ୍ରସ୍ତାବକୁ ମନ୍ତ୍ରୀ ପରିଷଦରେ ମଞ୍ଜୁରୀ

**ଆସିପାରେ ୩.୧୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ**

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)

ରାଜ୍ୟ ବଜେଟ ଅଧିବେଶନ ଆସନ୍ତା ୧୭ ତାରିଖରୁ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥର ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବଜେଟ୍ ଆଗତ କରିବେ। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ସନ୍ଧ୍ୟା ୭ଟା ୧୦ରେ ଲୋକସଭା ଭବନର ୩ୟ ମହଲା ସମ୍ମିଳନୀ କକ୍ଷଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପରିଷଦ ବୈଠକ ପ୍ରାୟ ଦେଢ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏହି ଅବସରରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଚିଠା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବିଶ୍ୱସ୍ତସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ରାଜ୍ୟ ସରକାର ଆଣିବାକୁ ଥିବା ପ୍ରାୟ ୩ ଲକ୍ଷ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ ଆଣିବେ ବୋଲି ଜଣାପଡ଼ିଛି। ଏନେଇ ବିସ୍ତୃତ ଭାବେ ମନ୍ତ୍ରୀ ପରିଷଦ ବୈଠକରେ ଆଲୋଚନା ହେବା ସହ ଏ ସମ୍ପର୍କିତ ଚିଠା ପ୍ରସ୍ତାବ ଉପରେ ମୋହର ବାଜିଛି।

ଚଳିତ ବର୍ଷର ବଜେଟ ସରକାର ଏବଂ ଶାସକ ଦଳ ପାଇଁ ବହୁ ଗୁରୁତ୍ୱ ରଖିବ। ଆସନ୍ତା ବର୍ଷ ଆରମ୍ଭରୁ ଉଭୟ ପଞ୍ଚାୟତିରାଜ ଏବଂ ଘୋଷଣା ହୋଇଥିବା ନୂଆ ଏନ୍ଏସି ଓ ମ୍ୟୁନିସିପାଲିଟିଗୁଡିକରେ ଭୋଟ ହେବ। ତେଣୁ ବଜେଟରେ ସବୁ ଲୋକଙ୍କୁ ଖୁସିକରିବା ଭଳି ଯୋଜନା ସରକାର ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ୨୦୨୫-୨୬ ତୁଳନାରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ବଡ କରାଯାଇଛି। ମୁଖ୍ୟତଃ ଆସନ୍ତା ଆର୍ଥିକ ବର୍ଷ ବଜେଟରେ ସୂଚନା ପ୍ରଯୁକ୍ତିବିଦ୍ୟା, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, କୃଷି ଏବଂ ☞ପୃଷ୍ଠା-୧୦

# କୋଟିଆରେ ଆନ୍ଧ୍ରର ସର୍ଭେ

**ବାଣ୍ଟିବ ପିଏମ୍ କିଷାନ କାର୍ଡ**

ପଟ୍ଟାଙ୍ଗି,୧୪।୨(ଶରତ କୁମାର ଧଳ)

ତାଗିଦ ସତ୍ତ୍ୱେ ଶୁଣୁନାହିଁ ଆନ୍ଧ୍ର ପ୍ରଶାସନ। ବାରମ୍ବାର କରୁଛି ଅନୁପ୍ରବେଶ। ଶନିବାର ପୁଣି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ସୀମାନ୍ତ ମାଡକାର ଗ୍ରାମରେ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍ ମାନ୍ୟାମ୍ ଜିଲାର ସାଲୁର ବ୍ଲକ୍ କୃଷି ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ଏକାଠି କରିଥିଲେ। ଗ୍ରାମବାସୀଙ୍କ ଆଧାର କାର୍ଡ ଯାଞ୍ଚକରି ପିଏମ୍ କିଷାନ କାର୍ଡ ପ୍ରଦାନ ପାଇଁ ସର୍ଭେ କରିଥିବା ଜଣାପଡ଼ିଛି।

ମାଡ଼କାର ଗ୍ରାମର ଚାଷୀଙ୍କୁ ଉଭୟ ଓଡ଼ିଶା ଓ ଆନ୍ଧ୍ର ପକ୍ଷରୁ ପିଏମ୍ କିଷାନ କାର୍ଡ ଯୋଗାଇବା ପାଇଁ ସର୍ଭେ କରିଛନ୍ତି। ଆନ୍ଧ୍ର ପକ୍ଷରୁ ମିଳୁଥିବା କାର୍ଡରେ ୩ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ଓଡ଼ିଶା କାର୍ଡରେ ବର୍ଷକୁ ତିନୋଟି ପର୍ଯ୍ୟାୟରେ ୧୦ହଜାର ଟଙ୍କା ଆର୍ଥିକ ସହାୟତା ମିଳୁଛି। ତେଣୁ ସୀମାନ୍ତ ଗ୍ରାମବାସୀ ଆନ୍ଧ୍ର ପକ୍ଷରୁ ମିଳୁଥିବା କାର୍ଡ ନେବାକୁ ତତ୍ପରତା ଦେଖାଉଛନ୍ତି। ଆନ୍ଧ୍ରର ବିଭିନ୍ନ ସରକାରୀ କର୍ମଚାରୀ ନିୟମିତ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ପରିଦର୍ଶନ କରି ନିଜ ବିଭାଗର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଉଥିବାବେଳେ ଓଡ଼ିଶାର ପ୍ରଶାସନ ସେଭଳି କିଛି ପଦକ୍ଷେପ ନେଉ ନ ଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ତେଣୁ ଆନ୍ଧ୍ର ପ୍ରତି ସୀମାନ୍ତବାସୀ ଢଳୁଥିବା ଅଭିଯୋଗ ହେଉଛି। ଉକ୍ତ ପଞ୍ଚାୟତରେ ଏବେ ମଧ୍ୟ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ୮ ମାସ ହେଲା କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। ବର୍ତ୍ତମାନ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ପକ୍ଷରୁ ୫ଟି ଗାଁ ପାଇଁ ୨୫ଲକ୍ଷ ଟଙ୍କା ଅନୁଦାନ ଆସିଛି। ପଞ୍ଚାୟତର ଏହିପରି କାର୍ଯ୍ୟକ୍ରମକୁ ଦେଖି ସୀମାନ୍ତବାସୀ ଆନ୍ଧ୍ର ଆଡ଼କୁ ଢଳୁଛନ୍ତି ବୋଲି ସରପଞ୍ଚ ଲିଉ ଗେମେଲ କହିଛନ୍ତି।

# ଚୋର ସନ୍ଦେହ: ଯୁବକଙ୍କୁ ପିଟି ହତ୍ୟା

**୨୦ ଗିରଫ, ଭୟରେ ଗାଁ ପୁରୁଷଶୂନ୍ୟ**

ଭଞ୍ଜନଗର,୧୪।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସାର୍ଦ୍ଦୁଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅମାନବୀୟ ଘଟଣା ଘଟିଛି। ଚୋର ସନ୍ଦେହରେ ଗ୍ରାମର କେତେଜଣ ଲୋକ ଜଣେ ଯୁବକଙ୍କୁ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଉଛନ୍ତି ବାଣଧର ପ୍ରଧାନ(୪୦)। ତାଙ୍କ ଘର କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅନ୍ତର୍ଗତ କୁରୁମୁଙ୍ଗିଆ ଗ୍ରାମରେ ବୋଲି ଜଣାପଡ଼ିଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ୨୦ ଜଣଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଏଥିରେ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଗ୍ରାମରେ ଉତ୍ତେଜନା ଆଶଙ୍କାରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଅତିରିକ୍ତ ଏସ୍‌ପି ରଞ୍ଜନ ଦେ କହିଛନ୍ତି।

ଘଟଣାରୁ ପ୍ରକାଶ, ଶୁକ୍ରବାର ରାତିପ୍ରାୟ ୧ଟାରୁ ୨ଟା ମଧ୍ୟରେ କେତେଜଣ ଦୁର୍ବୃତ୍ତ ସାର୍ଦ୍ଦୁଳ ଗାଁକୁ ଚୋରି କରିବାକୁ ଯାଇଥିଲେ।



ମୃତ ବାଣଧର ପ୍ରଧାନ

ସୁଶାନ୍ତ ଗୌଡ଼ଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଘରେ ଥିବା ବିଭିନ୍ନ ଜିନିଷ ଭଙ୍ଗାଭାଙ୍ଗି କରିବାବେଳେ ଶବ୍ଦ ଶୁଣି ପଡ଼ିଶା ଲୋକେ ଉଠିପଡ଼ି ହୋହଲ୍ଲା କରିଥିଲେ। ଏହି ସମୟରେ କେତେଜଣ ଦୌଡ଼ି ପଳାଇଥିଲେ। ମାତ୍ର ବାଣଧର ଦୌଡ଼ି ଯାଇପାରି ନ ଥିଲେ। ଗ୍ରାମବାସୀ ବାଣଧରଙ୍କୁ କାବୁକରି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପରେ ଗ୍ରାମବାସୀ ବାଣଧରଙ୍କୁ ଆଖିବୁଜା ମାଡ଼ ମାରିଥିଲେ। ତାଙ୍କ ହାତ ଓ ଗୋଡ଼ର ଦୁଇଟି ନଖକୁ ଗ୍ରାମବାସୀ ଉପାଡ଼ି ଦେଇଥିଲେ। ମାଡ଼ ମାରି ଗୋଡ ଭାଙ୍ଗିଦେଇଥିଲେ। ରାତିସାରା ଲୋକଙ୍କଠାରୁ ମାଡ଼ ଖାଇ ବାଣଧର ଅଚେତ ହୋଇପଡ଼ିଥିଲେ। ଶନିବାର ସକାଳେ ଏନେଇ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଣଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଭଞ୍ଜନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାଣଧରଙ୍କ ମୃତ୍ୟୁ ଘଟିଛି। ପୋଲିସ ନଂ. ୧୪୫/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅତିରିକ୍ତ ଏସ୍‌ପି ଦେ, ଏସ୍‌ଡିପିଓ ଡ. ଦୀପକ ମିଶ୍ର, ଆଇଆଇସି ଜୀବନାନନ୍ଦ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଲୋକମାନଙ୍କୁ ଚିହ୍ନଟ କରିଥିଲେ। ଚୋରି କରିବାକୁ ଆସିଥିବା ଯୁବକଙ୍କୁ ପୋଲିସ ଜିମା ନ ଦେଇ ଆଇନକୁ ହାତକୁ ନେଇଥିବା ସମସ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ଦୁର୍ବୃତ୍ତମାନେ ଘରେ ପଶି ଚୋରି ଉଦ୍ୟମ କରିଥିବାନେଇ ସୁଶାନ୍ତ ଶନିବାର ସନ୍ଧ୍ୟାରେ ଭଞ୍ଜନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଢେଙ୍କାନାଳରୁ ଲଣ୍ଡନ ଗଲା ସାରୁ, ଅମୃତଭଣ୍ଡା



ମହିଳାମାନେ ସାରୁ ସଂଗ୍ରହ କରି ରଖୁଛନ୍ତି।

ଢେଙ୍କାନାଳ,୧୪।୨(ରତନ ନାୟାର

ପ୍ରଥମଥର ପାଇଁ ଢେଙ୍କାନାଳରୁ ମୁଣ୍ଡା ସାରୁ ଓ ସବୁଜ ଅମୃତଭଣ୍ଡା ଲଣ୍ଡନକୁ ରପ୍ତାନି ହୋଇଛି। ୪ କୁଇଣ୍ଟାଲ ମୁଣ୍ଡା ସାରୁ ପଠାଯାଇଛି। ସପ୍ତଶଯ୍ୟା କୃଷି ଉତ୍ପାଦକ ସଂଘ ମାଧ୍ୟମରେ ପାଲାଡିୟମ ଏକ୍ସପର୍ଟ ଟିମ୍ ଏହି ସାରୁ ଓ ଅମୃତଭଣ୍ଡାକୁ ଲଣ୍ଡନ ପଠାଇଛି। ଢେଙ୍କାନାଳ ଜିଲା ସଦର ବ୍ଲକ ମଧୁସାହୁପାଟଣା ପଞ୍ଚାୟତ ବିନ୍ଧୋଳ ଗ୍ରାମର ଚାଷୀ ସୂର୍ଯ୍ୟକାନ୍ତ ନାୟକ ଚାଷ କରିଥିବା ୪ କୁଇଣ୍ଟାଲ ସାରୁ ଏବଂ ଓଡ଼ାପଡ଼ା ବ୍ଲକର ଭଅଁରନାଳି ଓ ସଦର ବ୍ଲକ ସାରିଆଁ ଗ୍ରାମରୁ ୧ କୁଇଣ୍ଟାଲ ଅମୃତଭଣ୍ଡା ପଠାଯାଇଛି। ଜିଲା ଉଦ୍ୟାନ କୃଷି ବିଭାଗ ଓ ଜିଲା ପ୍ରଶାସନ ସହଯୋଗରେ ଏହି ପଦକ୍ଷେପ ନିଆଯାଇଛି। ଏହା ଫଳରେ ସ୍ଥାନୀୟ ଅଞ୍ଚଳର ଜନଜାତି ସମ୍ପ୍ରଦାୟର ମହିଳାମାନେ ରୋଜଗାରକ୍ଷମ ହୋଇପାରିଛନ୍ତି ବୋଲି ମହିଳା ଶ୍ରମିକ ଅବଳା ପଧାନ କହିଛନ୍ତି।

# ଭୁଶୁଡ଼ିଲା ନିର୍ମାଣାଧୀନ ମେଟ୍ରୋ ସ୍ଲାବ୍, ଜଣେ ମୃତ

ମୁମ୍ବାଇ,୧୪।୨

ମୁମ୍ବାଇର ମୁଲୁନ୍ଦ ଅଞ୍ଚଳରେ ନିର୍ମାଣାଧୀନ ମେଟ୍ରୋ ରେଳ ପ୍ରକଳ୍ପର ଏକ ସ୍ଲାବ୍ ଶନିବାର ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହେବା ସହିତ ଆଉ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଚାଲିଥିଲା ବେଳେ ଅଚାନକ ଏକ ସ୍ଲାବ୍ ଭୁଶୁଡ଼ି ପଡ଼ି ତଳେ ରହିଥିବା ବହୁ ଗାଡ଼ି ଉପରେ ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ଏକାଧିକ ଲୋକ ଆହତ ହୋଇଥିଲେ। ଆହତ ଲୋକମାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଜଣଙ୍କର ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ନେଇ ସେ ସୁରକ୍ଷା ଦିଗକୁ ନିଶ୍ଚିତ କରିବାକୁ କହିଛନ୍ତି।

# ଚୌଦ୍ୱାର ଜେଲରୁ ଫେରାର କଏଦୀ ମଥୁରାରୁ ଗିରଫ

ଭୁବନେଶ୍ୱର,୧୪।୨(ତ୍ରିନାଥ ମହାନ୍ତି)

ଗତ ଅକ୍ଟୋବର ୨ତାରିଖ ବିଳମ୍ବିତ ରାତିରେ ଚୌଦ୍ୱାର ମଣ୍ଡଳ କାରାଗାରରୁ ଫେରାର ଦୁଇ ଅପରାଧୀଙ୍କ ମଧ୍ୟରୁ ଜଣଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଛି। ହାର୍ଡକୋର ଅପରାଧୀ ମଧୁକାନ୍ତ କୁମାର ରାନାଙ୍କୁ ମଥୁରା ବୃନ୍ଦାବନରୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ଅପରାଧୀ ରାଜା ସାହାଣୀଙ୍କୁ ଗିରଫ ପାଇଁ ସ୍ପେଶାଲ୍ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଶନିବାର ପୋଲିସ ସେବା ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସିଂ କହିଛନ୍ତି, ହାର୍ଡକୋର ଅପରାଧୀ ମଧୁକାନ୍ତଙ୍କୁ ଧରିବାକୁ କଟକ ଯୁପିଡିର ୨୬ ଜଣ ସ୍ପେଶାଲ ଟିମ୍ ଲାଗିଥିଲେ। ଡିଜିଟାଲ ଏଭିଡେନ୍ସ, ମାନବ ସୂଚନା, ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଏହି ଟିମ୍ ସଫଳ ହୋଇଛି। ହେଲେ ଅନ୍ୟତମ ଅପରାଧୀ ରାଜା ଫେରାର ହୋଇଛନ୍ତି। ସେ ପାତାଳରେ ଲୁଚିଥିଲେ ମଧ୍ୟ ଟିମ୍ ତାଙ୍କୁ ଖୁବ୍ ଶୀଘ୍ର ଗିରଫ କରିବ ବୋଲି ପୋଲିସ କମିଶନର କହିଛନ୍ତି। ଅକ୍ଟୋବର ୨-୩ ତାରିଖ ରାତି ୧ଟା ୪୫ରେ ଚୌଦ୍ୱାର ଜେଲରୁ ୨ ଅଭିଯୁକ୍ତ ମଧୁକାନ୍ତ ଏବଂ ରାଜା କମ୍ବଳ ସାହାଯ୍ୟରେ ଜେଲ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ପରେ ଜେଲ ପଛରେ ଥିବା ପାଣିରେ ପଶି ନିକଟ ଟ୍ରେନ୍ ଲାଇନ୍‌କୁ ଯାଇଥିଲେ। ଟ୍ରେନ୍ ଲାଇନରେ ଚାଲିଚାଲି ଏକ ଛୋଟ



ମଧୁକାନ୍ତ କୁମାର ରାନା

**■ ଗେଷ୍ଟ ହାଉସ୍‌ରେ ମଧୁକାନ୍ତ ନାମ ବଦଳାଇ କାମ କରୁଥିଲେ**

ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ପାସେଞ୍ଜର ଟ୍ରେନ୍ ଧରି ପୁରୀ ପଳାଇଥିଲେ। ପୁରୀରେ ବୁଲିବା ସହ ଏକ ଶୌଚାଳୟରେ ଲୁଚିଥିଲେ। କମିଶନରେଟ ପୋଲିସ ସୂଚନାଦାତାଙ୍କୁ ୫୦ ହଜାର ପୁରସ୍କାର ରାଶି ଘୋଷଣା କରିବା ପରେ ଉଭୟଙ୍କୁ ପୁରୀ ଷ୍ଟେଶନରେ କିଛି ଲୋକ ଦେଖି ପୋଲିସକୁ ଫଟୋ ପଠାଇଥିଲେ। ପୋଲିସ ଜାଣିବା ପରେ ସେମାନେ ଟ୍ରେନ୍ ଯୋଗେ ଦିଲ୍ଲୀ ପଳାଇଥିଲେ। ସେଠାରୁ ପୁଣି ବୁଲେଇ ୟୁପି ଏବଂ ବିହାର ଯାଇଥିଲେ। ଧରାପଡ଼ିବା ଭୟରେ ଉଭୟେ ପୁଣି ନେପାଳକୁ ଚାଲିଯାଇଥିଲେ। ସେଠାରେ କିଛିଦିନ ଉଭୟ ରହିବା ପରେ ଗୟାକୁ ଆସିଥିଲେ। ☞ପୃଷ୍ଠା-୧୦

# ସହର ଉନ୍ନତୀକରଣ ପାଇଁ ୧ ଲକ୍ଷ କୋଟି

**କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ**

ନୂଆଦିଲ୍ଲୀ,୧୪।୨(ପି.ଟି.)

ଭାରତର ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଉନ୍ନତୀକରଣ ପାଇଁ କେନ୍ଦ୍ର କ୍ୟାବିନେଟ୍ ମୋଟ ୧ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ସହ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ (ୟୁସିଏଫ୍)କୁ ମଞ୍ଜୁରୀ ପ୍ରଦାନ କରିଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର କହିଛନ୍ତି। ଏହି ଯୋଜନାରେ ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ କେନ୍ଦ୍ରୀୟ ସହାୟତା ଭାବେ ଯୋଗାଇ ଦିଆଯିବା ସହ ବ୍ୟୟର ଅନ୍ୟୂନ ୫୦ ପ୍ରତିଶତ ମାର୍କେଟରୁ ସଂଗ୍ରହ କରାଯିବ। ଫଳରେ ଆଗାମୀ ୫ ବର୍ଷରେ ସହରାଞ୍ଚଳ ସେକ୍ଟରଗୁଡ଼ିକରେ ମୋଟ ୪ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ। ଦେଶର ସହରାଞ୍ଚଳ ନୂଆ ବିକାଶ ଅଭିମୁଖ୍ୟରେ ଏହା ଏକ ମୌଳିକ ପରିବର୍ତ୍ତନ, ଯାହା କେବଳ ସରକାରୀ ଅନୁଦାନ ଉପରେ ନିର୍ଭର ନ କରି ବଜାର ପୁଞ୍ଜି, ନୀତିଗତ ପରିବର୍ତ୍ତନ ଏବଂ ପ୍ରତ୍ୟକ୍ଷ ଫଳାଫଳ ଉପରେ ଗୁରୁତ୍ୱ ଦେଇଥାଏ। ଉନ୍ନତମାନର ସହରୀ ଭିତ୍ତିଭୂମି ନିର୍ମାଣ ପାଇଁ ୟୁସିଏଫ୍ ବଜାର ଆଧାରିତ ପାଣ୍ଠି, ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଏବଂ ନାଗରିକ କୈନ୍ଦ୍ରିକ ସଂସ୍କାରର ବ୍ୟବହାର କରିବ। ଏହି ପାଣ୍ଠିର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ, ଉତ୍ପାଦନକ୍ଷମ, ସମାବେଶୀ ଏବଂ ଜଳବାୟୁ ସମ୍ବେଦନଶୀଳ ସହରାଞ୍ଚଳ ଭିତ୍ତିଭୂମି ଯୋଗାଇଦେବା। ଦେଶର ଆର୍ଥିକ ବିକାଶର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଏକ ବିବୃତିରେ କୁହାଯାଇଛି। ୟୁସିଏଫ୍ ୨୦୨୫-୨୬ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୦୩୩-୩୪ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ।

ଏହା ବ୍ୟତୀତ ବ୍ୟବସାୟରେ ବିନିଯୋଗ ପାଇଁ ପାଣ୍ଠି ଯୋଗାଡ଼ କରିବା ଏବଂ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳକୁ ସହାୟତା ପାଇଁ କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ଷ୍ଟାର୍ଟଅପ୍‌ଗୁଡ଼ିକ ନିମନ୍ତେ ୧୦,୦୦୦ କୋଟି ଟଙ୍କାର ପାଣ୍ଠିକୁ ଅନୁମୋଦନ କରିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ଇନିସିଏଟିଭ୍‌ରେ ଫଣ୍ଡ ଅଫ୍ ଫଣ୍ଡସ୍ (ଏଫ୍‌ଓଏଫ୍) ଯୋଜନାର ଏହା ଦ୍ୱିତୀୟ ପର୍ଯ୍ୟାୟ। ସେହିପରି ୧୮,୫୦୯ କୋଟି ଟଙ୍କା ମୂଲ୍ୟର ୩ଟି ରେଳ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ସେଥିରେ ରହିଛି କସରା-ମନମାଦ, ଦିଲ୍ଲୀ, ଅମ୍ବାଲା ଏବଂ ବେଲାରି-ହୋସାପେଟେ ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳଲାଇନ। ଏହା ରେଳ ପରିବହନ ସାମର୍ଥ୍ୟ ବଢ଼ାଇବା ସହ ସେବା ବିଶ୍ୱସନୀୟତାରେ ଉନ୍ନତି ଆଣିବ।

# ପାରାଦୀପ ବେଳାଭୂମିରେ ବିଷାକ୍ତ ପଫର୍ ମାଛ

ପାରାଦୀପ,୧୪।୨(ଶରତ ରାଉତ)

ପାରାଦୀପ ବତିଘର ପାଖ ସମୁଦ୍ର ବେଳାଭୂମିରେ ଶନିବାର ଏକ ବିରଳ ମାଛ ଦେଖିବାକୁ ମିଳିଛି। ଏହାକୁ ପଫର୍ ମାଛ ବୋଲି ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଜଙ୍ଗଲୀ ଜୀବ ଝିଙ୍କ ଭଳି ଏହି ମାଛର ଦେହସାରା ବିଷାକ୍ତ କଣ୍ଟା ରହିଛି। ବେଳାଭୂମିରୁ ଜଣେ ଅଟୋଚାଳକ ତାକୁ ଦେଖି ଉଦ୍ଧାର କରିଥିଲେ। ପରେ ତାକୁ ବାଲିରେ ପକେଇ ପଳାଇ ଯାଇଥିଲେ। ବେଳାଭୂମିରେ ବହୁ ସଂଖ୍ୟାରେ ପଫର୍ ମାଛ ମରିପଡ଼ିଥିବା ଜଣାପଡ଼ିଛି। ଉକ୍ତ ମାଛ ସମ୍ପର୍କରେ ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ସୁବ୍ରତ କୁମାର ଦାଶଙ୍କୁ ପଚାରିଲେ କୁହନ୍ତି, ଏହି ମାଛଗୁଡ଼ିକ ଗଭୀର ସମୁଦ୍ରରେ ରୁହନ୍ତି। ଏହା ଅତ୍ୟନ୍ତ ବିଷାକ୍ତ ମାଛ। କ୍ୱଚିତ୍ ସମୟରେ ଏହି ମାଛ କୂଳକୁ ଆସିଥାନ୍ତି। ଏହାକୁ ମଣିଷ ଖାଇବା ଅନୁଚିତ। ଏହା ସାଧାରଣତଃ ସୁନ୍ଦରବନ ଅଞ୍ଚଳରେ ଦେଖାଯାଆନ୍ତି। ଓଡ଼ିଶା ଉପକୂଳରେ ଏହି ମାଛ ଦେଖାଯିବା ବିରଳ ବୋଲି ଦାଶ କହିଛନ୍ତି। ଏ ସମ୍ପର୍କରେ ବୋଟ ମାଲିକ ଅରବିନ୍ଦ ସ୍ୱାଇଁ କୁହନ୍ତି, ଏପରି ମାଛ ପାରାଦୀପରେ ପୂର୍ବରୁ କେବେ ଦେଖାଯାଇ ନ ଥିଲା।



ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯେତେ ଯାହା କରିଥିଲେ ସେତିକି ସେ କେବେ କରିପାରି ନ ଥାନ୍ତା । ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ । – ଶ୍ରୀଅରବିନ୍ଦ

ମହାଶିବରାତ୍ରି ଓ ଜାଗର ଉପବାସ



# ଦେଶଭକ୍ତି ଚିନ୍ତା



ଆକାର ପଟେଲ

ଆମ ଦେଶରେ ଜାତୀୟତାବାଦର ଅତ୍ୟଧିକ ଚାହିଦା ରହିଛି, ହେଲେ ସବୁବେଳେ ଏଠାରେ ଏହାର ଅଭାବ ଥିବା ମନେହୁଏ । ମୋ ଜୀବନରେ ଅତିବାହିତ ସବୁ ଦଶନ୍ଧିରେ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ ସହ ତ୍ୟାଗ ବା ଯୋଡ଼ିବା ପାଇଁ କୌଣସି ଦାବି ହୋଇଥିବା ମୁଁ ଜାଣି ନ ଥିଲି । କିନ୍ତୁ ଏବେ ଏହା ହେବା ଉଚିତ ବୋଲି ଆମକୁ କୁହାଯାଉଛି । ଏହି ଗୀତର ଛଅଟି ପଦ ଅଛି ଏବଂ ଆମ ମଧ୍ୟରୁ ଯେଉଁମାନେ ଜାଣିନାହାନ୍ତି ଏବେ ସେମାନଙ୍କୁ ଏହା ମନେରଖିବାକୁ ପଡ଼ିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି, ବନ୍ଦେ ମାତରମ୍ ଗୀତର ଆବୃତ୍ତି ୩ ମିନିଟ୍ ୧୦ ସେକେଣ୍ଡ ହେବା ଆବଶ୍ୟକ । ହେଲେ ଏହାକୁ ଗାଇବା ସ୍ୱେଚ୍ଛାକୃତ ନା ବାଧ୍ୟତାମୂଳକ ତାହା ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇ ନାହିଁ । ଏହି ଦ୍ୱନ୍ଦ୍ୱ ନିର୍ଦ୍ଦେଶର ଶବ୍ଦାବଳୀରୁ ସାମ୍ନାକୁ ଆସିଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆମକୁ କହେ, ସରକାରୀ ଭାବେ ଜାତୀୟ ଗୀତର ବାଦନ ପରିବର୍ତ୍ତେ କେଉଁ ସ୍ଥିତିରେ ଗାନ କରିବାକୁ ଅନୁମତି ଦିଆଯାଇପାରିବ ତାହାର ଏକ ସମ୍ପୂର୍ଣ୍ଣ ତାଲିକା ଦେବା ସମ୍ଭବ ନୁହେଁ । କିନ୍ତୁ ଏହା ଆଉ ଦର୍ଶାଇଛି, ଉପଯୁକ୍ତ ସମ୍ମାନ ସହିତ ଏହା କରାଗଲେ ଗାନରେ କୌଣସି ଆପତ୍ତି ନାହିଁ । ତେବେ ଉପଯୁକ୍ତ ସମ୍ମାନ କ'ଣ ସେ ବିଷୟରେ କୌଣସି ନିର୍ଦ୍ଦେଶାବଳୀ ନାହିଁ । କିନ୍ତୁ ନିଃସନ୍ଦେହ ଯେ, କ'ଣ ଉଲ୍ଲଂଘନ ହେବ ତାହା ଆମେ ଶୀଘ୍ର ଜାଣିପାରିବୁ । ତେବେ ଉଲ୍ଲଂଘନ କିଭଳି ନ ହେବ ସେଥିପାଇଁ ଆମମାନଙ୍କ ମଧ୍ୟରେ ଯେଉଁମାନେ ଅଧିକ ଜାତୀୟତାବାଦୀ ଭାବନା ରଖିଛନ୍ତି, ସେମାନେ ଏଭଳି ବିଚାର ନ ଥିବା ଲୋକଙ୍କୁ ଶିକ୍ଷା ଦେବେ । ଗୀତ ଗାନ କରିବା ସ୍ୱେଚ୍ଛାକୃତ କି ନୁହେଁ ତାହା ଅସ୍ପଷ୍ଟ । ମୋର ଏଭଳି କହିବାର କାରଣ ହେଉଛି ଆଦେଶରେ ଉଲ୍ଲେଖ ରହିଛି ଯେ, ସମ୍ପୂର୍ଣ୍ଣ ଭାବରେ ଆନୁଷ୍ଠାନିକ ହୋଇ ନ ଥିଲେ ବି ଜାତୀୟ ଗୀତ ଗାନ କରାଯାଇପାରିବ, ଯଦିଓ ମନ୍ତ୍ରୀ ଇତ୍ୟାଦିଙ୍କ ଉପସ୍ଥିତିରେ ଏହାର ଗୁରୁତ୍ୱ ଅଧିକ ରହିବ । ଏହା ମଧ୍ୟ କୁହାଯାଇଛି, ସାମୂହିକ ସଂଗୀତ ଗାନ ଇଚ୍ଛିତ ବା ବାଞ୍ଛନୀୟ । ଏଠାରେ ନିର୍ଦ୍ଦେଶରେ ଉଲ୍ଲିଖିତ 'ଇତ୍ୟାଦି' ଶବ୍ଦରେ କେଉଁମାନେ ସାମିଲ ଅଛନ୍ତି ଏବଂ କାହାକୁ ବାଦ୍ ଦିଆଯାଇଛି ? 'ବାଞ୍ଛନୀୟ'ର ପ୍ରକୃତ ମାନେ କ'ଣ ? ତେବେ 'ଗାନ କରାଯାଇପାରେ' ଏବଂ 'ଇଚ୍ଛିତ' ଶବ୍ଦ ସ୍ୱେଚ୍ଛାକୃତ କାର୍ଯ୍ୟର ସୂଚକ ଏବଂ କେହି ଯଦି ଏହାର ବ୍ୟାଖ୍ୟା କରନ୍ତି ତେବେ ବାସ୍ତବରେ କ'ଣ ଘଟିବ ତାହା ଆମେ ଜାଣିପାରିବା । କିନ୍ତୁ ଶେଷରେ ଏହା ମୂଳ ବିଷୟରୁ ଦୂରେଇ ଯାଇଛି । ମୁଖ୍ୟ କଥା ହେଉଛି, ଆମ ଦେଶରେ ସର୍ବଦା ଜାତୀୟତାର ଅଭାବ ରହିଛି ଏବଂ ଏହି ନିର୍ଦ୍ଦେଶରେ ଅଭାବ ପୂରଣ କରାଯାଇପାରିବ ସରକାର ମନେ କରିଛନ୍ତି । ଏହି ପ୍ରକାର ବିଷୟ ମଧ୍ୟ ଘଟିଥିବା ଇତିହାସ ଆମକୁ କହେ ।

୫୦ ବର୍ଷ ପୂର୍ବେ, ୧୯୭୬ରେ, ତତ୍କାଳୀନ ସରକାର ସମ୍ବିଧାନରେ 'ମୌଳିକ କର୍ତ୍ତବ୍ୟ' ଯୋଡ଼ିଥିଲେ । ଧର୍ମୀୟ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ବର୍ଗୀୟ ବିବିଧତାର ଉପରକୁ ଉଠି ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସମନ୍ୱୟ ଏବଂ ଭାଇଚାରା ଭାବନାକୁ ପ୍ରୋତ୍ସାହିତ କରିବା ; ମହିଳାମାନଙ୍କ ମର୍ଯ୍ୟାଦା ପ୍ରତି ଅପମାନଜନକ ପ୍ରଥାଗୁଡ଼ିକୁ ପରିତ୍ୟାଗ କରିବା ଲାଗି ଏହି କର୍ତ୍ତବ୍ୟଗୁଡ଼ିକ ଉଦ୍ଦିଷ୍ଟ । ଏହା ଘଟିଛି ବୋଲି କିଏ ଅସ୍ୱୀକାର କରିପାରିବେ ? ଯଦି ଏହିସବୁ ନିର୍ଦ୍ଦେଶ ଆମ ପାଖକୁ ଆସି ନ ଥାନ୍ତା, ତେବେ ଭାରତ ଭାଇଚାରା ଏବଂ ମହିଳାମାନଙ୍କ ସୁରକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ଉଦାହରଣ ହୋଇପାରି ନ ଥାନ୍ତା । କର୍ତ୍ତବ୍ୟ ତାଲିକାରେ ଅଛି, ଜଙ୍ଗଲ, ହ୍ରଦ, ନଦୀ ଏବଂ ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ବିକାଶ କରିବା ଏବଂ ଜୀବଜନ୍ତୁଙ୍କ ପ୍ରତି ଦୟା ଭାବ ରଖିବା । ଏହାସହ ଏଥିରେ ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧାନ ଏବଂ ସଂସ୍କାରର ଭାବନା ବିକଶିତ କରିବା ମଧ୍ୟ ରହିଛି, ଯାହା ମୋର ପ୍ରିୟ । ଏହି କର୍ତ୍ତବ୍ୟଗୁଡ଼ିକୁ ଯୋଡ଼ା ଯାଇଥିଲା କାରଣ ୧୯୭୬ରେ ଜାତୀୟତାବାଦର ଚାହିଦା ଅଧିକ ଥିଲା ଏବଂ ଅଭାବ ବି ଥିଲା, ଯାହା ବର୍ତ୍ତମାନ ସ୍ଥିତିରେ ଦେଖାଯାଇଛି । ଏବକାର ବ୍ୟବସ୍ଥାର ନିନ୍ଦୁକ ଏବଂ ଘୃଣାକାରୀମାନେ ଯୁକ୍ତି କରିବେ ଯେ, ଦେଶଭକ୍ତି ପ୍ରଦର୍ଶନ କରିବା ଲାଗି ଅନ୍ୟସବୁ ଉପାୟ ଅଛି । ସଙ୍ଗୀତ ଏବଂ ସ୍ଲୋଗାନଗୁଡ଼ିକ ଜାତୀୟ ପ୍ରଗତି ପାଇଁ କମ୍ ଗୁରୁତ୍ୱ ରଖେ । ଯଦି ଆମେ ଟ୍ରାଫିକରେ ଭଲ ବ୍ୟବହାର କରିବା ଏବଂ ଅଳିଆ ନ ପକାଇବା, ତେବେ ଆମେ ଏକ ଜାତି ଭାବରେ ଭଲ ରହିବା । ଜାତୀୟ ଗୀତ ନଦୀ ବିଷୟରେ କହେ ଏବଂ ଏପରି ଏକ ଦେଶର ନାମ ନେବା କଷ୍ଟକର ; ଯେଉଁଠାରେ ଏହାର ନଦୀ ପାଣି ଅଧିକ ମଇଳା । ଆମେ ଲାଞ୍ଚ ନ ଦେବା କିମ୍ବା ନ ନେବା କିମ୍ବା କର ଠକିବାକୁ ଚେଷ୍ଟା ନ କରିବା ଦ୍ୱାରା ଆମର ଦେଶଭକ୍ତି ଦେଖାଇପାରିବା ବୋଲି ଯୁକ୍ତି କରିବେ । କିନ୍ତୁ ଆମ ସରକାର ଏବଂ ତାହାର ସମର୍ଥକମାନେ କହିବେ ଯେ, ଏସବୁ ବିଷୟ ଅନ୍ୟସବୁ ଦେଶର ନାଗରିକ କରିପାରିବେ । ଏସବୁ ସ୍ୱତନ୍ତ୍ର ନୁହନ୍ତି । ଆମକୁ ଆମ ଦେଶଭକ୍ତି ଦେଖାଇବା ପାଇଁ କିଛି ଅନନ୍ୟ ଏବଂ ସ୍ୱତନ୍ତ୍ର ବିଷୟ ଆବଶ୍ୟକ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ଆଦେଶ ସତର୍କ କରିଦେଇଛି ଯେ, ଜାତୀୟ ଗୀତ ଔପଚାରିକ ଭାବେ ଗାନ କିମ୍ବା ବାଜିବାବେଳେ ଦର୍ଶକମାନେ ଧ୍ୟାନରେ ଠିଆ ହେବେ । ସମ୍ଭବତଃ ଏହାର ଅର୍ଥ ହେଉଛି ଯେଉଁ ସ୍ଥାନରେ ଗୀତ ବାଜିବ ଦର୍ଶକମାନେ ନିୟମ ପାଳନ କରିବାକୁ ପଡିବ ଏବଂ ସେଠାରେ ଆଉ ଅଂଶଗ୍ରହଣ ସ୍ୱେଚ୍ଛାକୃତ ନୁହେଁ । ଯଦି ଏହା ହୁଏ, ତେବେ ଗୀତ ଏବଂ ସଂଗୀତ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି ? ଆହୁରି ମଧ୍ୟ କିଛି ଅଛି । ସମସ୍ତ ବିଦ୍ୟାଳୟରେ, ଜାତୀୟ ଗୀତ ଗାନ ସହିତ ଦିନର କାର୍ଯ୍ୟ ଆରମ୍ଭ ହୋଇପାରେ । ମୋ ମତରେ ଏହା ଆଗାମୀ ପିଢ଼ିରେ ଦେଶଭକ୍ତିର ସମାନ ସ୍ତର ଜାଗ୍ରତ କରିବା ପାଇଁ ଆବଶ୍ୟକ, ଯେପରି ଆମ ପିଢ଼ି ଏବଂ ଠିକ୍ ଆମ ପୂର୍ବ ପିଢ଼ିରେ ଦେଖିବାକୁ ମିଳିଛି । ଏହାର ଅନ୍ୟ ଲାଭ ମଧ୍ୟ ଅଛି । ବେରୋଜଗାରମାନେ ଛଅଟି ପଦ ମନେ ରଖିବା ପାଇଁ ସେମାନଙ୍କ ଫାଙ୍କା ସମୟକୁ ଉପଯୋଗ କରିବେ । ଅଳସୁଆମାନେ ଅତିରିକ୍ତ ୩ ମିନିଟ ୧୦ ସେକେଣ୍ଡ ଠିଆ ହେବେ ଏବଂ ସେମାନଙ୍କର ଫିଟନେସ ଉନ୍ନତ କରିବେ । ଏଥିରେ ଦେଶର ପ୍ରଗତି ହେବ !

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | 8 | 2 |
| 6 | | | | | | 4 | 7 | |
| 8 | 4 | | | | 1 | | 9 | 3 |
| 9 | | | | | 2 | 7 | 6 | 5 |
| | | | 1 | 8 | 5 | | 2 | |
| | | 4 | 6 | 9 | | | | |
| | | 2 | 9 | | | 8 | 4 | |
| | 9 | | | 1 | | | | |
| | 3 | | | 6 | 4 | 1 | 5 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 2 | 7 | 5 | 3 | 4 | 8 |
| 7 | 8 | 2 | 4 | 3 | 9 | 6 | 5 | 1 |
| 3 | 5 | 4 | 1 | 6 | 8 | 7 | 9 | 2 |
| 9 | 4 | 8 | 6 | 2 | 7 | 5 | 1 | 3 |
| 2 | 7 | 1 | 5 | 8 | 3 | 9 | 6 | 4 |
| 6 | 3 | 5 | 9 | 1 | 4 | 2 | 8 | 7 |
| 5 | 9 | 3 | 8 | 4 | 2 | 1 | 7 | 6 |
| 4 | 2 | 6 | 7 | 5 | 1 | 8 | 3 | 9 |
| 8 | 1 | 7 | 3 | 9 | 6 | 4 | 2 | 5 |

ଗତକାଲିର ଉତ୍ତର

# ଚାଷୀ ଉପରେ ମଣ୍ଡିମାଡ଼



ବିଚିତ୍ର ବିଶ୍ୱାଳ

ଚାଷୀଙ୍କ ପରିଶ୍ରମ ଓ କଷଣ କଥା ଯେତେ କହିଲେ ମଧ୍ୟ ସରିବ ନାହିଁ । ଫସଲ ବୁଣିବାଠାରୁ ଅମଳ ପର୍ଯ୍ୟନ୍ତ ଚାଷୀଙ୍କ କଷଣର ଶେଷ ନାହିଁ । ଯଦିଓ ଏବେ ଚାଷବାସ ଯନ୍ତ୍ରଭିତ୍ତିକ ହେଲାଣି, ତଥାପି ବି ଚାଷୀଙ୍କ ପରିଶ୍ରମକୁ ନଜର ଅନ୍ଦାଜ କରିହେବ ନାହିଁ । କେବଳ କଠିନ ପରିଶ୍ରମ ନୁହେଁ, ଚାଷରେ ଚାଷୀର ଖର୍ଚ୍ଚ ମଧ୍ୟ ବଢ଼ିଛି । ଆଜିକାଲି ଯେତେବେଳେ ବିହନ, ସାରଠାରୁ ଯନ୍ତ୍ରପାତି ଓ ଶ୍ରମିକ ପର୍ଯ୍ୟନ୍ତ ସବୁକିଛି ପାଇଁ ବଜାର ଉପରେ ନିର୍ଭର କରିବାକୁ ପଡୁଛି, ସେତେବେଳେ ଚାଷରେ ନିବେଶ ଖର୍ଚ୍ଚ ଆହୁରି ଅଧିକ ବଢ଼ିଯାଇଛି । ଜ୍ଞାନକୌଶଳଭିତ୍ତିକ ଚାଷରେ କିଛି ପରିମାଣରେ ସିନା ଚାଷୀର ପରିଶ୍ରମ କମ୍ ହୋଇଛି, କିନ୍ତୁ ତା'ର ପରନିର୍ଭରଶୀଳତା ବଢ଼ିଛି ଓ ନିବେଶ ଖର୍ଚ୍ଚ ବହୁଗୁଣ ହୋଇଛି । ପରିଣାମ ସ୍ୱରୂପ କୌଣସି କାରଣ ପାଇଁ ଯଦି ଅମଳ ଭଲ ହେଉନାହିଁ ବା ଅମଳକୁ ଉପଯୁକ୍ତ ମୂଲ୍ୟ ମିଳୁନାହିଁ, ତେବେ ଚାଷୀର ସଙ୍କଟ ଦ୍ୱିଗୁଣିତ ହେଉଛି । ଏହା ଚାଷୀକୁ ଅଧିକ ବିପଦ ଭିତରକୁ ଠେଲି ଦେଉଛି ।

ଏହା ସହିତ ଚାଷରେ ଚାଷୀ ଯେତିକି ରିସ୍କ ନେଉଛି, ଅନ୍ୟ କୌଣସି ବୃତ୍ତିରେ ସେତିକି ରିସ୍କ ନାହିଁ । ଚାଷରେ ପ୍ରଥମ ରିସ୍କ ହେଉଛି ଜଳବାୟୁ ବା ପାଣିପାଗ । ଯଦି ଠିକ୍ ଭାବେ ବର୍ଷା କିମ୍ବା ଖରା ହେଲା ନାହିଁ, ତେବେ ଚାଷୀର ଫସଲହାନିର ସମ୍ଭାବନା ଶତ ପ୍ରତିଶତ । ପୁନଶ୍ଚ ଖରା ବର୍ଷା ଶୀତରେ କାମ କରିବା ସମୟରେ ଚାଷୀ ଉପରେ ଘଡ଼ଘଡ଼ି ପଡ଼ିବା ଭୟ, ସାପ କାମୁଡ଼ିବା ଭୟ ଏବଂ କଠିନ ପରିଶ୍ରମ ଯୋଗୁ ସ୍ୱାସ୍ଥ୍ୟହାନିର ବି ଭୟ । ଏତେ ସବୁ ରିସ୍କ ସତ୍ତ୍ୱେ ଚାଷୀ ଚାଷ କରୁଛି ଓ ସମସ୍ତଙ୍କୁ ଆହାର ଯୋଗାଉଛି । ଚାଷୀର ବାସ୍ତବ ପରିସ୍ଥିତିକୁ ଆକଳନ କରିବାକୁ ହେଲେ ଗତ ପଚିଶ ବର୍ଷ ଭିତରେ ଚାଷୀ ଆତ୍ମହତ୍ୟାର ପରିସଂଖ୍ୟାନ ଓ ତା' ସହିତ ଚାଷରେ କ୍ଷତି ସହି ଗତ ପନ୍ଦର ବର୍ଷ ମଧ୍ୟରେ କେତେ ଚାଷୀ ଚାଷ ଛାଡ଼ି ଦିନ ମଜୁରିଆରେ ପରିଣତ ହୋଇଛନ୍ତି, ତାହା ଦେଖିବାକୁ ହେବ । ଗତ ପଚିଶ ବର୍ଷ ମଧ୍ୟରେ ଦୁଇ ଲକ୍ଷରୁ ଅଧିକ ଚାଷୀ ଆତ୍ମହତ୍ୟା କରିଛନ୍ତି ଓ ୨୦% ଚାଷୀ ଚାଷ ଛାଡ଼ି ଶ୍ରମିକରେ ପରିଣତ ହୋଇଛନ୍ତି । ଗୋଟିଏ ବୃତ୍ତିର ସଂକଟକୁ ଆକଳନ କରିବାକୁ ଏହାଠାରୁ ଅଧିକ କ'ଣ ତଥ୍ୟ ଦରକାର !

ଚାଷରେ ଚାଷୀ ଏତେ କଠିନ ପରିଶ୍ରମ କରୁଛି, ଏତେ ଅଧିକ ରିସ୍କ ନେଉଛି ଓ ତା'ର ପରିସ୍ଥିତି ଏପରି ସଂକଟଜନକ ସ୍ଥିତିରେ ପହଞ୍ଚିବା ସତ୍ତ୍ୱେ ବି ଚାଷୀଙ୍କ ପ୍ରତି ସରକାର ଓ ପ୍ରଶାସନର ମନୋଭାବ ଏବଂ ବ୍ୟବହାର ନ୍ୟାୟସଙ୍ଗତ ହେଉଥିବା ଦେଖାଯାଉନାହିଁ । ଫସଲ ବୁଣିବାଠାରୁ ଅମଳଯାଏ ଚାଷୀଙ୍କ କଷଣରେ ସରକାରଙ୍କର ମନ ବୁଝିଲା ନାହିଁ ଯେ, ଫସଲ ଅମଳ ପରେ ବିକ୍ରି କରିବା ସମୟରେ ସରକାର ଓ ପ୍ରଶାସନ ଚାଷୀ ଉପରେ ଦାଉ ସାଧିବାରେ କମ୍ କରୁନାହାନ୍ତି । ସଂପ୍ରତି ଆମ ରାଜ୍ୟରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ସମୟରେ ବହୁତ ହନ୍ତସନ୍ତ ହେଉଛନ୍ତି । ସରକାର ଚାହିଁଲେ ଏହି ବ୍ୟବସ୍ଥାକୁ ସହଜ ଓ ସରଳ କରିପାରନ୍ତେ । କିନ୍ତୁ ସରକାର ମଣ୍ଡିର ବ୍ୟବସ୍ଥାକୁ ଏପରି କରିଛନ୍ତି ଯେ, ଚାଷୀ ଫସଲ ବିକିବା ସମୟରେ କ୍ଷତି ସହୁଛି । ସଂପ୍ରତି ମଣ୍ଡିରେ ଚାଷୀମାନେ ଅନ୍ୟାୟପୂର୍ଣ୍ଣ ଭାବେ କଟ୍‌ନୀଛଟ୍‌ନୀର ଶିକାର ହେଉଛନ୍ତି । ଧାନର ଗୁଣବତ୍ତାକୁ ନିମ୍ନମାନର ଦର୍ଶାଇ ଚାଷୀର ଏକ କୁଇଣ୍ଟାଲ ଧାନରୁ ପ୍ରାୟ ୫ରୁ ୭ କିଲୋ କାଟି ଦେଉଛନ୍ତି । ଅର୍ଥାତ୍ କୁଇଣ୍ଟାଲ ପ୍ରତି ଏତିକି ଧାନର ମୂଲ୍ୟ ଚାଷୀକୁ ମିଳୁନାହିଁ । ପରିସ୍ଥିତି ଏପରି ହେଲାଣି ଯେ, ଅମଳ ପରେ ମଣ୍ଡିରେ ଧାନ କିଣିବାରେ ବହୁତ ବିଳମ୍ବ ହେଉଛି । ଚାଷୀଙ୍କୁ ଠିକ୍ ସମୟରେ ଅନ୍-ଲାଇନ ଟୋକନ ମିଳୁନାହିଁ । ଫଳରେ ଚାଷୀ ନିଜ ଉତ୍ପାଦକୁ ଧରି ବାରଦୁଆର ଶୁଣ୍ଢୀପିଣ୍ଡା ହେଉଛି । ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ, ଚାଷୀମାନେ ରାତାରାତି ଧାନ ଧରି ମଣ୍ଡି ଦୁଆରେ ଅପେକ୍ଷା କରୁଛନ୍ତି । ଏହା ଚାଷୀଙ୍କ ପ୍ରତି ଏକ ପ୍ରକାର ନିର୍ଯାତନା କହିଲେ ଅତ୍ୟୁକ୍ତି ହେବ ନାହିଁ । ସରକାର ଏକ ଏକର ଜମିରୁ ନିର୍ଦ୍ଦିଷ୍ଟ ପରିମାଣର ଧାନ କିଣିବାକୁ ନିୟମ କରିଛନ୍ତି, ଯାହାକି ଅତି ପୁରୁଣାକାଳିଆ ନିୟମ । ଚାଷୀଙ୍କ କହିବା କଥା, ସଂପ୍ରତି ଏକ ଏକର ଜମିରୁ ସରକାର ଧାର୍ଯ୍ୟ କରିଥିବା ପରିମାଣଠାରୁ ଅଧିକ ଅମଳ ହେଉଛି । ତେଣୁ ସରକାରଙ୍କ ଏହି ନିୟମ ଯୋଗୁ ଚାଷୀଙ୍କ ସବୁ ଧାନ ବିକ୍ରି ହୋଇ ପାରୁନାହିଁ ।



ମିଲର, ଏଜେଣ୍ଟ ଓ ସରକାରୀ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଚାଷୀମାନେ ବିଭିନ୍ନ ପ୍ରକାର ହଇରାଣ ହରକତ ହେଉଛନ୍ତି । ତାଙ୍କର ଭଲ ଗୁଣବତ୍ତାର ଧାନକୁ ନିମ୍ନମାନର ଦର୍ଶାଇ ଟାଳଟୁଳ ନୀତି ଅବଲମ୍ବନ କରି ତାଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ କରାଯାଉଛି । ଅନେକ ସମୟରେ ଚାଷୀଙ୍କ ଧାନ ବାହାରେ ପଡ଼ିରହୁଛି । ଏପରି ହେବା ଯୋଗୁ ଗୋଟିଏ ପଟେ ଧାନର ଗୁଣବତ୍ତାରେ ପ୍ରଭାବ ପଡୁଛି । ମଣ୍ଡିରୁ ମିଲ୍‌କୁ ଧାନ ପରିବହନରେ ବି ଅଯଥାରେ ବିଳମ୍ବ ହେଉଛି । ଏଥିସହିତ ଟୋକନ ବଣ୍ଟନରେ ବି ଅନିୟମିତତା ହେଉଥିବା ଦେଖାଯାଉଛି । ଅନେକ କ୍ଷେତ୍ରରେ ଉପଯୁକ୍ତ ଚାଷୀ ଟୋକନ ପାଇବାରେ ବିଳମ୍ବ ହେଉଥିବା ବେଳେ ଅନୁପଯୁକ୍ତ ଲୋକମାନେ ଟୋକନ ପାଇଯାଉଛନ୍ତି । ଏଥିସହିତ କେତେକ କ୍ଷେତ୍ରରେ ନିୟମ ଅନୁସାରେ ୪୮ ଘଣ୍ଟା ମଧ୍ୟରେ ଧାନର ମୂଲ୍ୟ ଚାଷୀଙ୍କ ଆକାଉଣ୍ଟରେ ବି ପହଞ୍ଚୁ ନାହିଁ । ମଣ୍ଡିରେ ଏପରି ସବୁ ଅସୁବିଧା ଯୋଗୁ ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି । ତଥାପି ସରକାର ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉଥିବା ଦେଖାଯାଉ ନାହିଁ ।

ଗୋଟିଏ ପଟେ ସରକାର କମ୍ପାନୀମାନଙ୍କ ପାଇଁ ନୀତି ନିୟମ ସହଜ କରୁଥିବା ବେଳେ ଚାଷୀମାନଙ୍କ ଲାଗି ଯେପରି ଭାବେ କଠିନ ନିୟମ ଲାଗୁ କରୁଛନ୍ତି, ଏଥିରୁ ସରକାରଙ୍କ ଚାଷୀ ବିରୋଧୀ ମନୋଭାବ ସ୍ପଷ୍ଟ ବୁଝିହେଉଛି । ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ଅନୁମତି ପ୍ରଦାନ କରିବା ପାଇଁ ସରକାର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରୁଛନ୍ତି । ସେମାନଙ୍କ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଏକର ପ୍ରତି କମ୍ ଟଙ୍କାରେ ଜମି ଦିଆଯାଉଛି । ଅତ୍ୟନ୍ତ କମ୍ ମୂଲ୍ୟରେ ପାଣି ଓ ବିଜୁଳି ଯୋଗାଇ ଦିଆଯାଉଛି । ସରକାର ନିଜ ଖର୍ଚ୍ଚରେ କମ୍ପାନୀର ସୁବିଧା ପାଇଁ ପ୍ରକଳ୍ପ ଅଞ୍ଚଳରେ ଉଚ୍ଚମାନର ମଜଭୂତିଆ ରାସ୍ତା ନିର୍ମାଣ କରୁଛନ୍ତି । କମ୍ପାନୀକୁ ଶୁଳ୍କ ଛାଡ଼ କରୁଛନ୍ତି । ବକେୟା ବିଜୁଳି ବିଲ୍ ଛାଡ଼ କରିଦେଉଛନ୍ତି । କିନ୍ତୁ ଅନ୍ୟପଟେ ଗରିବ ଚାଷୀମାନଙ୍କ ପ୍ରତି କଠିନରୁ କଠିନ ନିୟମ ଲାଗୁ କରୁଛନ୍ତି । କେତେବେଳେ ଧାନର ଗୁଣବତ୍ତା କଥା କହି ତାଙ୍କ ଧାନର ଉଚିତ ମୂଲ୍ୟ ଦେଉନାହାନ୍ତି ତ କେତେବେଳେ ଫସଲ ହାନିର କ୍ଷତିପୂରଣ ଦେବା ପାଇଁ ମାସ ମାସ ଗଡ଼େଇ ଦେଉଛନ୍ତି । କମ୍ପାନୀମାନଙ୍କ ଋଣଛାଡ଼ କରିବା ବେଳକୁ ସରକାର ତହବିଲ ଖୋଲି ଦେଉଛନ୍ତି ତ ଚାଷୀବେଳକୁ ବ୍ୟାଙ୍କ ବାଉନ୍ସର ପଠେଇ ଋଣ ଆଦାୟ କରୁଛି ଓ ପରିଣାମରେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି । ସରକାର ଯଦି ଧନିକ ବ୍ୟବସାୟୀ ଓ କମ୍ପାନୀମାନଙ୍କ ପ୍ରତି ଏତେ କୋହଳ ହୋଇ ପାରୁଛନ୍ତି, ତାହେଲେ ଅନ୍ନଦାତାଙ୍କ ବେଳକୁ ଏତେ ଆକ୍ରୋଶ କାହିଁକି ?

– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

ମୋ: ୯୪୩୮୪୬୮୪୭୪

# ମହେନ୍ଦ୍ରଗିରିର ଶିବ ମହିମା



ଡ. ଭାଗ୍ୟଲିପି ମଲ୍ଲ

ମହେନ୍ଦ୍ରଗିରି ପର୍ବତ, ଯେଉଁ ପର୍ବତ ଦିନେ ଥିଲା ଶ୍ୱେତକମଣ୍ଡଳ ରାଜ୍ୟର ଅଂଶବିଶେଷ, ଯେଉଁ ପର୍ବତକୁ ନିଜ କବିତାରେ ସ୍ଥାନ ଦେଇଛନ୍ତି ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଦାସ ଏବଂ କବିବର ରାଧାନାଥ ରାୟ, ଯାହାର ଶିଖରରେ ରହିଛି ଦ୍ୱାପର ଯୁଗର 'ମହାଭାରତ' କଥା, ସେହି ମହେନ୍ଦ୍ରଗିରିର ମହିମା ଆଜି ଭାରତରେ ପୁଣ୍ୟ ତୀର୍ଥଭୂମି ରୂପେ ପରିଚୟ ଲାଭ କରିଛି । ମହେନ୍ଦ୍ରଗିରି ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ । ଏହାର ଆଧ୍ୟାତ୍ମିକ ଗୌରବ ଅତୁଳନୀୟ । ଏହା ଓଡ଼ିଶାର ଦକ୍ଷିଣରେ ଗଞ୍ଜାମ ଓ ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ସଦର ମହକୁମା ପାରଳାଖେମୁଣ୍ଡିରେ ଅବସ୍ଥିତ । ବହୁ ପ୍ରାଚୀନ ଯୁଗରୁ ଗଞ୍ଜାମ-ଗଜପତି ପର୍ବତ୍ୟାଞ୍ଚଳରେ ମହେନ୍ଦ୍ରଗିରି ଦେବଦେବ ମହାଦେବଙ୍କର ନିବାସସ୍ଥଳୀ ହୋଇଥିବାରୁ ଏଠାରେ ମହାଶିବରାତ୍ରି ମହାସମାରୋହରେ ପାଳନ ହୋଇଥାଏ । ଗୋଦାବରୀ ନଦୀ ନିକଟରେ ଥିବା ପୂର୍ବଘାଟ ପର୍ବତମାଳାକୁ ମହେନ୍ଦ୍ରଗିରି କୁହାଯାଏ । ପାଦଦେଶରେ ମହେନ୍ଦ୍ରତନୟା ନଦୀ । ସପ୍ତକୁଳ ପର୍ବତ ମଧ୍ୟରେ ଏହା ଅନ୍ୟତମ ଶ୍ରେଷ୍ଠ ପର୍ବତଭାବେ ପରିଗଣିତ । ସେହି ପର୍ବତଗୁଡ଼ିକ ହେଲା- ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ, ଋକ୍ଷ ପର୍ବତ, ବିନ୍ଧ୍ୟ ପର୍ବତ ଓ ପାରିଜାତ । ହିନ୍ଦୁଙ୍କ ପବିତ୍ର କାର୍ଯ୍ୟରେ ବ୍ୟବହାର ହେଉଥିବା ପ୍ରାୟ ନଦୀଗୁଡ଼ିକ ମହେନ୍ଦ୍ରତନୟା ନାମରେ ପରିଚିତ ; ଯଥା- ତ୍ରିସାମା, ଋଷିକୁଲ୍ୟା, ଇକ୍ଷୁଳା, ତ୍ରିଦିବା, ଅଚଳା, ଲାଙ୍ଗୁଳିନୀ, ବଂଶଧାରା ଓ ମହେନ୍ଦ୍ରତନୟା ଇତ୍ୟାଦି । ମହେନ୍ଦ୍ରଗିରି ଦେବଦେବ ମହାଦେବ ମହେନ୍ଦ୍ରଙ୍କର ଅନ୍ୟତମ ନିବାସ ସ୍ଥାନ ଏବଂ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ତପସ୍ୟାସ୍ଥଳୀ । ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ମହେନ୍ଦ୍ରଗିରିର ସୂର୍ଯ୍ୟୋଦୟ, ଖରା, ବର୍ଷା, ଶୀତର ଲୁଚକାଳି ଖେଳ, ସବୁଜବନାନୀ ଓ ଘଞ୍ଚ ଅରଣ୍ୟ ଆଦି ଅନସ୍ୱୀକାର୍ଯ୍ୟ । ଶୈଳୋଦ୍ଭବ ରାଜାମାନଙ୍କର ଅଭିଲେଖରୁ ମହେନ୍ଦ୍ରଗିରିର ପ୍ରାଚୀନତା ଜଣାପଡ଼େ । ମହେନ୍ଦ୍ର ଅର୍ଥାତ୍ ମହୀର ଯିଏ ଇନ୍ଦ୍ର ବା ଶ୍ରେଷ୍ଠ, ସେ ହେଉଛନ୍ତି ଦେବଦେବ ମହାଦେବ । ଏହି ମହେନ୍ଦ୍ରଗିରିର ଶିବ ହିଁ ଅଧିପତି ଦେବତା । ମହେନ୍ଦ୍ରଗିରିରେ ଷଡ଼ଋତୁଙ୍କର ଦିନକରେ ସମାଗମ ପରିଦର୍ଶକଙ୍କୁ ଯେତିକି ଚମତ୍କୃତ କରେ, ପର୍ବତ ଦେହରେ ଥିବା ପ୍ରାଚୀନ ମନ୍ଦିର ଯଥା-କୁନ୍ତୀ ମନ୍ଦିର, ଭୀମ ମନ୍ଦିର, ଯୁଧିଷ୍ଠିର ମନ୍ଦିର, ପର୍ଶୁରାମ କୁଟୀର, ପାଣ୍ଡବ ଗୁମ୍ଫା, ଗୋକର୍ଣ୍ଣେଶ୍ୱର ମନ୍ଦିର, ପୁଟେଶ୍ୱର ମନ୍ଦିର ଆଦିଷ୍ଟ ସେତିକି ଆଧ୍ୟାତ୍ମିକ ଚେତନାରେ ବ୍ୟକ୍ତିର ହୃଦୟକୁ ସିକ୍ତ କରେ ।

ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ଶୋଭା କେବଳ ଜନମନକୁ ହରଣ କରେନାହିଁ, ବରଂ ଯୁଗଯୁଗ ଧରି କବି, ସାହିତ୍ୟିକମାନଙ୍କୁ ଆକୃଷ୍ଟ କରିଛି । ମହେନ୍ଦ୍ରଗିରି କେବଳ ସାହିତ୍ୟ ବା ପୁରାଣରେ ସ୍ଥାନ ପାଇନାହିଁ, ବରଂ ତା'ର ଜୈବ ବିବିଧତା ପାଇଁ ପରିବେଶବିତ୍‌ଙ୍କୁ ଆକର୍ଷିତ କରିଛି । ତା'ର ଜୈବ ବିବିଧତା ଗଭୀର ଅଧ୍ୟୟନର ଅପେକ୍ଷା ରଖେ । ମହେନ୍ଦ୍ରଗିରି ପର୍ବତ ଓଡ଼ିଶାର ଦକ୍ଷିଣାଞ୍ଚଳର ପରିବେଶକୁ ସନ୍ତୁଳିତ କରି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ ।

ମହେନ୍ଦ୍ରଗିରିର ଶିବ ମହିମା ମହାଭାରତ, ରାମାୟଣ, ବିଷ୍ଣୁ ପୁରାଣ, ବାୟୁ ପୁରାଣ, ଅଧ୍ୟାତ୍ମ ରାମାୟଣ, ସାରଳା ମହାଭାରତ ଓ ବିଭିନ୍ନ ଶିଳାଲେଖରେ ଦେଖିବାକୁ ମିଳେ । ମହେନ୍ଦ୍ରଗିରି



ସହିତ ଯୋଡ଼ିହୋଇ ରହିଛି ରାମାୟଣ, ମହାଭାରତ ଓ ଶିବଙ୍କର ଅପୂର୍ବ ମହିମାର କଥା । ଦେବଦେବ ମହାଦେବ ଏହି ଗିରିଶୃଙ୍ଗ ଉପରେ ଯେଉଁଠାରେ ଧ୍ୟାନମଗ୍ନ ଥିଲେ, ମାତା ସୀତାଙ୍କୁ ଠାବ କରିବା ପାଇଁ ସେହି ଶିଖରରୁ ହନୁମାନ ଲଙ୍କାକୁ ଲମ୍ଫ ପ୍ରଦାନ କରିଥିଲେ । ଏହାର ସ୍ମୃତିସ୍ୱରୂପ ମହେନ୍ଦ୍ରଗିରିରେ ହନୁମାନ କୁଦ, ହନୁମାନ ମନ୍ଦିର ଓ ହନୁମାନ ପଦଚିହ୍ନ ଦେଖିବାକୁ ମିଳେ । ଏଥିସହ ଶିବଙ୍କର ଅତୁଳନୀୟ ମହିମା ସେହିଯୁଗରୁ ହିଁ ରହିଆସିଛି ।

ମହାଭାରତ ସମୟରେ ପାଣ୍ଡବମାନେ ଯେତେବେଳେ ଅଜ୍ଞାତବାସରେ ଥିଲେ, ସେତେବେଳେ ପିତା ପାଣ୍ଡୁଙ୍କର ଶ୍ରାଦ୍ଧଦିବସ ପଡ଼ିଥିବାରୁ ମାତା କୁନ୍ତୀଙ୍କର ଆଦେଶପୂର୍ବକ ସେମାନେ ମହେନ୍ଦ୍ରଗିରିର ଘଞ୍ଚଜଙ୍ଗଲ ଭିତରକୁ ପିଣ୍ଡଦାନ ନିମିତ୍ତ ଏକ ଗଣ୍ଡା ଶିକାର କରିବାକୁ ଆସିଥିଲେ । ମାତ୍ର ଗଣ୍ଡା ବଦଳରେ ସେଠାରେ ବୁଲୁଥିବା ଏକ ବିଚିତ୍ର ଗାଈକୁ ସେମାନେ ବଧ କରିଦେଇଥିଲେ । ପୁରାଣପ୍ରସିଦ୍ଧ ଏହି ପବିତ୍ର ଗାଈର ନାମ ଥିଲା କପିଳା । କପିଳା ଗାଈର ହତ୍ୟା ସମ୍ପର୍କରେ ମାତା କୁନ୍ତୀଙ୍କୁ ଜଣାଇବା ପରେ ଗୋହତ୍ୟା ଦୋଷରୁ ପୁତ୍ରମାନେ କିପରି ମୁକ୍ତି ପାଇବେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ । ତତ୍‌କ୍ଷଣାତ୍ ସଖା କୃଷ୍ଣ ଉପଗତ ହୋଇ ମହେନ୍ଦ୍ରଗିରିର ଶୃଙ୍ଗ ଉପରେ ପର୍ଶୁରାମ ଏବଂ ନାରଦ ମୁନିଙ୍କ ସହାୟତାରେ ଦେବସଭାର ଆୟୋଜନ ସହ ଯଜ୍ଞାଦି ଅନୁଷ୍ଠାନ କରାଇଲେ । ଏହି ସଭାରେ ବ୍ରହ୍ମା, ଶିବ, ବିଷ୍ଣୁ ଓ ବହୁ ଦେବଦେବୀଙ୍କ ସହ ମୁନିଋଷିମାନେ ଉପସ୍ଥିତ ଥିଲେ । ଉପସ୍ଥିତ ଦେବଦେବୀଙ୍କ ମତାନୁସାରେ ତଥା କୁନ୍ତୀ ଓ ପାଣ୍ଡବଙ୍କ ପ୍ରାର୍ଥନାରେ ଯୋଗୀରାଜଙ୍କର ଧ୍ୟାନ ଭଙ୍ଗ ହେଲା ଓ ପାଣ୍ଡବଙ୍କ ପାପକୁ ସେ ନିଜ ଦେହରେ ବୋଳି ଗୋହତ୍ୟାଜନିତ ପାପରୁ ମୁକ୍ତ କରାଇଥିଲେ । ମୃତଧେନୁ କପିଳାର କର୍ଣ୍ଣ ଯେଉଁଠାରେ ପଡ଼ିଲା, ତାହା ଗୋକର୍ଣ୍ଣେଶ୍ୱର, ପୁଟି ଯେଉଁଠାରେ ପଡ଼ିଲା ତାହା ପୁଟେଶ୍ୱର ନାମରେ ମନ୍ଦିର ହେବା ସହ ବହୁ ଶିବଲିଙ୍ଗଯୁକ୍ତ ମନ୍ଦିର ଏହି ପର୍ବତଶ୍ରେଣୀରେ ଗଢ଼ିଉଠିଲା ।

ଲୋକମାନଙ୍କ ବିଶ୍ୱାସ ସହିତ ଶିବଭକ୍ତ ଏବଂ ପ୍ରାୟତଃ ସବୁ ଦେବଦେବୀଙ୍କର ଏହି ପର୍ବତରେ ଦେବସଭା ଓ ଯଜ୍ଞଯୋଗୁ ମହେନ୍ଦ୍ରଗିରି ଏକ ଆଧ୍ୟାତ୍ମିକ ଗିରିଭାବେ ପ୍ରସିଦ୍ଧି ଅର୍ଜନ କରିପାରିଛି । ମହାଦେବ ଅକୁଣ୍ଠ ଚିତ୍ତରେ ପାଣ୍ଡବଙ୍କୁ ପାପମୁକ୍ତ କରାଇଥିବାରୁ ସେହି ନୀଳକଣ୍ଠଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ଯୋଗୁଁ ଏଠାରେ ମହାଶିବରାତ୍ରି ବହୁ ଆଡ଼ମ୍ବରରେ ପାଳନ ହୁଏ । ଏଥିସହିତ ଯୋଡ଼ି ହୋଇଯାଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କିମ୍ବଦନ୍ତୀ । ଏହି କିମ୍ବଦନ୍ତୀ ଅନୁସାରେ କଳିଙ୍ଗ ମହାରାଜାଙ୍କର ବିଦ୍ୟାପତିଙ୍କ ମାଧ୍ୟମରେ ନୀଳମାଧବଙ୍କ ଦର୍ଶନ ସହିତ ମହେନ୍ଦ୍ରଗିରିର ପାଦଦେଶରେ ଥିବା ଏକ ସୁନ୍ଦର ପୁଷ୍କରିଣୀ ନିକଟରେ ଆଦିବାସୀ ଲଳନା ଲଳିତାଙ୍କ ସହିତ ବିଦ୍ୟାପତିଙ୍କର ସାକ୍ଷାତ ହେବା ଯୋଗୁ ତାର ପ୍ରମାଣସ୍ୱରୂପ ଏବେ ମଧ୍ୟ ସେହି ଲଳିତା ପୁଷ୍କରିଣୀ ବିଦ୍ୟମାନ । ମହାଶିବରାତ୍ରିରେ ଏହି ପୁଷ୍କରିଣୀ ପରିଦର୍ଶନାର୍ଥେ ବହୁ ଜନସମାଗମ ହୋଇଥାଏ ।

ତେଣୁ ମହେନ୍ଦ୍ରଗିରି କେବଳ ଏକ ପ୍ରାକୃତିକ ସୁଷମାଘେରା ସୁନ୍ଦର ପାହାଡ଼ଟିଏ ନୁହେଁ, ଏହା ମହାଦେବଙ୍କର ନିତ୍ୟ ନିବାସସ୍ଥଳୀ ଓ ପର୍ଶୁରାମଧାମ ହୋଇଥିବାରୁ ଏହାକୁ ଏକ ଆଧ୍ୟାତ୍ମିକ ସ୍ଥାନ ଭାବେ ଭକ୍ତମାନେ ଗ୍ରହଣ କରିଥା'ନ୍ତି । ଦେବଦେବ ମହେନ୍ଦ୍ର ଓ ପର୍ଶୁରାମଙ୍କର ସ୍ଥାୟୀ ଉପସ୍ଥିତି ଯୋଗୁ ଏଠାକୁ ବହୁ ଦେବଦେବୀ ଓ ଋଷିମାନଙ୍କର ଆତଯାତ ହୋଇଥାଏ ।

– ସଂସ୍କୃତି ବିଶେଷଜ୍ଞ

ମୋ: ୮୯୧୭୩୩୨୫୮୫

## ଏଇ ଭାରତରେ

ଝାଡ଼ଖଣ୍ଡର ବରକୁଲି ଗାଁର ଜ୍ଞାନଲତା ହେମ୍ବ୍ରମ୍ ଜୈବିକ ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି । ଜଣେ ସଫଳ ମହିଳା ଚାଷୀ ଭାବେ ସେ ଜୈବିକ ଚାଷରୁ ୧୦ ଲକ୍ଷ ଟଙ୍କାର ବିଜ୍‌ନେସ୍ କରିପାରିଛନ୍ତି । ସେ ଏବେ ୬ ଏକର ଜମିରେ ଟମାଟୋ, ବାଇଗଣ, କ୍ୟାପ୍‌ସିକମ୍, ଲଙ୍କା, କୋବି ଆଦି ଚାଷ କରୁଛନ୍ତି । ୨୦୨୧ରେ ସେ ଏହି ଚାଷ ଆରମ୍ଭ କରିଥିଲେ । ପ୍ରଫେଶନାଲ ଆସିଷ୍ଟାନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ ନାମକ ସଂସ୍ଥା ଏଥିରେ ଆରମ୍ଭରୁ ତାଙ୍କୁ ସହଯୋଗ କରିଥିଲା । ଏବେ ନିଜ ଅଞ୍ଚଳରେ ଏହି ସଂସ୍ଥାର ଦାୟିତ୍ୱରେ ରହିବା ପରେ ସ୍ଥାନୀୟ ଅଞ୍ଚଳରେ ଜୈବିକ କୃଷିରେ ମହିଳାଙ୍କୁ ସାମିଲ କରିବାରେ ଲାଗିଛନ୍ତି । ଏବେସୁଦ୍ଧା ସେ ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୧୨୦୦ ମହିଳାଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିପାରିଛନ୍ତି । ସେ ଚାଷୀଙ୍କୁ ଶସ୍ତାରେ ପନିପରିବା ଚାରା ଗଛ ଯୋଗାଇ ଦେଉଛନ୍ତି । ଏହା ସହ ମହିଳାମାନେ ଜିଆଖତ ପ୍ରସ୍ତୁତ କରି ଲାଭ ପାଉଛନ୍ତି । ପ୍ରଫେଶନାଲ ଆସିଷ୍ଟାନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ୍ ଦ୍ୱାରା ପରିଚାଳିତ ବାୟୋ ରିସୋର୍ସ ସେଣ୍ଟର(ବିଆର୍‌ସି) ମାଧ୍ୟମରେ ଜ୍ଞାନଲତା ପ୍ରାରମ୍ଭରେ ୬୦,୦୦୦ ଟଙ୍କାର ବିଜ୍‌ନେସ କରୁଥିଲେ, ହେଲେ ଏହା ଏବେ ୧୦ ଲକ୍ଷ ଟଙ୍କା ଛୁଇଁଲାଣି ।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଫେବୃଆରୀ ୧୯୭୭**

- ରାଷ୍ଟ୍ରପତି ଜୁଲିୟସ ନିରେର ତାଞ୍ଜାନିୟାର ନୂତନ ପ୍ରଧାନମନ୍ତ୍ରୀ ରୂପେ ଏଡ୍‌ୱାର୍ଡ ସୋକୋଇନଙ୍କୁ ନିଯୁକ୍ତ କରିଛନ୍ତି ।
- ତୁର୍କୀ ଏୟାରଲାଇନ୍ସର ଗୋଟିଏ ବମାନକୁ ଅପହଣ କରିବା ସହ ପାଇଲଟଙ୍କୁ ଆହତ କରିଥିବା ଅଭିଯୋଗରେ ୧୭ ବର୍ଷ ବୟସ୍କ ପୋଲିସ କ୍ୟାଡେଟ୍ ଗିରଫ ।
- ଭାରତର ବିଶିଷ୍ଟ ରାଜନୀତିଜ୍ଞ ତଥା ମିଳିତ ଜାତିସଂଘର ସଭାପତି ନେତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ୍‌ଙ୍କ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ ।

# ପାଠକ ଶ୍ରେଷ୍ଠ ବିଚାରକ

### ସମିତି ସଭ୍ୟ ପ୍ରସ୍ତାବ ଦେବାରେ ସୀମିତ

ମହାଶୟ,

ଓଡ଼ିଶାର ୩୧୪ ବ୍ଲକରେ ପ୍ରାୟ ୬୦୦୦ରୁ ଅଧିକ ସମିତି ସଭ୍ୟା/ସଭ୍ୟ ନିର୍ବାଚିତ ହୋଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି । ବିଜୁ ଜନତା ଦଳ ସରକାର ଯିବା ପୂର୍ବରୁ ମାସିକ ଭତ୍ତା ଟ.୨୩୫୦ରୁ ୯,୫୦୦ ଟଙ୍କାକୁ ବୃଦ୍ଧି କରି କ୍ଷମତାରୁ ଯାଇ ସାରିଛନ୍ତି । ପଞ୍ଚାୟତିରାଜ ନିୟମ ଅନୁସାରେ, ପ୍ରତି ଦୁଇ ମାସରେ ଅନ୍ତତଃ ଗୋଟିଏ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବା କଥା । ସେହି ହିସାବରେ ଗତ ୪ ବର୍ଷ ମଧ୍ୟରେ ଅତିକମ୍‌ରେ ୨୪ଟି ବୈଠକ ହେବା ଆବଶ୍ୟକ । କିନ୍ତୁ ଅଧିକାଂଶ ବ୍ଲକରୁ ଆସୁଥିବା ରିପୋର୍ଟ ଅନୁସାରେ, ୪ ବର୍ଷରେ ମାତ୍ର ୪ରୁ ୫ଟି ବୈଠକ ହେବା ମଧ୍ୟ କଷ୍ଟକର ହୋଇପଡ଼ିଛି । ବ୍ଲକକୁ ଆସୁଥିବା କୋଟି କୋଟି ଟଙ୍କାର ଅନୁଦାନ ପାଇଁ ସମିତି ବୈଠକର ଅନୁମୋଦନ ଲୋଡ଼ାଯାଉ ନାହିଁ । ସମିତି ସଭ୍ୟମାନେ କେବଳ କାଗଜପତ୍ରରେ ପ୍ରସ୍ତାବ ଦେବାରେ ସୀମିତ ରହିଛନ୍ତି । ଗତ ୩ ବର୍ଷରେ ଜଣେ ସଭ୍ୟ ହାରାହାରି ୧୦ ଲକ୍ଷ ଟଙ୍କାର ପ୍ରସ୍ତାବ ଦେଇଥିଲେ ହେଁ ସେଥିରୁ କେତୋଟି କାର୍ଯ୍ୟକାରୀ ହୋଇଛି ଏବଂ କେଉଁ ପାଣ୍ଠିରୁ ହୋଇଛି, ତାହା ସଭ୍ୟଙ୍କ ଅଗୋଚରରେ ରହୁଛି ।

**– ସମରେନ୍ଦ୍ର ଦୀକ୍ଷିତ, ପୁରୀ, କାକଟପୁର**

## ଚିରନ୍ତନୀ

ଅଧର ସୁଷମା ନ ବଢ଼େ ଚିର
ରହିଲେ ମୂକ
ବାସନା ବିକାରେ ବିକଳେ ଖାଲି
ବଳଇ ଦୁଃଖ ।

–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ

ପରଜଙ୍ଗ, (ନିଗମାନନ୍ଦ ଦଳବେହେରା):ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ଭେରୁଣିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିନୋଦ ଚନ୍ଦ୍ର ପଣ୍ଡାଙ୍କର ଶୁକ୍ରବାର ନିଜ ବାସଭବନରେ ଅକାଳ ବିୟୋଗ ଘଟିଛି । ସେ ୧୯୪୫ ମାର୍ଚ୍ଚ ୩୧ରେ ଜନ୍ମ ଗ୍ରହଣ କରିଥିଲେ। ୧୯୬୫ରେ ସାଆନ୍ଦା ହାଇସ୍କୁଲରେ ଚାକିରି ଜୀବନ ଆରମ୍ଭ କରିଥିଲେ ଏବଂ ୨୦୦୩ରେ ଅବସର ଗ୍ରହଣ କରିଥିଲେ।




# ଅଙ୍କରେ ସାରିଦେଲେ

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)


ଆଶିଷ ସିଂ


ଡି.ଏସ୍. କୁଟେ

**ଆଶିଷ ସିଂ କେନ୍ଦ୍ର ସରକାରଙ୍କ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି) ଆଇଜି ଭାବେ ନିଯୁକ୍ତି ପାଇଥିବାବେଳେ ଡି.ଏସ୍. କୁଟେ ପୁରସ୍କାର ସ୍ୱରୂପ ବର୍ଡର ସିକ୍ୟୁରିଟି ଫୋର୍ସ ଆଇଜି ରୂପେ କାର୍ଯ୍ୟରତ। ଏବେ ସେମାନଙ୍କ ବିଷୟରେ ଆଉ କେହି କିଛି ଅଭିଯୋଗ କରୁ ନ ଥିବାରୁ ଶେଷରେ କେନ୍ଦ୍ର ଗୋଟିଚାଳନା ରାଜ୍ୟ ନେତୃତ୍ୱଙ୍କୁ ଖୁସି ଦେଲା ବୋଲି କହିହେବ।**

୨୦୨୪ ନିର୍ବାଚନ ପରଠାରୁ ଅନେକ ବିଷୟକୁ ନେଇ ନାନା ରାଜନୈତିକ ଚର୍ଚ୍ଚା ଜାରି ରହିଛି। ବିଜେଡିର ଭବିଷ୍ୟତ କ'ଣ ହେବ, ବିରୋଧୀ ଦଳ ଭୂମିକା ଠିକ୍ ଭାବେ ତୁଲାଉଛି ନା ନାହିଁ ସେଭଳି ଅନେକ ପ୍ରସଙ୍ଗରେ ସବୁବେଳେ ଆଲୋଚନା ହେଇଆସୁଛି। ବିଜେଡି ଉପରେ ଭରସା ରଖୁଥିବା ଏବଂ ଆଞ୍ଚଳିକ ଦଳର ଆଧିପତ୍ୟ ବଢ଼ିବା ଦିଗରେ ଅପେକ୍ଷାକରି ରହିଥିବା ରାଜ୍ୟର ବହୁ ନେତା, କର୍ମୀ ଏବଂ ସାଧାରଣ ଲୋକ ବହୁ କିଛି ଜାଣିବାର ଆବଶ୍ୟକତା ରହିଛି। ସେଦିଗରେ 'ଧରିତ୍ରୀ' ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ତର୍ଜମା କରାଯାଇଛି। ଯାହା ତର୍ଜମା ହୋଇଛି ତାକୁ ଯଦି ପରଖାଯାଏ ତେବେ ଓଡ଼ିଶାରେ ଭାଜପା ରାଜନୈତିକ ଅଙ୍କରେ ତତ୍କାଳୀନ ବିଜେଡି ସରକାରକୁ ଯେ ସଫା କରିଦିଆଯାଇଛି, ଏକଥାକୁ ଏଡ଼ାଇଦିଆଯାଇ ନ ପାରେ। ଏ 'ସଫା' ଶବ୍ଦର ୨ଟି ଅର୍ଥ ବୁଝାଯାଇପାରେ। ପ୍ରଥମ 'ସଫା' ଟି ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ଦିଶୁଥିବା ବିଜୁ ଜନତା ଦଳ କ୍ଷମତା ହରାଇବସିଲା। ଦ୍ୱିତୀୟ 'ସଫା' ଟି ହେଉଛି, ଅନେକ ବୃହତ୍ ଦୁର୍ନୀତି ସହ ସରକାରୀ କ୍ଷମତା ଓ ଅର୍ଥ ଅପବ୍ୟବହାରର ଦୋଷାରୋପ ଲୋକଲୋଚନକୁ ଆସିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପୂର୍ବତନ ସରକାରର କୌଣସି ମୁଖିଙ୍କ ବିରୋଧରେ କିଞ୍ଚିତ୍ ମାତ୍ର କାର୍ଯ୍ୟାନୁଷ୍ଠାନ ଜାଣିଶୁଣି ଗ୍ରହଣ କରାଯାଇ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେଉଁମାନେ ସେହି ଅଙ୍କ କଷି ଭାଜପାକୁ ବିଜୟର ସ୍ୱାଦ ଦେଇଥିଲେ, ସେମାନେ ଏବେ ଖୁବ୍ ସୁରକ୍ଷିତ ଭାବେ କେନ୍ଦ୍ରରେ ଅଛନ୍ତି। ହେଲେ ସେମାନଙ୍କ କଥା ଆଉ ଚର୍ଚ୍ଚାକୁ ଆସୁନାହିଁ।

ରାଜ୍ୟର ମୋଟ୍ ୨୧ ଲୋକ ସଭା କ୍ଷେତ୍ର ମଧ୍ୟରୁ ୨୦ଟି ଆସନରେ ଭାଜପା ଏବଂ ଗୋଟିଏ ଆସନକୁ କଂଗ୍ରେସ ଦଖଲ କରିବାରେ ସଫଳ ହୋଇଛି। ହେଲେ ବିଗତ ଦିନରେ ୨୧ରୁ ୨୦ ଲୋକ ସଭା ଆସନରେ ବିଜୟୀ ହୋଇ ଜାତୀୟ ରାଜନୀତିରେ ପତିଆରା ରଖୁଥିବା ବିଜେଡି ୨୦୨୪ ସାଧାରଣ ନିର୍ବାଚନରେ 'ଶୂନ'ରେ ପହଞ୍ଚିଯାଇଛି। ଓଡ଼ିଶାର ପ୍ରାୟ ଅଧିକାଂଶ ଲୋକଙ୍କୁ ଜଣାଥିବ ଗତ ନିର୍ବାଚନରେ ଓଡ଼ିଶାରୁ ୨୦ ଲୋକ ସଭା ଆସନରେ ବିଜୟୀହେବା ଯୋଗୁ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଫଳ ହୋଇପାରିଲେ। ମାତ୍ର ୨୦୧୪ର ମୋଦି ହାୱା ଏବଂ ୨୦୧୯ ପୁଲ୍‌ୱାମା ପାଇଁ ଦେଶବ୍ୟାପୀ ପ୍ରବଳ ସମର୍ଥନ ସତ୍ତ୍ୱେ ସେତେବେଳେ ଓଡ଼ିଶା ଭୋଟରଙ୍କ ଏତିକି ସହଯୋଗ ଭାଜପାକୁ ମିଳି ନ ଥିଲା। ୨୦୨୪ରେ କିନ୍ତୁ ଦେଶର ରାଜନୈତିକ ପାଣିପାଗ ଏକ ଭିନ୍ନ ଦିଗ ଦେଇ ଗତି କରିବା ବେଳେ ଓଡ଼ିଶା କିପରି ବିପରୀତମୁଖୀ ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ। ଏଭଳି କଥା ଉପରେ ଦ୍ୱନ୍ଦ୍ୱରେ ରହିଥିବା ଅନେକ ରାଜନୈତିକ ବ୍ୟକ୍ତି ଜାଣନ୍ତି, ଓଡ଼ିଶାରେ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ଦୀର୍ଘବର୍ଷ ଧରି ଚାଲୁଥିବା ତ୍ରିମୁଖୀ ଲଢ଼େଇ ସବୁବେଳେ ବିଜୁ ଜନତା ଦଳକୁ ସୁହାଇଆସୁଥିଲା। କୌଶଳକ୍ରମେ ସେହି ରାଜନୈତିକ ଅଙ୍କ ଉପରେ ପ୍ରଥମେ ଶକ୍ତ ପ୍ରହାର କରାଗଲା। ଏପରି ଏକ ରାଜନୈତିକ ବାତାବରଣ ସୃଷ୍ଟି କରାଗଲା ଯେପରି 'ତ୍ରିମୁଖୀ' ଲଢ଼େଇ ଦ୍ୱିମୁଖୀ ହେବ। ଏଥିପାଇଁ ଭାଜପା ପକ୍ଷରୁ ୨୦୧୪ ପରଠାରୁ ଦିଆଯାଉଥିବା 'କଂଗ୍ରେସ ମୁକ୍ତ ଭାରତର' ନାରାକୁ ବିଜେଡିରେ ଶକ୍ତିଶାଳୀ କେତେଜଣ ଅଫିସରଙ୍କ ଜରିଆରେ ସଫଳ କରାଇବାର ଉଦ୍ୟମ ଆରମ୍ଭ ହେଲା। ଓଡ଼ିଶାର ସବୁ ଲୋକ ସଭା ଆସନରେ ବିଜେଡିର ପ୍ରାର୍ଥୀ ଚୟନ ଏବଂ ସେହି ସମୟରେ କଂଗ୍ରେସରେ ନିଜର ପତିଆରା ରଖୁଥିବା କେଉଁସବୁ ନେତା ବିଜୁ ଜନତା ଦଳକୁ ଆସି ପ୍ରାର୍ଥୀ ହୋଇଥିଲେ ତା' ଉପରେ ନଜର ପକାଇଲେ ସମସ୍ତେ ଏହା ବୁଝିପାରିବେ।

ଉଦାହରଣ ସ୍ୱରୂପ କେନ୍ଦ୍ରାପଡ଼ା ଲୋକ ସଭା ଆସନକୁ ଦେଖିବା। ଏହି ଲୋକ ସଭା ଆସନରୁ ୨୦୨୪ ନିର୍ବାଚନରେ ବୈଜୟନ୍ତ ପଣ୍ଡା ଭାଜପାରୁ ପ୍ରାର୍ଥୀ ହୋଇ ୬, ୧୫, ୭୦୫ ଖଣ୍ଡ ଭୋଟ ପାଇ ବିଜେଡି ଟିକେଟରେ ଲଢୁଥିବା ଅଂଶୁମାନ ମହାନ୍ତିଙ୍କୁ ୬୬, ୫୩୬ ଖଣ୍ଡ ଭୋଟରେ ହରାଇଲେ। କଂଗ୍ରେସରୁ ଆସି ବିଜେଡିରୁ ଟିକେଟ ନେଇଥିବା ଅଂଶୁମାନ ସେହି ନିର୍ବାଚନରେ ମୋଟ୍ ୫,୪୯,୧୬୯ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସିଦ୍ଧାର୍ଥ ସ୍ୱରୂପ ଦାସ ୯୪,୮୩୨ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଲେ। କଥା ହେଉଛି କେନ୍ଦ୍ରାପଡ଼ାରେ ଭାଜପା ପ୍ରାର୍ଥୀ ବାସ୍ତବରେ ୨୦୧୯ ନିର୍ବାଚନ ତୁଳନାରେ ୨୦୨୪ରେ କେତେ ଅଧିକ ଭୋଟ ପାଇ ଜିତିଲେ। ଏହାକୁ ଜାଣିବା ପାଇଁ ୨୦୧୯ ନିର୍ବାଚନର ଫଳାଫଳ ବିଷୟରେ ଜାଣିବା ଜରୁରୀ। ୨୦୧୯ରେ ବୈଜୟନ୍ତ ଭାଜପାରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ଠାରୁ ୧,୮୧,୪୮୩ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ସେଥର ଅନୁଭବଙ୍କୁ ମୋଟ୍ ୬,୨୮,୯୩୯ ଏବଂ ବୈଜୟନ୍ତଙ୍କୁ ୪,୪୭,୪୫୬ ଭୋଟ ମିଳିଥିଲା। କଂଗ୍ରେସରୁ ସେହି ସମୟରେ ଧରଣୀଧର ନାୟକ ପ୍ରାର୍ଥୀ ହୋଇ ମୋଟ୍ ୧,୧୩,୮୪୧ ଖଣ୍ଡ ଭୋଟ ପାଇଥିଲେ। ଭାଜପା ୨୦ ଲୋକ ସଭା ଆସନ କିପରି ନେଲା ତାହାକୁ ତର୍ଜମା କଲେ, ବିଜୁ ପରିବାରର ଗଡ଼ ଭାବେ ପରିଚିତ କେନ୍ଦ୍ରାପଡ଼ା ହେଉଛି ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଶାର ସବୁ ଲୋକ ସଭା ଆସନରେ ସମାନ ଢଙ୍ଗରେ ଏଭଳି କାର୍ଯ୍ୟକ୍ରମ ହୋଇଥିବା ଏଥିରୁ ବୁଝାପଡୁଛି। ନବରଙ୍ଗପୁରରେ ପ୍ରଦୀପ ମାଝୀଙ୍କୁ ଏବଂ ବଲାଙ୍ଗୀରରେ ସୁରେନ୍ଦ୍ର ସିଂଭୋଇଙ୍କୁ କଂଗ୍ରେସରୁ ଆଣି ପ୍ରାର୍ଥୀ କରିବା ଏହିଭଳି ଆହୁରି ୨ଟି ବଡ଼ ଉଦାହରଣ ଭାବେ ନିଆଯାଇପାରେ। ଏହି ୨ ଆସନରେ କଂଗ୍ରେସର ଟାଣୁଆ ନେତାଙ୍କୁ ଆଣି ବିଜେଡି ପ୍ରାର୍ଥୀ କରିବା ଦ୍ୱାରା ସିଧାସଳଖ ଲାଭ ଭାଜପାକୁ ଯିବା ସହ 'କଂଗ୍ରେସ ମୁକ୍ତ ଭାରତ'ର ନାରା ମଧ୍ୟ ସଫଳ ହୋଇପାରିଲା। ସେହି ସମୟରେ ରାଜ୍ୟ ରାଜନୀତିକୁ ବୁଝୁଥିବା ବହୁ ବିଜେଡି ନେତା ଏହା ଭୁଲ୍ ହେଉଛି ବୋଲି ଜାଣିବା ସତ୍ତ୍ୱେ କାହା ହାତରେ ଏହାକୁ ବଦଳାଇବାର ପଘା ନ ଥିଲା। ଏହା ଜାଣିବା ସତ୍ତ୍ୱେ ସମସ୍ତଙ୍କୁ ପୀଡ଼ା ହେଉଥିଲା। ୨ ଜଣ ବରିଷ୍ଠ ଆଇପିଏସ୍ ଅଫିସର ଜଣେ ତୃତୀୟ ମହଲାରେ ବସୁଥିଲେ ଏବଂ ଅନ୍ୟ ଜଣଙ୍କ ଗ୍ରାଉଣ୍ଡରେ ରହି ଯାହା ରିପୋର୍ଟ ପ୍ରସ୍ତୁତ କରି ଦେଉଥିଲେ ତାହା ବିଜେଡିରେ ସର୍ବମାନ୍ୟ ହେଉଥିଲା।

ସୂଚନାଯୋଗ୍ୟ, ବିଜେଡି ଶାସନ ସମୟରେ ବରିଷ୍ଠ ଆଇପିଏସ୍ ଅଫିସର ଆଶିଷ ସିଂ ଏବଂ ଡି.ଏସ୍. କୁଟେ ବହୁ କ୍ଷମତାଶାଳୀ ଥିବା କଥା ଭାଜପା ବାରମ୍ବାର ଅଭିଯୋଗ କରୁଥିଲା। ସେମାନେ ବିଜେଡି ପାଇଁ କାମ କରୁଛନ୍ତି ବୋଲି ଅଭିଯୋଗ କରି ସେମାନଙ୍କ ବିରୋଧରେ ନିର୍ବାଚନ କମିଶନ ଏବଂ ରାଜ୍ୟପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲା। ଅବଶ୍ୟ ଏବେ ସେମାନଙ୍କ ବିଷୟରେ ଆଉ କେହି କିଛି ଅଭିଯୋଗ କରୁନାହାନ୍ତି। କେବଳ ସେତିକି ନୁହେଁ, ଆଶିଷ ସିଂ ତାଙ୍କର ସଫଳତା ପାଇବା ଭଳି ଏବେ କେନ୍ଦ୍ର ସରକାରଙ୍କ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି)ର ଆଇଜି ଭାବେ ନିଯୁକ୍ତି ପାଇଛନ୍ତି। ସେହିଭଳି ଡି.ଏସ୍. କୁଟେ ପୁରସ୍କାର ସ୍ୱରୂପ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବର୍ଡର ସିକ୍ୟୁରିଟି ଫୋର୍ସ ଆଇଜି ଭାବେ ନିଯୁକ୍ତି ପାଇ ରାଜନୈତିକ ଦୋଷାରୋପର ଅନେକ ଦୂରରେ ଅଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡି ପ୍ରତି କେନ୍ଦ୍ରର ଆଭିମୁଖ୍ୟ ନେଇ ବର୍ତ୍ତମାନ ରାଜ୍ୟ ଶାସକ ଦଳର ଯେଉଁ ନେତାମାନେ କ୍ଷମତାରେ ଅଛନ୍ତି ସେମାନେ ସବୁ ଦ୍ୱନ୍ଦ୍ୱରେ ରହୁଥିଲେ। କିନ୍ତୁ ଶେଷରେ କେନ୍ଦ୍ର ଗୋଟିଚାଳନା ରାଜ୍ୟ ନେତୃତ୍ୱଙ୍କୁ ଖୁସି ଦେଲା ବୋଲି କହିହେବ।

# ରେଡିଓର ପ୍ରାସଙ୍ଗିକତା ବଢୁଛି

## ବିଶ୍ୱ ବେତାର ଦିବସ

ଢେଙ୍କାନାଳ,୧୪।୨(ରତନ ନାୟାର)


ବିଶ୍ୱ ବେତାର ଦିବସ ପାଳନ ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ଅତିଥିମାନେ।

ଢେଙ୍କାନାଳ ବସ୍‌ଷ୍ଟାଣ୍ଡସ୍ଥିତ ମିଶନ ରିକନ୍‌ଷ୍ଟ୍ରକ୍ସନ ସ୍ୱେଚ୍ଛାସେବୀ ସଂସ୍ଥାର ରେଡିଓ ରିଲେ ସେଣ୍ଟର ପରିସରରେ ଶୁକ୍ରବାର ବିଶ୍ୱ ବେତାର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ରେଡିଓର ଭିନ୍ନ ଭିନ୍ନ ଅବତାର, ଯେପରି ରେଡିଓ, ଇଣ୍ଟରନେଟ୍ ରେଡ଼ିଓ, କମ୍ୟୁନିଟି ରେଡିଓ ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ପୂର୍ବତନ ଜିଲା ପଞ୍ଚାୟତ ଅଧିକାରୀ ନିରଞ୍ଜନ ମିଶ୍ର ରେଡିଓର ଇତିହାସ ଓ ମହତ୍ୱ ସମ୍ପର୍କରେ ବୁଝାଇଥିଲେ । ଜିଲା ରକ୍ତଦାତା ସଂଘର ସଭାପତି ନାରାୟଣ ପାଣି ଯୋଗଦେଇ ପୁରାତନରୁ ଆଧୁନିକ ଆଡ଼କୁ ଗତି କରୁଥିବା ରେଡିଓ ଦିନକୁ ଦିନ ତା'ର ଡିଜିଟାଲ ଓ ପୋଡ଼କାଷ୍ଟ ମାଧ୍ୟମରେ ଯୁବପିଢିଙ୍କୁ ଆକର୍ଷିତ କରୁଛି ଏବଂ ଆଧୁନିକ ଡିଜିଟାଲ ଯୁଗରେ ମଧ୍ୟ ରେଡିଓର ପ୍ରାସଙ୍ଗିକତା ହ୍ରାସ ପାଇନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି)ର ଓଡ଼ିଆ ଓ ଇଂଲିଶ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେଶନ ଓ ବ୍ରାଣ୍ଡ ମ୍ୟାନେଜେମେଣ୍ଟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ରେଡିଓ ଉପରେ ନିଜର ଅନୁଭୂତି ବଖାଣିବା ସହ ଓଡ଼ିଆ, ଇଂଲିଶ୍ ଓ ହିନ୍ଦୀରେ ନ୍ୟୁଜ୍ ବୁଲେଟିନ କରିଥିଲେ। ଶେଷରେ ଆଇଆଇଏମ୍‌ସିର ଆସିଷ୍ଟାଣ୍ଟ ପ୍ରଫେସର ଓ ମିଶନ ରିକନ୍‌ଷ୍ଟ୍ରକ୍ସନ ଉପଦେଷ୍ଟା ବିରଞ୍ଚି ନାରାୟଣ ସେଠ୍ ରେଡିଓର ସାମାଜିକ ଗୁରୁତ୍ୱ ଏବଂ ନୂତନ ପିଢି ପାଇଁ ଏହାର ପ୍ରାସଙ୍ଗିକତା ବଜାୟ ରଖିବା ପାଇଁ ସମସ୍ତେ ପ୍ରତିବଦ୍ଧ ରହିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଆଇଏମ୍‌ସିର ଛାତ୍ରୀ ଆରାଧନା ଦାସ, ପ୍ରିନ୍ସ ମିଶ୍ରା, ସୁଦର୍ଶନ କୁମାର, ଶ୍ରେୟାଶ୍ରୀ ସାହି, ସୁଜିତ ଦେବତା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ଡମୋଲ ଗ୍ରାମରେ ପ୍ରଥମ ବାର୍ଷିକ ଶିବ ମହୋତ୍ସବ



ପରଜଙ୍ଗ,୧୪।୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଡମୋଲ ଗ୍ରାମରେ ପ୍ରଥମ ବାର୍ଷିକ ଶିବ ମହୋତ୍ସବ ଶୁଭାରମ୍ଭ ଜାଗର ଯାତ୍ରାର ଦୁଇ ଦିନ ପୂର୍ବରୁ ଆରମ୍ଭ ହୋଇଛି। ଉକ୍ତ ପର୍ବ ଡମୋଲ ଗ୍ରାମ୍ୟ ପରିଚାଳନା ପରିଷଦର ସଭାପତି ଗୋପାଳ ଚନ୍ଦ୍ର ବଳ, ଉପସଭାପତି ଚନ୍ଦ୍ରଶେଖର ବଳ, କୋଷାଧ୍ୟକ୍ଷ ପ୍ରଦୀପ ପରିଡ଼ା, ସରପଞ୍ଚ ସୁନିଲ କୁମାର ଧଳ, ପୂର୍ବତନ ସରପଞ୍ଚ ଉଦୟ ମହାଭୋଇ, ଗ୍ରାମର ବିଶିଷ୍ଟ ବ୍ୟକ୍ତି କମଳ ଲୋଚନ ନାୟକ, ରଶିକ ନାୟକ ଏବଂ ଅନ୍ୟ ଶ୍ରଦ୍ଧାଳୁମାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲୁଅଛି। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଗ୍ରାମର ୧୦୮ ଜଣ ମହିଳା କଳସ ଧରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ପଣ୍ଡିତ ପ୍ରଶାନ୍ତ କୁମାର ଷଡଙ୍ଗି, ପଣ୍ଡିତ ନିରଞ୍ଜନ ଦାସ ବ୍ରାହ୍ମଣୀ ନଦୀ ଘାଟରେ ପୂଜା ଅର୍ଚ୍ଚନା କରିଥିଲେ। ପରେ ଜଳ ଆଣି ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଦ୍ୱିତୀୟ ଦିବସରେ ସୂର୍ଯ୍ୟ ପୂଜା, ଲାସା ପୂଜା, ଚଣ୍ଡୀ ଆହୁତି ହୋଇଥିଲା। ରବିବାର ମହାଶିବରାତ୍ରି ଦିନ ରାତି ୧୧ଟା ୫୫ମିନିଟ୍ ଠାରୁ ୧୨ ଟା ୩୦ମିନିଟ ମଧ୍ୟରେ ମହାଦୀପ ଉଠିବ ବୋଲି ପରିଚାଳନା କମିଟି ସଭାପତି ସୂଚନା ଦେଇଛନ୍ତି।

# କାହ୍ନୁ ଲେଙ୍କାଙ୍କ ବିୟୋଗରେ ଏମ୍‌ପିଙ୍କ ଶୋକ

ଢେଙ୍କାନାଳ,୧୪।୨
(ରତନ ନାୟାର)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ କଂଗ୍ରେସ ନେତା କାହ୍ନୁଚରଣ ଲେଙ୍କାଙ୍କ ପରଲୋକରେ ଶନିବାର ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଶୋକବ୍ୟକ୍ତ କରିଛନ୍ତି । ରାଜନୈତିକ ମତଭେଦ ସତ୍ତ୍ୱେ ୭୦ଦଶକରେ କାହ୍ନୁଚରଣ ଲେଙ୍କା ଓଡ଼ିଶା ବିଧାନସଭାର ସଦସ୍ୟ ଥିବା ବେଳେ ରୁଦ୍ର ନାରାୟଣ ପାଣି କଟକ ରେଭେନ୍ସା କଲେଜର ଛାତ୍ର ନେତା ଥିଲେ ବୋଲି କହିଛନ୍ତି । ତାଙ୍କ ସହିତ ରୁଦ୍ର ନାରାୟଣ ପାଣିଙ୍କର ଭଲ ସମ୍ପର୍କ ମଧ୍ୟ ରହିଥିଲା ବୋଲି ସେ କୁହନ୍ତି । ତାଙ୍କ ପରଲୋକରେ ସେ ଗଭୀର ଶୋକବ୍ୟକ୍ତ କରିବା ସହିତ ତାଙ୍କ ପରିବାରଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

# ଆରମ୍ଭ ହେଲା 'ଭବ୍ୟ ତୋଷାଳି ସ୍ୱଦେଶୀ ମେଳା'



ତୋଷାଳି ସ୍ୱଦେଶୀ ମେଳାର ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ହସ୍ତଶିଳ୍ପୀମାନେ। **(ଫଟୋ: ବିକାଶ ନାୟକ)**

ଭୁବନେଶ୍ୱର,୧୪।୨(ସୌମ୍ୟରଞ୍ଜନ ରାଉତ)

## ଆମ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ସମୃଦ୍ଧ ଐତିହ୍ୟର ପରିଚୟ: ଉପମୁଖ୍ୟମନ୍ତ୍ରୀ

- ୯୦୫ ଷ୍ଟଲ୍, ଯୋଗଦେଲେ ୨୦ ରାଜ୍ୟର ବୁଣାକାର ଓ କାରିଗର
- ୧୨ ହସ୍ତଶିଳ୍ପୀ ସମ୍ମାନିତ, ୪ ବୁଝାମଣାପତ୍ର ସ୍ୱାକ୍ଷରିତ

ଆମ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହା ଆମ ସମୃଦ୍ଧ ଐତିହ୍ୟର ପରିଚୟ ଏବଂ ଆମ ଅସ୍ମିତାର ନିଦର୍ଶନ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଶନିବାର ଜନତା ମୈଦାନଠାରେ '୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା'କୁ ଉଦ୍‌ଘାଟନ କରି କହିଛନ୍ତି। ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ଏହି ମେଳା ଆୟୋଜନର ପ୍ରମୁଖ ଲକ୍ଷ୍ୟ ବୋଲି ମତପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଲେ, ବୁଣାକାର ଓ କାରିଗରଙ୍କ ପାଇଁ ଓଡିଆ ଜାତି ଗର୍ବିତ। ଆମ ବୁଣାକାର ବନ୍ଧୁମାନେ ବୟନ ଅସ୍ମିତାର ସମର୍ଥ ସାରଥି ସାଜିଥିବା ବେଳେ ହସ୍ତଶିଳ୍ପୀ କାରିଗରମାନେ ଉତ୍କୃଷ୍ଟ କଳାର ବାର୍ତ୍ତାବହ ସାଜିଛନ୍ତି। ସେମାନଙ୍କ ଜୀବନ ଜୀବିକାକୁ ଅଧିକ ସଶକ୍ତ କରିବା ପାଇଁ ଆମ ସରକାର ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ୧୨ଜଣ ହସ୍ତଶିଳ୍ପୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହିତ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ଓ ଆଇଆଇପି ମୁମ୍ବାଇ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଓ ଆଇସିଏଆର୍-ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନାଚୁରାଲ୍ ଫାଇବର ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଏବଂ ଓୟୁଟିଆର୍ ଭୁବନେଶ୍ୱର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ଚଳିତବର୍ଷ ମେଳାରେ ୯୦୫ ଷ୍ଟଲ ଖୋଲିଥିବା ବେଳେ ୨୦ଟି ରାଜ୍ୟର ବୁଣାକାର ଓ କାରିଗର ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାବଲମ୍ବୀ ଅଭିଯାନର କ୍ଷେତ୍ରୀୟ ସଂଯୋଜକ ପ୍ରମୁଖ ସାରଦା ଶତପଥୀ, ପ୍ରସିଦ୍ଧ ବାଲିଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ର, ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ଡ. ନିବେଦିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ ପକ୍ଷରୁ ସୂଚନା ରହିଛି।

# ବରିଷ୍ଠ ନାଗରିକ ସଂଗଠନ ପକ୍ଷରୁ ପରିଚୟ ପତ୍ର ବଣ୍ଟନ



ଭୁବନ, ୧୪।୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ସଭାଗୃହରେ ଶୁକ୍ରବାର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପରିଚୟ ପତ୍ର ବଣ୍ଟନ ସହିତ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭୁବନ ବ୍ଲକ ବରିଷ୍ଠ ନାଗରିକ ସଂଘର ସଭାପତି ରଥ ସେଠୀ ସଭାପତିତ୍ୱ କରିଥିବା ବେଳେ ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ସଂଘର ସଭାପତି ତଥା ଅବସରପ୍ରାପ୍ତ ବିଚାରପତି ଦୁର୍ଗା ଚରଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ସହାୟତା ସହିତ ମାଗଣାରେ ଆଇନ ସେବା ମିଳିବା ସହିତ ଅସହାୟ ବରିଷ୍ଠ ନାଗରିକମାନଙ୍କ ସମସ୍ୟାଗୁଡ଼ିକ କିପରି ସରଳ ଉପାୟରେ ସମାଧାନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେଥିରେ ଜିଲା କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନେ କିପରି ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇ ରହିଛନ୍ତି ସେ ସମ୍ପର୍କରେ ଆଲୋକପାତ କରିବା ସହିତ ସମାଧାନର ବିଭିନ୍ନ ମାର୍ଗ ସମ୍ପର୍କରେ ଅବଗତ କରାଇଥିଲେ। ଅବସରପ୍ରାପ୍ତ ଅବକାରୀ ବିଭାଗ ଅଧୀକ୍ଷକ ତଥା ଜିଲା ଉପସଭାପତି ଅକ୍ଷୟ କୁମାର ସାହୁ, ଭୁବନ ବିଡିଓ ଆୟୁଷୀ ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ସଞ୍ଜୟ କୁମାର ଦାସ, ପାଣିପଞ୍ଚାୟତ ସଭାପତି ଜଗବନ୍ଧୁ ପୃଷ୍ଟି, ଉପଦେଷ୍ଟା ବ୍ରଜବନ୍ଧୁ ରାଉତ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଉପସଭାପତି ବିନାୟକ ପ୍ରସାଦ ଶତପଥୀ ପରିଚାଳନା କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ମାର୍ଗଦର୍ଶନ କରିଥିଲେ। ବିଶେଷ କରି ବରିଷ୍ଠ ନାଗରିକମାନଙ୍କୁ ଆଇନ ସେବା, ଅବସର ପରେ ବିଭିନ୍ନ କାର୍ଯ୍ୟାଳୟରେ ସହାୟକ ଓ ସହଯୋଗ କରିବାର ବିଭିନ୍ନ ମାର୍ଗ ଉପରେ ଆଲୋଚନା କରାଯାଇଥିଲା। ଭୁବନ ବ୍ଲକ ଓ ଏନଏସିର ୪୨ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ କାର୍ଯ୍ୟକର୍ତ୍ତା କ୍ଷୀରୋଦ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ODISHA STATE OPEN UNIVERSITY
SAMBALPUR
Calls for Admission
MASTER & BACHELOR DEGREE PROGRAMMES
• Master of Arts (Odia)
• Master of Arts (Hindi)
• Master of Arts (Sanskrit)
• Master of Arts (English)
• Master of Arts (Rural Development)
• Master of Arts (Sociology)
• Master of Arts (Economics)
• Master of Arts (History)
• Master of Arts (Public Administration)
• Master of Arts (Political Science)
• Master of Arts (Journalism & Mass Comm.)
• Master of Commerce
• MBA in Disaster Management
• Bachelor of Arts (Hons.) in Economics
• Bachelor of Arts (Hons.) in English
• Bachelor of Arts (Hons.) in Hindi
• Bachelor of Arts (Hons.) in History
• Bachelor of Arts (Hons.) in Odia
• Bachelor of Arts (Hons.) in Political Science
[Age: No Bar]
AS PER UGC GUIDELINE APRIL, 2022 NOW YOU CAN PURSUE TWO ACADEMIC PROGRAMMES SIMULTANEOUSLY.
HURRY UP!
Apply Now
ADMISSIONS OPEN
ACADEMIC SESSION JAN-2026
Admission form is to be submitted through the online portal of OSOU.
Last date for Admission has been extended upto 06th March 2026
Headquarters: At- Badsinghari, P.O.- Goshala Chowk, Dist- Sambalpur, Pin 768024, Odisha, India
Phone: 0663-2521600, 0663-2521700
Toll Free Number: 1800-34567-58
E-mail ID: admission@osou.ac.in
Regional Centres: Bhubaneswar (0674-2970779) Berhampur (0680-2222169) Jeypore (06854-230213) Balasore (06782-263871) Sambalpur (0663-2548132) Rourkela (7978215022) Jagatsinghpur (8917372814)
VISIT OUR WEBSITE www.osou.ac.in



କଲମ୍ବୋର ପ୍ରେମଦାସା ଷ୍ଟାଡିୟମରେ ଶନିବାର ଫୁଟ୍‌ବଲ ଖେଳି ଭାରତୀୟ କ୍ରିକେଟ ଦଳର ଅଭ୍ୟାସ।

# ହ୍ୟାଣ୍ଡଶେକ୍ ପ୍ରସଙ୍ଗକୁ ଏଡ଼ାଇଲେ ଉଭୟ ଅଧିନାୟକ

ରବିବାର କଲମ୍ବୋରେ ହେବାକୁ ଥିବା ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଜବରଦସ୍ତ ମୁକାବିଲା ହେବ। କିନ୍ତୁ ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ଦୁଇ ଦଳର ଖେଳାଳି ହାତ ମିଳାଇବେ କି ନାହିଁ, ତାହାକୁ ଉଭୟ ଦଳର ଅଧିନାୟକ ସଲମାନ ଆଘା ଏବଂ ସୂର୍ଯ୍ୟକୁମାର ଯାଦବ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଡ଼ାଇ ଯାଇଛନ୍ତି।

## ଇତିହାସରୁ ଶିକ୍ଷା କରିଛୁ: ସଲମାନ

କଲମ୍ବୋ,୧୪।୨(ପି.ଟି.)

ଆମେ ହାତ ମିଳାଇବୁ କି ନାହିଁ, ତାହା ମ୍ୟାଚ୍ ପୂର୍ବରୁ ଜଣାପଡ଼ିବ। କ୍ରିକେଟ ଉଚିତ ଭାବନା ସହ ଖେଳାଯିବା ଦରକାର। ହେଲେ ମୋ ବ୍ୟକ୍ତିଗତ ମତାମତ ମାନେ ରଖେ ନାହିଁ। ମାତ୍ର କ୍ରିକେଟ ସେଭଳି ଖେଳାଯିବା ଉଚିତ, ଯେଉଁଭଳି ଏହା ଖେଳାଯାଇ ଆସୁଛି। ଏହା ସେମାନଙ୍କ ଉପରେ ସେମାନେ କ'ଣ ନିଷ୍ପତ୍ତି ନେଉଛନ୍ତି ବୋଲି ସଲମାନ କହିଛନ୍ତି। ବିଶ୍ୱକପ୍‌ରେ ଭାରତ ବିପକ୍ଷ ରେକର୍ଡ ସମ୍ପର୍କରେ ସେ କହିଛନ୍ତି, ଆମ ରେକର୍ଡ ଭଲ ନାହିଁ। କିନ୍ତୁ ଯେତେବେଳେ ଏକ ନୂଆ ମ୍ୟାଚ୍ ଖେଳାଯାଏ, ସେହି ଦିନ ଭଲ ଖେଳିଥିବା ଦଳ ହିଁ ଜିତେ। ମ୍ୟାଚ୍ ଜିତିବା ପାଇଁ ଭଲ କ୍ରିକେଟ ଖେଳିବାକୁ ପଡ଼ିବ। ଆମେ ଇତିହାସ ବଦଳି ପାରିବୁ ନାହିଁ। ଆମେ ସେଥିରୁ ଶିକ୍ଷା ନେଇଛୁ। ଆମେ ଭାରତ ବିପକ୍ଷରେ ଭଲ ପ୍ରଦର୍ଶନ କରି ମ୍ୟାଚ୍ ଜିତିବୁ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅଗଷ୍ଟରେ ପହଲଗାମ ଗଣହତ୍ୟା ଓ ପରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର କାରଣରୁ ଦୁବାଇରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇ ନ ଥିଲେ।

### ତାରିକ ଆମ ଟ୍ରମ୍ପ କାର୍ଡ

ବୋଲିଂ କଲାବେଳେ ଉଇକେଟ ପାଖରେ ରହିକି ସ୍ଲିଙ୍ଗ ଆକ୍ସନ ସହିତ ବୋଲିଂ କରୁଥିବା ଉସ୍ମାନ ତାରିକ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ ପାଇଁ ଜଣେ ଟ୍ରମ୍ପ କାର୍ଡ। ଆର୍ ପ୍ରେମଦାସ ତାରକା ଖଚିତ ଭାରତୀୟ ଦଳ ପାଇଁ ଷ୍ଟାଡିୟମର ଧିମା ପିଚ୍‌ରେ ତାରିକ ଡବଲ ବିପଜ୍ଜନକ ହୋଇପାରନ୍ତି।

ଉସ୍ମାନ ଆମ ଦଳର ୧୫ ଖେଳାଳିଙ୍କ ମଧ୍ୟରୁ ଜଣେ। ଆମେ ତାଙ୍କୁ ସେହିଭଳି ବ୍ୟବହାର କରୁ। କେବଳ ତୁମେମାନେ ହିଁ ତାଙ୍କୁ ବଡ଼ ଖେଳାଳି କରି ଦେଇଛ। ସେ ଗତ କିଛି ମାସ ହେଲା ଖୁବ୍ ଭଲ ବୋଲିଂ କରୁଛନ୍ତି। ସେ ଲିଗ୍ କ୍ରିକେଟରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ହଁ ସେ ଆମ ପାଇଁ ଟ୍ରମ୍ପ କାର୍ଡ ବୋଲି ପାକିସ୍ତାନ ସଲମାନ କହିଛନ୍ତି। ତାଙ୍କ ବୋଲିଂ ଆକ୍ସନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ତାରିକ କ୍ରିକେଟ ଖେଳିବା ଆରମ୍ଭ କରିବା ଦିନଠାରୁ ତାଙ୍କ ବୋଲିଂ ଆକ୍ସନକୁ ନେଇ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ଏଣୁ ସେ ଏବେ ଏହାକୁ ଖାତିର କରୁ ନାହାନ୍ତି। ଗତ ବର୍ଷ ଦୁଇ ଥର ତାଙ୍କ ବୋଲିଂ ଆକ୍ସନକୁ ଆଇସିସି କ୍ଲିଅର କରିଥିଲା। ଆଇସିସି ତାଙ୍କୁ ଯାହା କରିବାକୁ କହିଥିଲା ଏବଂ ଇଣ୍ଟରନ୍ୟାଶନାଲ କ୍ରିକେଟରେ ବୋଲିଂ କରିବା ପାଇଁ ଯାହା ଦରକାର, ସେ କରିଥିଲେ। ଏଣୁ ମୋତେ ଜଣା ନାହିଁ, ତାଙ୍କ ବୋଲିଂ ଆକ୍ସନକୁ ନେଇ ଲୋକେ ଏତେ ଚର୍ଚ୍ଚା କାହିଁ କରୁଛନ୍ତି। ମୋ ମତରେ ମ୍ୟାଚ୍‌ରେ ସ୍ପିନର ପ୍ରଭାବ ବିସ୍ତାର କରିପାରନ୍ତି। କିନ୍ତୁ ମୋ ମତରେ ପେସରଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଆମ ପାଖରେ ଅନେକ ସ୍ପିନର ଓ ପେସର ରହିଛନ୍ତି, ଦରକାର ସମୟରେ ବ୍ୟବହାର କରିବୁ।

## ତାରିକ ସିଲାବସ୍ ବାହାର ପ୍ରଶ୍ନ

ଟୁର୍ନାମେଣ୍ଟର ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ଲାଇନ୍ ବିଫଳ ହୋଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ୱୀକାର କରିବା ସହ ପାକିସ୍ତାନର ଉସ୍ମାନ ତାରିକଙ୍କୁ ପରୀକ୍ଷାରେ ପଡ଼ିଥିବା ସିଲାବସ ବାହାର ପ୍ରଶ୍ନ ବୋଲି କହିଛନ୍ତି।

''ବେଳେବେଳେ ପରୀକ୍ଷାରେ ସିଲାବସ ବାହାର ପ୍ରଶ୍ନ ଆସିଥାଏ। କିନ୍ତୁ ଆମେ ତାହାକୁ ଛାଡ଼ିପାରିବା ନାହିଁ। ସେହି ପ୍ରଶ୍ନ ସହ ମୁକାବିଲା କରିବା ପାଇଁ ତୁମକୁ ନିଜେ ବାଟ ବାଛିବାକୁ ପଡ଼ିବ। ସେ ଜଣେ ଭିନ୍ନ ବୋଲର। କିନ୍ତୁ ଆମେ ତାଙ୍କ ନିକଟରେ ଆତ୍ମସମର୍ପଣ କରିପାରିବୁ ନାହିଁ। ଆମେ ତାଙ୍କର ସମ୍ମୁଖୀନ ପ୍ରସ୍ତୁତ ହେବା ପାଇଁ ସମାନ ଷ୍ଟାଇଲରେ ବୋଲିଂ କରୁଥିବା ବୋଲରଙ୍କ ସହ ପ୍ରାକ୍ଟିସ କରୁଛୁ'' ବୋଲି ସୂର୍ଯ୍ୟକୁମାର କହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପ୍ରଦର୍ଶନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଆମ ବ୍ୟାଟିଂ ଲାଇନ୍ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିପାରି ନାହିଁ।



ସୂର୍ଯ୍ୟକୁମାର ଯାଦବ

ଏଥିଲାଗି କୌଣସି ବାହାନା ଦେଲେ ହେବ ନାହିଁ। କିନ୍ତୁ ଆମେ ଅଧିକ ଶକ୍ତିଶାଳୀ ହୋଇ ଫେରିଛୁ। ଏଣୁ ଏହା ଟି୨୦ କ୍ରିକେଟର ସୌନ୍ଦର୍ଯ୍ୟ। ମୋ ମତରେ ପ୍ରତ୍ୟେକ ମ୍ୟାଚ୍‌ରେ ଜଣେ କିମ୍ବା ଦୁଇ ବ୍ୟାଟର ଆମକୁ ମ୍ୟାଚ୍ ଜିତାଉଛନ୍ତି।

### ପାକିସ୍ତାନ ଫାଇଦାରେ ଅଛି

ଚଳିତ ଟି୨୦ ବିଶ୍ୱକପ୍ ହାଇବ୍ରିଡ ମଡେଲରେ ହେଉଥିବାରୁ ପାକିସ୍ତାନ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳୁଛି। ପାକିସ୍ତାନ ଦଳ ତା'ର ପ୍ରତ୍ୟେକ ମ୍ୟାଚ୍ ଆର ପ୍ରେମଦାସା ଷ୍ଟାଡିୟମରେ ଖେଳିଛି। ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳିବା ଯୋଗୁ ପାକିସ୍ତାନ ଦଳ ଫାଇଦାରେ ରହିବ ବୋଲି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି। ସେମାନଙ୍କୁ ଏଠାରେ ସମସ୍ତ ଖେଳିବା ଫାଇଦା ଦେଉଛି। କିନ୍ତୁ ଆମେ ଏଠାରେ ପୂର୍ବରୁ ଖେଳିଛୁ। ଏଠାକାର ପରିସ୍ଥିତି ବିଷୟରେ ଆମକୁ ଜଣାଅଛି। ପିଚ୍ କେଉଁ ଭଳି ବ୍ୟବହାର କରିବ, ଆମକୁ ଜଣାଅଛି। ଏଠାକାର ପିଚ୍ କଣ୍ଡିଶନ ଭାରତ ଭଳି। ଏଣୁ ଉଭୟ ଦଳ ଲାଗି ସମାନ ପରିସ୍ଥିତି କହିବା ଭୁଲ୍ ହେବ ନାହିଁ ବୋଲି ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି।

### ହ୍ୟାଣ୍ଡଶେକ୍‌କୁ ଗୁରୁତ୍ୱ ଦିଅନ୍ତୁ ନାହିଁ

ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ହ୍ୟାଣ୍ଡଶେକ ଉପରେ ଏତେ ଗୁରୁତ୍ୱ କାହିଁକି ଦେଉଛନ୍ତି। ଆମେ କ୍ରିକେଟ ଖେଳିବାକୁ ଆସିଛୁ ଏବଂ ଆମେ ଭଲ କ୍ରିକେଟ ଖେଳିବୁ। ହ୍ୟାଣ୍ଡଶେକ କରିବୁ କି, ସେ ନେଇ ଆମେ ମ୍ୟାଚ୍ ପୂର୍ବରୁ ନିଷ୍ପତ୍ତି ନେବୁ ବୋଲି ସୂର୍ଯ୍ୟ ପ୍ରକାଶ କରିଛନ୍ତି।

# ବଡ଼ ପରଦାରେ ମ୍ୟାଚ୍ ଦେଖା ସହ ଖାଦ୍ୟ, ପାନୀୟ ଅଫର

ନୂଆଦିଲ୍ଲୀ, ୧୪।୨ (ପି.ଟି.)

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ମ୍ୟାଚ୍‌କୁ ଉପଭୋଗ କରିବା ଲାଗି ରାଜଧାନୀ ଦିଲ୍ଲୀରେ ବ୍ୟାପକ ଆୟୋଜନ କରାଯାଇଛି। ଦିଲ୍ଲୀ-ଏନ୍‌ସିଆର୍ (ନ୍ୟାଶନାଲ କ୍ୟାପିଟାଲ ରିଜିଅନ୍)ରେ ରହିଥିବା ରେଷ୍ଟୁରାଣ୍ଟ ଓ ସିନେମା ହଲ୍‌ଗୁଡ଼ିକରେ ମ୍ୟାଚ୍‌ର ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଛି। ଖେଳପ୍ରେମୀଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରକାର ଖାଦ୍ୟ ଓ ପାନୀୟ ପରିବେଷଣ ସହ ସ୍ୱତନ୍ତ୍ର ଅଫରର ବ୍ୟବସ୍ଥା କରାଯାଇଛି। ମ୍ୟାଚ ପାଇଁ ବିଭିନ୍ନ ମୃଦୁ ପାନୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେଗୁଡ଼ିକର ନାମ ଯଥା 'ହ୍ୟାଟ୍-ଟ୍ରିକ୍', 'ବିୟର ବାଉଣ୍ଡାରି', 'ସିକ୍ସର ସେଭର' ଏବଂ 'ବାଉଣ୍ଡାରି ବିଙ୍ଗେ' ଆଦି ରଖାଯାଇଛି। ଉଭୟ ଶାକାହାରୀ ଓ ମାଂସାହାରୀଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟତାଲିକା ପ୍ରସ୍ତୁତ କରାଯାଇଛି। ଜିଓଷ୍ଟାର ଓ ପିଭିଆର ଆଇନକ୍ସ ମଧ୍ୟରେ ଏକ ରଣନୈତିକ ସହଭାଗିତା ହୋଇଛି, ଯଦ୍ୱାରା କିଛି ସିନେମା ହଲ୍‌ରେ ସମସ୍ତ ମ୍ୟାଚ୍‌ର ସିଧା ପ୍ରସାରଣ ହେବ। ଏଥିରେ ଖେଳପ୍ରେମୀମାନେ ବଡ଼ ପରଦାରେ ଷ୍ଟାଡିୟମ ଷ୍ଟାଇଲ କ୍ରିକେଟର ରୋମାଞ୍ଚ ଅନୁଭବ କରିପାରିବେ। ଭାରତ-ପାକିସ୍ତାନ ହାଇ-ଭୋଲ୍‌ଟେଜ ମୁକାବିଲା ପାଇଁ ୫୦ରୁ ଊର୍ଦ୍ଧ୍ୱ ମାର୍କେଟରେ ୩୦୦ ବଡ଼ ପରଦାର ବ୍ୟବସ୍ଥା କରାଯାଇଛି। ଦର୍ଶକଙ୍କ ଚାହିଦା ଅନୁସାରେ ଅତିରିକ୍ତ ପରଦାର ବ୍ୟବସ୍ଥା କରାଯାଇଛି। ଟିକେଟର ସର୍ବନିମ୍ନ ମୂଲ୍ୟ ୯୯ ଟଙ୍କା ରଖାଯାଇଛି। ଭାରତକୁ ନେଇ ମ୍ୟାଚ ସମେତ ବଛାବଛା ଗ୍ରୁପ୍ ମ୍ୟାଚ ପରେ ସୁପର-୮ ଗେମ୍, ପ୍ଲେ-ଅଫ୍, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ଗୁଡ଼ିକୁ ଦର୍ଶକମାନେ ଉପଭୋଗ କରିପାରିବେ। ନୋଭୋଟେଲ ଦିଲ୍ଲୀସ୍ଥିତ କ୍ୟୁଅନ୍ ସ୍ପୋର୍ଟ୍ସ ବାର୍‌ରେ ମ୍ୟାଚ୍‌ର ସିଧା ପ୍ରସାରଣ ଦେଖିବା ସହ ୫,୯୯୯ ଟଙ୍କା, ୪,୯୯୯ ଟଙ୍କା ଓ ୩,୪୯୯ ଟଙ୍କାରେ ଯଥାକ୍ରମେ ୧୪, ୧୦ ଓ ୬ଟି ଲେଖାଏ ବିୟର ଅଫର ରହିଛି। ଏହିଭଳି ପ୍ୟାକେଜମାନ ଅପ୍‌ଷ୍ଟେୟାର୍ସ ବାର୍ ଓ ନେତାଜୀ ସୁଭାଷ ପ୍ଲେସରେ ରହିଛି। ଏଥିରେ ୫,୦୦୦ ଟଙ୍କା, ୭,୦୦୦ ଟଙ୍କା ଓ ୮,୦୦୦ ଟଙ୍କା ବିନିମୟରେ ଗ୍ରାହକଙ୍କ ଲାଗି ଅସୀମିତ ଖାଦ୍ୟ ଓ ପାନୀୟ ଅଫର ରହିଛି।

# ଆଇଏସ୍‌ଏଲ୍ ଆରମ୍ଭ

କୋଲକାତା,୧୪।୨

ବହୁ ପ୍ରତୀକ୍ଷିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୨୦୨୫-୨୬ ସିଜନ ଶନିବାର ଆରମ୍ଭ ହୋଇଯାଇଛି। ସଲ୍ଟ ଲେକ ଷ୍ଟାଡିୟମରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ମୋହନ ବାଗାନ ୨-୦ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ଦଳକୁ ୩ ପଏଣ୍ଟ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ମୋହନ ବାଗାନ ପାଇଁ ୩୭ତମ ମିନିଟ୍‌ରେ ଜେମି ମ୍ୟାକଲରେନ ଗୋଲ ଦେଇଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୧-୦ ଗୋଲ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ଶେଷ ଆଡ଼କୁ ଯୋଡ଼ା ଯାଇଥିବା ଅତିରିକ୍ତ ସମୟରେ ଟମ ଆଲଡ୍ରେଡ୍ (୯୦+୭) ମୋହନ ବାଗାନକୁ ୨-୦ ଗୋଲରେ ଜିତାଇଥିଲେ।

**OFFICE OF THE SUPERINTENDING ENGINEER**
**EARTH DAM DIVISION, CHITRAKONDA**
**DISTRICT: MALKANGIRI**
E-mail ID: executiveengineereddckd@gmail.com
No.301 Date:13.02.2026
**OFFICE ORDER**
No.32001/91/2526: Due to some unavoidable circumstances the Bid Identification No. SE-EDD-CKD-03/2025-26 is hereby cancelled.
Sd./- Superintending Engineer,
Earth Dam Division, Chitrakonda,
Malkangiri (O)
OIPR-32001/32019/1/25-26/0002

**Bhubaneswar Municipal Corporation**
**South West Zone**
Phone: 0674-2552715,Fax:0674-2432895, E-mail:info@bmc.gov.in, Web:www.bmc.gov.in
No.989 / Date: 13.02.2026
File No. 16/2026
13001/223/2526: **ସଂଶୋଧନ ପତ୍ର**
ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଦକ୍ଷିଣ-ପଶ୍ଚିମ ମଣ୍ଡଳସ୍ଥିତ ଖଣ୍ଡଗିରି ଛକଠାରୁ ପୋଖରୀପୁଟ ଛକ ପର୍ଯ୍ୟନ୍ତ ପ୍ରଶସ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସାମୂହିକ ଭାବେ ବସିଥିବା ଉଠାଦୋକାନୀମାନଙ୍କୁ (ଆମିଷ ଜାତୀୟ ତଥା ତ୍ୱରିତ ଖାଦ୍ୟ ପଦାର୍ଥ ବ୍ୟବସାୟ ବ୍ୟତୀତ) ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ''ବ୍ୟବସାୟ ରହିତ କ୍ଷେତ୍ର (No Vending Zone)'' ଭାବେ ଘୋଷଣା କରାଯାଇଛି ।
ତେଣୁ ଉପରୋକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ଗଣ୍ଡମୁଣ୍ଡା ହାଟରେ ଥଇଥାନ କରାଯିବା ପାଇଁ ସାଦା କାଗଜରେ ଆବେଦନପତ୍ର ସହିତ ବ୍ୟବସାୟ ସମ୍ବନ୍ଧୀୟ ଆବଶ୍ୟକ କାଗଜପତ୍ର ଭୁବନେଶ୍ୱର ମହାନଗର ନିଗମ, ଦକ୍ଷିଣ-ପଶ୍ଚିମ ମଣ୍ଡଳ କାର୍ଯ୍ୟାଳୟରେ ଦରଖାସ୍ତ ଦେବାର ସମୟସୀମା ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ଶେଷ ତାରିଖ ୧୭.୦୨.୨୦୨୬ ପରିବର୍ତ୍ତେ ବର୍ତ୍ତମାନ ତାରିଖ ୨୭.୦୨.୨୦୨୬ ରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଗଲା ।
ଉପରୋକ୍ତ ସମୟସୀମା ପରେ ଦକ୍ଷିଣ-ପଶ୍ଚିମ ମଣ୍ଡଳ ଆୟୁକ୍ତଙ୍କ ଦ୍ୱାରା କୌଣସି ଦରଖାସ୍ତ କିମ୍ବା ଦସ୍ତାବିଜ ଗ୍ରହଣ କରାଯିବ ନାହିଁ ।
ସ୍ୱା./-ମଣ୍ଡଳ ଆୟୁକ୍ତ, (I/C)
ଦକ୍ଷିଣ-ପଶ୍ଚିମ ମଣ୍ଡଳ,
ଭୁବନେଶ୍ୱର ମହାନଗର ନିଗମ
OIPR-13001/13002/1/25-26/0025

# ଭାରତକୁ ୪-୨ ଗୋଲରେ ହରାଇଲା ବେଲଜିୟମ୍



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଭାରତ ଓ ବେଲଜିୟମ ମଧ୍ୟରେ ମୁକାବିଲା।

ରାଉରକେଲା,୧୪।୨(ଦିନେଶ ମିଶ୍ର)

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଛେଣ୍ଡ ସ୍ଥିତ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଲଜିୟମ୍ ୪-୨ ଗୋଲରେ ଭାରତକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ବେଲଜିୟମ ପଏଣ୍ଟ ତାଲିକାରେ ଶୀର୍ଷରେ ରହିଛି। ଚଳିତ ଟୁର୍ନାମେଣ୍ଟରେ ବେଲଜିୟମ ଦଳ ବିଜୟଯାତ୍ରା ଜାରି ରଖିଛି। ଏହି ମ୍ୟାଚରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର.କେ ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ମ୍ୟାଚ ଆରମ୍ଭରୁ ବେଲଜିୟମ୍ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ପ୍ରଥମ କ୍ୱାର୍ଟରର ୧୧ମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନର(ପିସି)କୁ ହୁଗୋ ଲାବୋଚିରେ ଗୋଲରେ କନଭର୍ଟ କରିଥିଲେ। ସେହିଭଳି ୧୪ତମ ମିନିଟ୍‌ରେ ପିସି ଜରିଆରେ ଆଲେକ୍‌ଜାଣ୍ଡାର ହେଣ୍ଡ୍ରିକ୍ସ ବେଲଜିୟମ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ୧୫ ମିନିଟ୍‌ରେ ଆର୍ଥର ଡି' ସ୍ଲୁଭର ଏକ ପିସି ଜରିଆରେ ଗୋଲ କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ସୁଦ୍ଧା ବେଲଜିୟମ ୩-୦ ଗୋଲରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରର ୧୭ତମ ମିନିଟ୍‌ରେ ମିଳିଥିବା ଆଉ ଏକ ପିସିକୁ ଗୋଲ ପରିଣତ କରି ଆଲେକ୍‌ଜାଣ୍ଡାର ହେଣ୍ଡ୍ରିକ୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରିଥିଲେ। ୨୪ତମ ମିନିଟ୍‌ରେ ଅର୍ଜୁନ ଆଦିତ୍ୟ ଲାଲାଗେ ଭାରତ ପାଇଁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ବେଲଜିୟମ ୪-୧ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତକୁ ୩୭ ମିନିଟ୍‌ରେ ମିଳିଥିବା ଏକ ପିସି ଜରିଆରେ ଅଧିନାୟକ ହରମନପ୍ରୀତ ସିଂ ଗୋଲ ସ୍କୋର କରିଥିଲେ।

# କଲମ୍ବୋରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

କଲମ୍ବୋ, ୧୪।୨ (ପି.ଟି.)

ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁଥିବା ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ହାଇଭୋଲ୍‌ଟେଜ ମ୍ୟାଚ ପାଇଁ କଲମ୍ବୋରେ ଶ୍ରୀଲଙ୍କା ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ଏହି ମ୍ୟାଚ ପ୍ରେମାଦାସା ଷ୍ଟାଡିୟମରେ ଖେଳାଯିବ। ପୋଲିସ ମୁଖପାତ୍ର ଏଫ୍.ଟି. ଉଟଲର କହିଛନ୍ତି, ସୁରକ୍ଷା କ୍ଷେତ୍ରରେ ଆଦୌ ଢିଲା ଦିଆଯିବ ନାହିଁ। ମ୍ୟାଚ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବାଂଲାଦେଶକୁ ସମର୍ଥନ କରିବାକୁ ଯାଇ ପାକିସ୍ତାନ ଏହି ମ୍ୟାଚ ବର୍ଜନ କରିବା ଲାଗି ଘୋଷଣା କରିବାରୁ ମ୍ୟାଚ ଖେଳାଯିବା ନେଇ ଅନିଶ୍ଚିତତା ଦେଖାଦେଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଦୀର୍ଘ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇପାରିଛି। ଏପରିକି ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମରୋ ଦିସାନାୟକେଙ୍କୁ ଏହି ପ୍ରସଙ୍ଗରେ ମୁଣ୍ଡ ଖେଳାଇବାକୁ ପଡ଼ିଥିଲା। ଭାରତ ବିପକ୍ଷ ମ୍ୟାଚ ଖେଳିବା ଲାଗି ପାକିସ୍ତାନ ଦଳକୁ ଶ୍ରୀଲଙ୍କା ପଠାଇବା ଲାଗି ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କୁ ଅନୁରୋଧ କରିଥିଲେ। ଏହି ମ୍ୟାଚର ଆୟୋଜନ ପାଇଁ ଆୟୋଜକ ଶ୍ରୀଲଙ୍କା ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମ୍ୟାଚ ଖେଳା ନ ଗଲେ ତାଙ୍କ ଦେଶକୁ ବିପୁଳ କ୍ଷତି ସହିବାକୁ ପଡ଼ିବ ବୋଲି ସେ କହିଥିଲେ।

# ବିସିବି ମୁଖ୍ୟ ବୁଲବୁଲ ମ୍ୟାଚ୍ ଦେଖିବେ

କଲମ୍ବୋ,୧୪।୨(ପି.ଟି.)

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମୁଖ୍ୟ ଅମିନୁଲ ଇସଲାମ ବୁଲବୁଲ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇ ଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଯୋଗଦେବେ। ଭାରତରୁ ବିସିସିଆଇ ସଭାପତି ମିଥୁନ ମନହାସ, ସମ୍ପାଦକ ଦେବଜିତ ସାଇକିଆ, ଉପସଭାପତି ରାଜୀବ ଶୁକ୍ଳା ଉପସ୍ଥିତ ରହିବେ। ଏଣୁ ଦୁଇ ବୋର୍ଡ ମଧ୍ୟରେ ଗତ କିଛି ସପ୍ତାହ ହେଲା ଚାଲିଥିବା ତିକ୍ତତା ଶାନ୍ତ ପଡ଼ିବ ବୋଲି ଆଶା କରାଯାଉଛି। 'ଏହା ଆଇସିସିର ନିଷ୍ପତ୍ତି। ଆଇସିସିର ମୁଖ୍ୟ ଅଂଶୀଦାର ହେଉଛନ୍ତି ଏସିଆର ୫ ଦେଶ। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସମସ୍ତ ୫ ଏସିଆ ଦେଶର ପ୍ରତିନିଧି ଏକତ୍ରିତ ହୋଇ ମ୍ୟାଚ୍ ଦେଖିବା ଲାଗି ଆମନ୍ତ୍ରଣ କରାଯାଇଛି' ବୋଲି ବୁଲବୁଲ କହିଛନ୍ତି।

**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 961/PSC, dt. 13.02.2026**
**(1R-09-2024/25)(DR-V)**

**No.12001/16/2526** : It is for information of all concerned that, pursuant to the Advertisement No. 27 of 2023-2024, **66 (Sixty-six)** candidates, bearing following PPSAN have been shortlisted for interview for the post of **Assistant Professor (Stage-I) in "Geology"**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on **06.03.2026 to 08.03.2026** as per the programme mentioned below.

| Date | Time of Interview | PPSAN of Candidates |
|---|---|---|
| 06.03.2026 | 10.30 A.M. | P240284422, P240311409, P230107829, P220017876, P240301882, P240304807, P220083422, P230180393, P240311331, P220073091, P230177578, P220068944, P240296776 & P230182962 = **14 Candidates** |
| | 02.30 P.M. | P230177093, P230124497, P240306965, P240312037, P240302964, P240312050, P230185520, P230187923, P230187867, P240307927, P240302791 & P240303984 = **12 Candidates** |
| 07.03.2026 | 10.30 A.M. | P230137904, P240298247, P240304477, P240304925, P240306347, P230141335, P230198040, P220016025, P220050675, P230177832, P220058723, P220040937, P240295889 & P230101482 = **14 Candidates** |
| | 02.30 P.M. | P230179203, P240286845, P240302501, P230182918, P240306792, P220037179, P230147162, P240285880, P230155745, P220086716, P220007504 & P240291089 = **12 Candidates** |
| 08.03.2026 | 10.30 A.M. | P240291370, P240308726, P230178884, P230155816, P220025354, P220067444, P220059712, P230163853, P240294573, P230234068, P240299419, P240305219, P230141449 & P230141687 = **14 Candidates** |


It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission half an hour before the commencement of interview on the scheduled date & time as mentioned above.

**FURTHER, THE CANDIDATES ARE ADVISED TO BRING THE FOLLOWING FOR THE INTERVIEW :-**
(a) List of articles/publications (format enclosed at Annexure-I).
(b) List of books authored and co-authored (format enclosed at Annexure-II). (c) 04 sets of 4 (four) publications / articles of which the candidate is the first or second authors.
(d) 04 sets of 2 (two) books authored / co-authored by the candidates.
(e) A brief synopsis of doctoral research paper in two pages - 4 sets.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**
OIPR-12001/12002/1/25-26/0007 Sd./- Secretary

# ସାମୁଦାୟିକ ସ୍ୱରକୁ ପ୍ରାଧାନ୍ୟ ଦେବାକୁ ଗୁରୁତ୍ୱ



## ରେଡିଓ ଢେଙ୍କାନାଳ ପକ୍ଷରୁ ବିଶ୍ୱ ରେଡିଓ ଦିବସ

ଢେଙ୍କାନାଳ,୧୪।୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ରଣପଶିଠାରେ ଥିବା 'ଶୋଭା' କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ରେଡିଓ ଦିବସ ଅବସରରେ ରେଡିଓ ଢେଙ୍କାନାଳ ୯୦-ଏଫ୍‌ଏମ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱ ରେଡିଓ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ଭୋଜଦେଇପୁର ଗ୍ରାମରେ 'ଗାଁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଏବଂ ମନ୍ଦିର ସଫେଇ ହୋଇଥିଲା। ଅପରାହ୍ନରେ ରେଡିଓ ଢେଙ୍କାନାଳର ଦ୍ୱିତୀୟ ଜନ୍ମବାର୍ଷିକୀ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଆରଓ ଶ୍ରୀନିବାସ ରାଉତ ଯୋଗଦେଇ ରେଡିଓ କାର୍ଯ୍ୟକ୍ରମଗୁଡିକ ଜନସାଧାରଣଙ୍କ ସ୍ୱର ଭାବେ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚିଫ୍ ଇଞ୍ଜିନିୟର ଶିବ ପ୍ରସାଦ ମହାପାତ୍ର ଓ ଡ. ଦେବୀ ପ୍ରସାଦ ମିଶ୍ର ଯୋଗଦାନ କରି ରେଡିଓ ଢେଙ୍କାନାଳ ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ସମାଜ ମଙ୍ଗଳ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରସାରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କଣ୍ଠଶିଳ୍ପୀ ଜିତେନ୍ଦ୍ର କୁମାର ବେହେରା ଓ ଇପ୍ସିତା ବିଶ୍ୱାସଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା । ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ପ୍ରଜ୍ଞାପ୍ରିୟା ନନ୍ଦଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଡିଓ ଢେଙ୍କାନାଳର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହ ନିର୍ଦ୍ଦେଶିକା ଐଶ୍ୱର୍ଯ୍ୟା ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ବୋର୍ଡ ଚେୟାରମ୍ୟାନ୍ ରୋଟାରିଆନ୍ ରୁଦ୍ରପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ହିଁ ନାରୀ ଶକ୍ତିର ଜାଗୃତି ପାଇଁ ଅମୋଘ ଅସ୍ତ୍ର

ଢେଙ୍କାନାଳ,୧୪।୨(ରତନ ନାୟାର)



## ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ଓ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ଅର୍ପିତା ସାବତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ନାରୀ ଶକ୍ତିର ଜାଗୃତି ପାଇଁ ଅମୋଘ ଅସ୍ତ୍ର। ସ୍ୱାବଲମ୍ବୀ, ସ୍ୱୟଂସମ୍ପୂର୍ଣ୍ଣ, ଆତ୍ମନିର୍ଭରଶୀଳ ନାରୀଟିଏ ଏ ସମାଜର ମାନଦଣ୍ଡ ବୋଲି କହିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷୟତ୍ରୀ କୃସିଦା ବେଗମ୍ ଯୋଗଦେଇ ଲିଙ୍ଗଗତ ବୈଷମ୍ୟଠାରୁ ଯଥେଷ୍ଟ ଉପରକୁ ଉଠି ଏକ ନୂତନ ସମାଜ ଗଠନ କରିବାକୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିରକରି ଅଗ୍ରସର ହେବାକୁ ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ପ୍ରାଣୀ ବିଜ୍ଞାନ ଛାତ୍ରୀ ସୁନିତା ମିଶ୍ର ନିଜର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ମୃତିରେଖା ବେହେରା, ସ୍ମୃତିରେଖା ସାହୁ, ସୌମ୍ୟାରାଣୀ ବେହେରା ଓ ସ୍ୱାତୀ ସୁଲଗ୍ନା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ସରୋଜିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟ୍ୟ ସଂସଦର ସଭାପତି ଲିନା ଗନ୍ତାୟତ ସ୍ୱାଗତ ଭାଷଣ ଓ ଡ. ତୃପ୍ତିମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରୀୟ ପେନ୍‌ସନ ଯୋଜନା ସମ୍ପର୍କିତ କର୍ମଶାଳା

ଢେଙ୍କାନାଳ,୧୪।୨(ରତନ ନାୟାର)

ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଉପସ୍ଥିତ ଜିଲାର ସମସ୍ତ ଉଠାଣ ଓ ବିତରଣ ଅଧିକାରୀମାନଙ୍କୁ ଜିଲା କୋଷାଗାର ଅଧିକାରୀ ଗୌତମୀ ନାୟକ ଅଭିଭାଷଣ ପ୍ରଦାନ କରିଥିଲେ। ଅବସର ପରେ କର୍ମଚାରୀମାନେ କିଭଳି ନିଜର ପେନ୍‌ସନ ଅର୍ଥରାଶି ପାଇପାରିବେ ତା'ର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ଡାଇରେକ୍ଟର ଅଫ୍ ଟ୍ରେଜେରୀ ଆଣ୍ଡ୍ ଇନିସ୍ପେକ୍ସନ, ଭୁବନେଶ୍ୱରର ଆସିଷ୍ଟାଣ୍ଟ ଡାଇରେକ୍ଟର ପଙ୍କଜ କୁମାର ମହାନ୍ତ ବୁଝାଇ କହିଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳାରେ ହିନ୍ଦୋଳ, କାମାକ୍ଷାନଗର ଏବଂ ଭୁବନ ସବ୍ ଟ୍ରେଜେରୀ ଅଫିସରଙ୍କ ସମେତ ସମସ୍ତ ଉଠାଣ ଓ ବିତରଣ ଅଧିକାରୀ ଓ କାର୍ଯ୍ୟକାରୀ ସହାୟକମାନେ ଉପସ୍ଥିତ ଥିଲେ ।

# ଓପିଏସ୍ କଲେଜରେ ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳିତ

ଓଡ଼ପଡ଼ା, ୧୪।୨ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି (ଓପିଏସ୍) ମହାବିଦ୍ୟାଳୟରେ ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳିତ ହୋଇଯାଇଛି। ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଈଶ୍ୱର ସ୍ୱେଚ୍ଛାସେବୀ ସଂଗଠନର ନିର୍ଦ୍ଦେଶକ ରବୀନ୍ଦ୍ର ଚନ୍ଦ୍ର ବେହେରା ସାଇବର ଅପରାଧର ଭୟାବହତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାଇବର ଅପରାଧରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ଅବଗତ କରାଇଥିଲେ। ବିଶିଷ୍ଟ ଫୌଜଦାରୀ ଆଇନ ପରାମର୍ଶଦାତା ମଧୁସ୍ମିତା ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ସାଇବର ଅପରାଧ ଦୂର କରିବା ପାଇଁ ସରକାରଙ୍କ ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଈଶ୍ୱର ସ୍ୱେଚ୍ଛାସେବୀ ସଂଗଠନର ହିନ୍ଦୋଳ ବ୍ଲକ ସଂଯୋଜକ ଧ୍ରୁବଚରଣ ବିଶାଳ ସଙ୍ଗୀତ ମାଧ୍ୟମରେ ସାଇବର ଅପରାଧ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଦେବାନନ୍ଦ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପ୍ରାଧ୍ୟାପକ କପିଳ ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍ଯ୍ୟନ ଦାସ ଜିଲା ଛାତ୍ର ବିଜେଡି ସଭାପତି

ଢେଙ୍କାନାଳ,୧୪।୨ (ରତନ ନାୟାର)



ଢେଙ୍କାନାଳ ସହର ଗୁଡିଆନାଳୀ ଅଞ୍ଚଳର ଆର୍ଯ୍ୟନ ଦାସଙ୍କୁ ଜିଲା ଛାତ୍ର ବିଜେଡି ସଭାପତି ଭାବେ ମନୋନୀତ କାରାଯାଇଛି। ଆର୍ଯ୍ୟନ ଦାସ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ କଳା ଶେଷବର୍ଷ ଛାତ୍ର ଅଟନ୍ତି । ଜଣେ ଛାତ୍ରଙ୍କୁ ଛାତ୍ର ସଭାପତି ଭାବେ ଘୋଷଣା କରାଯାଇଥିବାରୁ ଛାତ୍ର ମହଲରେ ଉତ୍ସାହ ପ୍ରକାଶ ପାଇଛି । ଆର୍ଯ୍ୟନ ଜଣେ ସଙ୍ଗଠକ ଭାବେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନରେ ଜଡ଼ିତ ରହି ରକ୍ତଦାନ ଶିବିର, ଚାରା ରୋପଣ ଓ ସାମାଜିକ ସେବାରେ ନିଜକୁ ନିୟୋଜିତ କରୁଛନ୍ତି । ଜିଲା ବିଜେଡି ଛାତ୍ର ସଭାପତି ଭାବେ ଘୋଷଣା ହେବା ପରେ ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଈପସିତା ସାହୁ, ଜିଲା ସଭାପତି ଡା. ନୃସିଂହ ଚରଣ ସାହୁ, କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ, ଡା. ଅଭିନାଶ ସାମଲ, ପୂର୍ବତନ ଏମ୍‌ପି ମହେଶ ସାହୁ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କୁ ଧନ୍ୟବାଦ ଜ ଣା ଇ ଛ ନ୍ତି ।

# ବିଶ୍ୱନାଥ ଜେନାଙ୍କ ବିୟୋଗରେ ସ୍ମୃତିଚାରଣ ସଭା



ଗଁଦିଆ,୧୪।୨(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନାଙ୍କ ପରଲୋକରେ ଶନିବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ମୃତିଚାରଣ ସଭାରେ ବିଜେଡି ନେତୃବୃନ୍ଦ, ଗଁଦିଆ ବ୍ଲକର ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ପରଲୋକଗତ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। ଏହି ସ୍ମୃତିଚାରଣ ସଭାରେ ପୂର୍ବତନ ଏମ୍‌ପି ମହେଶ ସାହୁ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ସରୋଜ କୁମାର ସାମଲ ଓ ନବୀନ ନନ୍ଦ, ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କଅଁର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ ସିଂହ, ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ , ଗଁଦିଆ ବିଜୁ ମହିଳା ଜନତା ଦଳ ସଭାପତି ଶୁଭଦର୍ଶିନୀ ପରିଡା, ପୋରୁହଖୋଜ ସମିତିସଭ୍ୟ ବଳରାମ ପରିଡା, କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଗୋଲକ ବିହାରୀ ନାୟକ, ବରିଷ୍ଠ କଂଗ୍ରେସ ନେତା ଡମ୍ବରୁଧର ସେଠୀ, ଗଁଦିଆ ଥିଙ୍କର୍ଷ ଫୋରମ ସଭାପତି ସୁବ୍ରତ ସାହୁ, ସାମାଜିକ କର୍ମୀ ତାପସ ରାଉତ, ସୋରିଶିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତଙ୍କ ସମେତ ବିଜୁ ଜନତା ଦଳର ନେତୃବୃନ୍ଦ ଯୋଗଦେଇଥିଲେ ।

# ମା' ବିଲେଇଶୁଣୀ ପୀଠ ଉନ୍ନତୀକରଣ ସମୀକ୍ଷା ବୈଠକ

ପରଜଙ୍ଗ,୧୪।୨ (ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ କୁଟୁରିଆ ଗ୍ରାମ ସ୍ଥିତ ମା' ବିଲେଇଶୁଣୀ ଶକ୍ତି ପୀଠ ଉନ୍ନତୀକରଣ ନିମନ୍ତେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇଥିଲେ। ପୀଠର ଉନ୍ନତୀକରଣ ଯଥା- ପାର୍କିଂ, ଶୌଚାଳୟ, ଯାତ୍ରୀ ବିଶ୍ରାମଗାର, ପାନୀୟ ଜଳ ବ୍ୟବସ୍ଥା, ଭୋଜି ପିଣ୍ଡି, ବୋହିଯାଇଥିବା ନାଳ ଉପରେ ଚେକ୍‌ଡ୍ୟାମ, ନାଳ ଉପରେ ସୁଉଚ୍ଚ ସେତୁ ନିର୍ମାଣ, ପର୍ଯ୍ୟଟକଙ୍କ ରାତ୍ରୀ ଯାପନ ନିମନ୍ତେ ଆବଶ୍ୟକ ଗୃହ, କଟେଜ ଆଦି ନିର୍ମାଣ କିଭଳି ହୋଇପାରିବ ତାହା ଉପରେ ବିଧାୟକ ପ୍ରଧାନ ଗୁରୁତ୍ୱ ଦେଇଥିଲେ। ମା'ଙ୍କ ପୀଠକୁ ଆସୁଥିବା ଭକ୍ତମାନଙ୍କ ସମସ୍ୟା କିଭଳି ସମାଧାନ ହେବ ସେଥିପାଇଁ ଏକ ଅଭିଯୋଗ ଗ୍ରହଣ ବାକ୍ସରେ ଅଭିଯୋଗ ପତ୍ର ଦିଆଗଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ପ୍ରଧାନ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ, ବିଡ଼ିଓ ଯଶୋବନ୍ତ ଦେହୁରୀ, ଭାଜପା ଜିଲା ସଭାପତି ରାସବିହାରୀ ବେହେରା, ପୂର୍ତ୍ତ ବିଭାଗ ଏସ୍‌ଡିଓ ବିଜୟ କୁମାର ସେଠୀ, ଏସିଏଫଓ ସତ୍ୟ ନାରାୟଣ ସାହୁ, ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ର, କୁଟୁରିଆ ସରପଞ୍ଚ ରଞ୍ଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।


**MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁରମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5286

**छत्तीसगढ़ शासन वन विभाग, बलरामपुर वनमण्डल, बलरामपुर (छत्तीसगढ़)**

**नीलाम सूचना**

सर्व साधारण को सूचनार्थ प्रकाशित किया जाता है कि बलरामपुर वनमंडल के अन्तर्गत काष्ठागार वाड्रफनगर में रखी इमारती लकड़ी / जलाऊ काष्ठ को निम्नलिखित तिथि व समय में ई-ऑक्शन द्वारा निर्वतन किया जाना है। इच्छुक व्यापारि ई-ऑकसन में अवश्य भाग लेवें। ई-ऑक्शन की शर्ते एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार वाड्रफनगर से प्राप्त कर सकते है।

डिपो का नाम - काष्ठागार वाड्राफनगर
ई-नीलाम दिनांक - 25.02.2026
समय - प्रातः 09.00 बजे से

| क्र. | वनोपज का विवरण | नया काष्ठ लट्ठा घ.मी. | नया काष्ठ बल्ली / डेंगरी नग | पुराना काष्ठ लट्ठा (घ.मी.) | पुराना काष्ठ बल्ली / डेंगरी नग |
|---|---|---|---|---|---|
| 1 | 2 | 3 | 4 | 5 | |
| A | इमारती काष्ठ | | | | |
| 1 | सागौन | 1.799 | 14 | 96.639 | 559 |
| 2 | साल | 312.255 | - | 2213.617 | 694 |
| 3 | साजा | 82.224 | - | 167.125 | 126 |
| 4 | तिन्सा | - | - | - | - |
| 5 | बीजा, शीशम, खम्हार | 3.462 | - | 16.844 | 9 |
| 6 | हल्दु, मुडी, बांसा | 29.648 | - | 49.824 | 2 |
| 7 | धावड़ा | 1.486 | - | 14.728 | 84 |
| 8 | अन्य मिश्रित (सेमल) | 55.679 | - | 35.305 | 123 |
| 9 | नीलगिरी | 19.123 | - | - | - |
| 10 | सलया | - | - | - | - |
| 11 | खैर काष्ठ | 5.889 | - | - | - |
| | योग:- | 511.565 | 14 | 2594.082 | 1597 |
| क्र | प्रजाति विवरण | | | | |
| 1 | जलाऊ चट्टा मिश्रित प्रजाती सा. 2.00 मी. × 1.25 × 0.80 मी. | 200 चट्टा | | 363 चट्टा | |

टीप: 1. क्रेता को ई-ऑक्सन के पूर्व एम.एस.टी.सी. ई-कोमर्स पोर्टल में रजिस्ट्रेशन करना अनिवार्य हैं।
2. क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉगईन करके देख सकते है।

G-252606660/3 स्वा. / - वनमंडलाधिकारी, बलरामपुर वनमण्डल, बलरामपुर

**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

No. ୩୮୮୨/୨୦୨୫ Date: ୨୪।୧୨।୨୦୨୫

No. 24001/33/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୦/୨୦୨୨, ତା: ୨୮।୦୭।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା - ୨୭୭୯୩/୨୫, ତାରିଖ: ୨୮।୦୭।୨୦୨୫ ଅନୁଯାୟୀ ତା୩୧।୧୨।୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୈପାରିଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧।୧୨।୨୦୨୫।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./- ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**

ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା ନଂ. ୧୦୨, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୮ | ରୟତି | ୧ | ୧.୭୩୦ | ୦.୯୧୪ | ଡଙ୍ଗର | କାଞ୍ଚନମାଳା ଗୌଡ଼, ସ୍ୱା.: ଯୁଧିଷ୍ଠିର ଗୌଡ଼, ଜା: ଗୌଡ଼, ବା: ନିଜଗାଁ |
| ୨୮୯/ ୩୫୫ | ରୟତି | ୩ | ୦.୮୪୦ | ୦.୦୮୯ | ଧାନ ଅଣଜଳସେଚିତ ଦୁଇ | ତ୍ରିଲୋଚନ ଜେନା, ପି.: ଘାସିରାମ ଜେନା, ଜା: କାଳିଞ୍ଜି, ବା: ଗୌଡ଼ସାହି, ବୈପାରିଗୁଡ଼ା |
| ୧୦୯ | ରୟତି | ୨ | ୧.୦୦୧ | ୦.୪୫୫ | ଡଙ୍ଗର | ନୀରୋଦ ଚନ୍ଦ୍ର ରଥ, ପି.: ଗଙ୍ଗାଦର ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ମୋଟ | | ୧.୪୫୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | - |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧.୪୫୮ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | - |
| ଜଙ୍ଗଲ ଅଧିକାରୀ ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | - |
| | | ମୋଟ | | | | ୧.୪୫୮ |

Sd./- Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24001/24221/3/25-26/0001

No.9001/11/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.16.02.2026ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9014/1/25-26/0004

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
E.Mail - rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO. ONLINE-SESNG-24 of 2025-26**

**No.25001/140/2526** : 1. Name of the Work : Road Work, 2. Total No. of works : 2 no. Road, 3. Estimated cost : From Rs.67.29 Lakhs to 87.79 Lakhs, 4. Class of contractor : Only 'B', 5. Period of completion : 06 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding From | Availability of Tender On-line for bidding To |
|---|---|---|---|
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-24 of 2025-26** | **18.02.2026 11.00 A.M.** | **06.03.2026 05.00 P.M.** |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
Sundargarh

OIPR-25001/25046/1/25-26/0001

No.25001/162/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in

**INVITATION FOR BIDS (SHORT NOTICE)**

**"E" PROCUREMENT NOTICE NO. RWDSE_MKG_II_ONLINE_20/2025-26**

1. Name of the work : Roads works in the District of Malkangiri for the year 2025-26
2. Total No. of work : 01 Number of Road Work
3. Estimated Cost : Rs.69.92 Lakhs
4. Period of Completion : As Specified in the Annexure
5. Class of Contractor : As Specified in the Annexure
6. Cost of Tender Paper : Cost of tender is to be remitted ONLINE as specified in column-6 of the Annexure
7. Details Projects : As Specified in the Annexure

**Other details as follows**

a) Procurement Officer : Superintending Engineer, Rural Works Division-II, Malkangiri
b) Availability of Tender Online : 18.02.2026 at 11.00 A.M. to 25.02.2026 up to 5.30 P.M.
c) Last date & time of seeking of Tender clarification : 24.02.2026 up to 5.00 P.M.
d) Technical Bid Opening : 26.02.2026 at 11.00 P.M.
e) Financial Bid Opening : **To be intimated Separately**
f) Decision to conduct Lottery : If required to decide the agency, transparent Lottery shall be conducted on date 28.02.2026 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Malkangiri

OIPR-25001/25079/1/25-26/0024

# ଜେଲ ଫେରନ୍ତାଙ୍କୁ ହତ୍ୟା, ରାସ୍ତା ପାର୍ଶ୍ୱରୁ ମିଳିଲା ମୃତଦେହ

## ୨୦୨୨ରେ ମା'ଙ୍କୁ ହତ୍ୟା କରି ଜେଲ ଯାଇଥିଲେ

ଛେଣ୍ଡିପଦା,୧୪।୨ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଭେଜିଡିହ ଗାଁ ନିକଟସ୍ଥ ୧୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଶୁକ୍ରବାର ରାତି ୯ଟାରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ମୃତକ ହେଲେ ବାଗଡ଼ିଆ ଗାଁ ଦେହୁରୀ ସାହିର ତୁଷାରକାନ୍ତ ଦେହୁରୀ (୨୮)। ତୁଷାର ୨୦୨୨ ମସିହାରେ ମା'ଙ୍କୁ ହତ୍ୟା ଅଭିଯୋଗରେ ଜେଲ୍ ଯାଇ ଜାମିନରେ ଫେରିଥିଲେ। ତେବେ ଧାରୁଆ ଅସ୍ତ୍ରରେ କେହି ତାଙ୍କୁ ହାଣି ହତ୍ୟା କରିଥିବା ମୃତକଙ୍କ ଭାଇ ନିହାର ଦେହୁରୀ ଶନିବାର ଥାନାରେ ଅଭିଯୋଗ କରିଛନ୍ତି।



ମୃତଦେହ ପଡ଼ିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

ପୋଲିସର ସୂଚନା ଅନୁଯାୟୀ, ବାଗଡ଼ିଆ ଗାଁର ତୁଷାର ୨୦୨୨ରେ ମା'ଙ୍କୁ ହତ୍ୟା କରିବା ଅଭିଯୋଗରେ ଜେଲ ଯାଇଥିଲେ। ଜେଲରେ ସେ ଭେଜିଡିହ ଗାଁର ରବୀନ୍ଦ୍ର ନାଏକଙ୍କ ସହ ରହୁଥିଲେ। ଉଭୟ ଜାମିନରେ ଆସିବା ପରେ ରବୀନ୍ଦ୍ରଙ୍କ ଘରେ କିଛିଦିନ ହେଲା ତୁଷାର ରହୁଥିଲେ। ଶୁକ୍ରବାର ରାତି ୯ଟାରେ ଭେଜିଡିହ ଗାଁ ନିକଟ ରାଜପଥ ପାର୍ଶ୍ୱରେ ତୁଷାରଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ଘଟଣାସ୍ଥଳରେ ଜଗି ରହିଥିବାବେଳେ ଶନିବାର ଅନୁଗୋଳ ଡିଏସ୍‌ପି ସୁକୁମାର ତ୍ରିପାଠୀ, ବାଗଡ଼ିଆ ଥାନା ଅଧିକାରୀ ପ୍ରିୟବ୍ରତ ନାୟକଙ୍କ ତତ୍ତ୍ୱାବଧାନରେ ମୃତକଙ୍କ ଭାଇ ନିହାରଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରିବା ସହିତ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। ତୁଷାରଙ୍କ ପେଟ ଓ ମୁହଁ, ହାତ ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିବାରୁ କେହି ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୩୨/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାସ୍ଥଳରୁ ମିଳିଥିବା ଏକ ହେଲମେଟ ସହ ଅନ୍ୟ ପ୍ରମାଣକୁ ଆଧାର କରି ତଦନ୍ତ କରାଯାଉଥିବା ବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଡିଏସ୍‌ପି ସୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

# ନାଲ୍କୋରୁ ନିଖୋଜ ନାବାଳକ ଗ୍ୟାଙ୍ଗ୍‌ଟକରୁ ଉଦ୍ଧାର

ବଅଁରପାଳ,୧୪।୨(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର କଲୋନୀରୁ ନିଖୋଜ ହୋଇଯାଇଥିବା ଜଣେ ନାବାଳକଙ୍କୁ ନାଲ୍‌କୋ ପୋଲିସ ଗ୍ୟାଙ୍ଗ୍‌ଟକ୍‌ରୁ ଉଦ୍ଧାର କରିଛି। ପୋଲିସ କହିବାନୁଯାୟୀ, ନାଲ୍‌କୋ କଲୋନୀରେ ରହୁଥିବା ଜଣେ ୧୫ ବର୍ଷୀୟ ନାବାଳକ ଘରୁ କିଛି ଟଙ୍କା ନେଇ କୁଆଡେ ପଳାଇଥିଲେ। ଘର ଲୋକେ ତାଙ୍କର ସନ୍ଧାନ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା। ନାବାଳକ ଜଣଙ୍କ ଗ୍ୟାଙ୍ଗଟକ୍‌ରେ ପହଞ୍ଚି ଏକ ହୋଟେଲରେ ରହିବାକୁ ଉଦ୍ୟମ କରିଥିଲେ। ହୋଟେଲ କର୍ତ୍ତୃପକ୍ଷ ତାଙ୍କୁ ଆଧାର କାର୍ଡ ମାଗିଥିଲେ। କିନ୍ତୁ ସେ ତାହା ଦେଖାଇ ପାରି ନ ଥିଲେ। ହୋଟେଲ କର୍ତ୍ତୃପକ୍ଷଙ୍କ ସନ୍ଦେହ ହେବାରୁ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଗ୍ୟାଙ୍ଗ୍‌ଟକ୍ ପୋଲିସ ନାବାଳକଙ୍କୁ ଥାନାକୁ ନେଇ ପଚରାଉଚରା କରିବାରୁ ସେ ଘରୁ ପଳାଇ ଆସିଥିବା କହିଥିଲେ। ତାଙ୍କଠାରୁ ସମସ୍ତ ସୂଚନା ପାଇ ଗ୍ୟାଙ୍ଗଟକ୍ ପୋଲିସ ତୁରନ୍ତ ନାଲ୍‌କୋ ଥାନା ସହିତ ଯୋଗାଯୋଗ କରିଥିଲେ। ନାଲ୍‌କୋ ଥାନା ଏଏସ୍‌ଆଇ ସୁବ୍ରତ କୁମାର ପାଢ଼ୀ ଓ ସନ୍ଦୀପ କୁମାର ସାହୁଙ୍କ ସହ ଏକ ଟିମ୍ ଗ୍ୟାଙ୍ଗଟକ ଯାଇ ନାବାଳକଙ୍କୁ ଉଦ୍ଧାର କରି ଓଡ଼ିଶା ଅଭିମୁଖେ ଆସୁଥିବା ସୂଚନା ମିଳିଛି।

# ନିର୍ଯାତନା, ହତ୍ୟା ଧମକ ଅଭିଯୋଗ

ବଅଁରପାଳ,୧୪।୨(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ଥାନାରେ ସ୍ୱାମୀଙ୍କ ବିରୋଧରେ ନିର୍ଯାତନା ଓ ହତ୍ୟା ଧମକ ଅଭିଯୋଗ କରିଛନ୍ତି ସ୍ତ୍ରୀ। ଅଭିଯୋଗ ଅନୁଯାୟୀ, ପ୍ରାୟ ୮ ମାସ ପୂର୍ବେ ବଅଁରପାଳ ଥାନା ଅଞ୍ଚଳର ଜଣେ ଯୁବତୀ ପୁରୁଣାକୋଟ ଥାନା ଲୋଇମୁଣ୍ଡା ଗ୍ରାମର ସୁଶୀଲ ବେହେରାଙ୍କୁ ଭଲପାଇ ବିବାହ କରିଥିଲେ। ବିବାହ ପରେ ଉଭୟେ ଆନ୍ଧ୍ରପ୍ରଦେଶ ଯାଇ କାମ କରୁଥିଲେ। କିଛିଦିନ ତଳେ ସୁଶୀଲ ସ୍ତ୍ରୀଙ୍କୁ ଘରକୁ ଫେରାଇ ଆଣିଥିଲେ। କିନ୍ତୁ ଘରକୁ ଫେରିବା ପରେ ସୁଶୀଲ ଓ ପରିବାର ଲୋକ ମିଶି ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାରପିଟ କରିଥିଲେ। ସୁଶୀଲଙ୍କ ସହିତ ତାଙ୍କ ଭାଇ ସୁବୋଧ ବେହେରା, ଭାଉଜ ଟିକି ବେହେରା, ମା'ଗୁରୁବାରିଆ ବେହେରା, ବାପା ପହଲା ବେହେରା, ଭାଇ ସନ୍ତୁ ବେହେରା, ଭିଣୋଇ ମିଶି ନିର୍ଯାତନା ଦେବା ସହ ଘରୁ ତଡି ଦେଇଥିଲେ। ଫଳରେ ନିରୁପାୟ ହୋଇ ମହିଳା ଜଣକ ବାପ ଘରକୁ ଫେରି ସେଠାରେ ରହିଛନ୍ତି। ଶୁକ୍ରବାର ଅପରାହ୍ନରେ ସୁଶୀଲ ଶ୍ୱଶୁର ଘରକୁ ଆସି ଗାଳିଗୁଲଜ କରିବା ସହ ମାରପିଟ କରି ରକ୍ତାକ୍ତ କରି ଦେଇଥିଲେ। ପୋଲିସ ନମ୍ବର ୭୫/୨୬ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଚୋରା ଶାଗୁଆନ, ଜାମୁ କାଠ ଜବତ

ଅନୁଗୋଳ,୧୪।୨(ମାନସ ବିଶ୍ୱାଳ)

ଅନୁଗୋଳ ବନ ବିଭାଗ ପକ୍ଷରୁ ତାଳଚେର ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ଗତ ଶୁକ୍ରବାର ଡେରା ସେକ୍ସନର କଳମଛୁଇଁ ବିଟ୍ ଅନ୍ତର୍ଗତ କଳମଛୁଇଁ ଗ୍ରାମ ବାଉଁଶଗାଡ଼ିଆ ସାହିରେ ଚଢ଼ାଉ କରାଯାଇ ୧୧.୪ ଘନଫୁଟ ଚୋରା କାଠ ଜବତ କରାଯାଇଛି। ଏକ ପରିତ୍ୟକ୍ତ ଘର ଭିତରେ ୩୨ଟି ଶାଗୁଆନ ପଟା, ୧୨ଟି ଜାମୁ ପଟା ଥିବାବେଳେ ତାହାକୁ ଜବତ କରାଯାଇଥିଲା। ସମସ୍ତ ସାମଗ୍ରୀକୁ ତାଳଚେର ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି। ଏହି ଚଢ଼ାଉ ଟିମ୍‌ରେ ରେଞ୍ଜ ଅଫିସର ଚାରୁଲତା ନାୟକ, ବନରକ୍ଷକ ଜଲି ଦେହୁରୀ, ଅରୁଣା ଦେହୁରୀ, ଆଦିକନ୍ଦ ପ୍ରଧାନ, ସାଗରିକା ଦାଶ, ତ୍ରୈଲକ୍ୟ ରାଉତ, ଏବଂ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ସାମିଲ ଥିଲେ।

# ଜୟଦୁର୍ଗା ଫାଉଣ୍ଡେଶନ ଅଧ୍ୟକ୍ଷା ଗିରଫ

**୨୨ଲକ୍ଷ ଠକେଇ ମାମଲା**

## ନନ୍ଦିପଦା ପୋଲିସ ସହାୟତାରେ ଗିରଫ କଲା ଖଣ୍ଡଗିରି ପୋଲିସ

ହାଟଡିହୀ, ୧୪।୨(ଶୁଭକାନ୍ତ ନାୟକ)

ଏକ ଠକେଇ ମାମଲାରେ ଜୟଦୁର୍ଗା ଫାଉଣ୍ଡେଶନର ଅଧ୍ୟକ୍ଷା ସୁରେଶ୍ୱରୀ ସାଗରିକା ଜେନା ଶନିବାର ଗିରଫ ହୋଇଛନ୍ତି। କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ ହାଟଡିହୀ ବ୍ଲକ ଜଳକଳଙ୍ଗ ଗ୍ରାମର ସୁରେଶ୍ୱରୀ ସାଗରିକାଙ୍କୁ ସ୍ଥାନୀୟ ପୋଲିସ ସହାୟତାରେ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ପ୍ରଥମେ ଖଣ୍ଡଗିରି ପୋଲିସ ନନ୍ଦିପଦା ଥାନାରେ ପହଞ୍ଚି ସୁରେଶ୍ୱରୀ ସାଗରିକାଙ୍କ ବିଷୟରେ ଆଲୋଚନା କରିଥିଲା। ତତ୍‌ପରେ ସ୍ଥାନୀୟ ପୋଲିସ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ଘରୁ ଧରିଥିଲା। ଗିରଫ ପରେ ନନ୍ଦିପଦା ପୋଲିସ ତାଙ୍କୁ ଖଣ୍ଡଗିରି ପୋଲିସକୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ନନ୍ଦିପଦା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, ଏକ ଠକେଇ ମାମଲାରେ ସୁରେଶ୍ୱରୀ ଗିରଫ ହେବା ପରେ ଖଣ୍ଡଗିରି ପୋଲିସକୁ ତାଙ୍କୁ ହସ୍ତାନ୍ତର କରାଯାଇଛି। ଖଣ୍ଡଗିରି ଥାନା ଆଇଆଇଆସି ଅଭିମନ୍ୟୁ ଦାସ କହିଛନ୍ତି, ୨୨ଲକ୍ଷ ଟଙ୍କା ଠକେଇକୁ ନେଇ ସମ୍ପୃକ୍ତ ମହିଳାଙ୍କ ନାମରେ ଏକ ମାମଲା (ନଂ. ୪୬୫/୨୦୨୫) ରୁଜୁ ହୋଇଛି । ଉକ୍ତ ଅଭିଯୋଗକୁ ଭିତ୍ତିକରି ତାଙ୍କୁ ନନ୍ଦିପଦା ଥାନା ଅଞ୍ଚଳରୁ ଗିରଫ କରାଯାଇଛି ।

ସୁରେଶ୍ୱରୀ ଜୟଦୁର୍ଗା ଫାଉଣ୍ଡେଶନ ନାମରେ ଏକ ସଂସ୍ଥା ଗଠନ କରି ଜଣେ ମହିଳା ସାମାଜିକ କର୍ମୀ ଭାବେ ବେଶ୍ ଚର୍ଚ୍ଚାରେ ଥିଲେ । ଉକ୍ତ ସଂସ୍ଥାର ସେ ଅଧ୍ୟକ୍ଷା ଅଟନ୍ତି। ସେ ଗିରଫ ହେବା ପରେ ସ୍ଥାନୀୟ ଅଞ୍ଚଳରେ ସାମାଜିକ କାର୍ଯ୍ୟ ନାମରେ ଏପରି ଠକେଇ ଲଜ୍ଜାଜନକ ଘଟଣା ବୋଲି ଚର୍ଚ୍ଚାର ବିଷୟ ପାଲଟିଛି।

# କୁରାଢ଼ିରେ ହାଣି ସ୍ତ୍ରୀଙ୍କୁ ହତ୍ୟା

ଯୋଡ଼ା,୧୪।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ବ୍ରାହ୍ମଣୀଡିହା ଗ୍ରାମରେ ଚରିତ୍ର ସନ୍ଦେହରେ ସ୍ତ୍ରୀଙ୍କୁ କୁରାଢ଼ିରେ ହାଣି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୩୪/୨୬) ରୁଜୁ କରି ଅଭିଯୁକ୍ତ ଗୋବିନ୍ଦ ମୁଣ୍ଡାଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ମୃତ ମହିଳା ହେଲେ ରଜନୀ ମୁଣ୍ଡା (୨୮)। ରଜନୀଙ୍କ ଚରିତ୍ରକୁ ନେଇ ଗୋବିନ୍ଦ ସନ୍ଦେହ କରି ଆସୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ବଚସାରୁ ଝଗଡ଼ା ଉଗ୍ରରୂପ ନେଇଥିଲା। ଏଥିରେ ଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ଏକ କୁରାଢ଼ିରେ ରଜନୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଗ୍ରୀଲତାଡ଼ି ସେଣ୍ଟ ଜାଭିୟର୍ସ ସ୍କୁଲରୁ ଲୁଟ୍

ଢେଙ୍କାନାଳ,୧୪।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ରଣପଶିଠାରେ ଥିବା ସେଣ୍ଟ ଜାଭିୟର୍ସ ସ୍କୁଲରୁ ଶୁକ୍ରବାର ବିଳମ୍ବିତ ରାତିରେ ଗେଟ୍ ଓ ଗ୍ରୀଲ ତାଡ଼ି ଦୁର୍ବୃତ୍ତମାନେ ଦରକାରୀ କାଗଜପତ୍ର ସମେତ ବହୁ ଆସବାବପତ୍ର ଲୁଟି ନେଇଛନ୍ତି । ଦୁର୍ବୃତ୍ତମାନେ ପ୍ରିନ୍ସିପାଲ ଓ ଏକାଡେମିକ ସୁପରଭାଇଜରଙ୍କ ରୁମରେ ପଶି ଆଲମିରା ଓ ଟେବୁଲ ଡ୍ରୟରର ତାଲାଭାଙ୍ଗି ବିଦ୍ୟାଳୟର ସମସ୍ତ ଡକ୍ୟୁମେଣ୍ଟ ଓ ଜରୁରୀ କାଗଜପତ୍ର ଲୁଟି ନେଇଛନ୍ତି। ଏଥିସହିତ ସମସ୍ତ ରେଜିଷ୍ଟର, ଏସ୍‌ଏମ୍‌ସି ଓ ପିଟିଏ ରେଜିଷ୍ଟର, ଟ୍ରଷ୍ଟ ପ୍ରୋସିଡିଂ, ସ୍କୁଲର ଜମିଜମା କାଗଜପତ୍ର, ସେଲଡିଡ୍, ରିସିପ୍ଟ ଓ ଏକାଡେମିକ, ପରୀକ୍ଷା ସମ୍ବନ୍ଧୀୟ କାଗଜପତ୍ର, ୧୦ମ ଇଣ୍ଟରନାଲ ପରୀକ୍ଷାର ରେକର୍ଡ, ଉତ୍ତରଖାତା, ଦ୍ୱାଦଶ ଶ୍ରେଣୀର ପ୍ରାକ୍ଟିକାଲ ରେକର୍ଡ, କେତେକ ଛାତ୍ରୀଛାତ୍ରଙ୍କ ଆଡମିଟ୍ କାର୍ଡ ଓ ପରିବହନ ସମ୍ପର୍କୀୟ ଜରୁରୀ କାଗଜପତ୍ର ଲୁଟି ନେଇଛନ୍ତି । କେତେକ ବ୍ୟକ୍ତି ଗତ କିଛିଦିନ ହେବ ସୋସିଆଲ ମିଡିଆରେ ବିଦ୍ୟାଳୟ ବିରୋଧରେ ବହୁ ଆପତ୍ତିଜନକ ତଥ୍ୟ ପ୍ରଦାନ କରିଥିବାରୁ ଏହି ଘଟଣାରେ ସେମାନଙ୍କ ସମ୍ପୃକ୍ତିକୁ ସନ୍ଦେହ କରି ପ୍ରିନ୍ସିପାଲ ପ୍ରତାପଚନ୍ଦ୍ର ପାଣିଗ୍ରାହୀ ସଦର ଥାନାରେ ଶନିବାର ଏକ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି ।

**Business**

# ୧୦,୦୦୦ କୋଟିର ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ ୨.୦ ଅନୁମୋଦିତ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଭାରତର ବର୍ଦ୍ଧିତ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଷ୍ଟାର୍ଟଅପ ଇଣ୍ଡିଆ ଫଣ୍ଡ ଅଫ ଫଣ୍ଡ୍ସ ୨.୦ (ଷ୍ଟାର୍ଟଅପ ଇଣ୍ଡିଆ ଏଫ୍‌ଓଏଫ୍ ୨.୦) ପ୍ରତିଷ୍ଠାକୁ ଅନୁମୋଦନ କରିଛି। ଦେଶର ଷ୍ଟାର୍ଟଅପ ଇକୋସିଷ୍ଟମ ପାଇଁ ଭେଞ୍ଚର କ୍ୟାପିଟାଲ ସଂଗ୍ରହ କରିବା ପାଇଁ ଏଥିରେ ମୋଟ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି। ଦୀର୍ଘକାଳୀନ ଘରୋଇ ପୁଞ୍ଜି ସଂଗ୍ରହ, ଭେଞ୍ଚର କ୍ୟାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ନବୋନ୍ମେଷ ଆଧାରିତ ଉଦ୍ୟୋଗକୁ ସମର୍ଥନକରି ଭାରତର ଷ୍ଟାର୍ଟଅପ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। ୨୦୧୬ରେ ଷ୍ଟାର୍ଟଅପ ଇଣ୍ଡିଆ ଆରମ୍ଭ ହେବା ପରଠାରୁ ଭାରତର ଷ୍ଟାର୍ଟଅପ ଇକୋସିଷ୍ଟମରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହା ୫୦୦ରୁ କମ୍ ଷ୍ଟାର୍ଟଅପରୁ ବୃଦ୍ଧି ପାଇ ଆଜି ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍‌ରେ ପହଞ୍ଚିଛି । ୨୦୨୫ରେ ସର୍ବାଧିକ ଷ୍ଟାର୍ଟଅପ୍ ପଞ୍ଜୀକରଣ ହୋଇଛି । ଏଫ୍‌ଏଫ୍‌ଏସ୍ ୧.୦ ଅନ୍ତର୍ଗତ, ୧୦,୦୦୦ କୋଟି ଟଙ୍କାର ସମ୍ପୂର୍ଣ୍ଣ କର୍ପସ ୧୪୫ ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ୍)କୁ ଆବଣ୍ଟିତ କରାଯାଇଥିଲା। ଏହି ସମର୍ଥିତ ଏଆଇଏଫ୍ କୃଷି, କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଅଟୋମୋଟିଭ, କ୍ଲିନ୍ ଟେକ୍, ଉପଭୋକ୍ତା ସାମଗ୍ରୀ ଏବଂ ସେବା, ଇ-କମର୍ସ, ଶିକ୍ଷା, ଫିନ୍‌ଟେକ, ଖାଦ୍ୟ ଓ ପାନୀୟ, ସ୍ୱାସ୍ଥ୍ୟସେବା, ଉତ୍ପାଦନ, ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ବାୟୋଟେକ୍ନୋଲୋଜି ଭଳି କ୍ଷେତ୍ରରେ ଦେଶବ୍ୟାପୀ ୧,୩୭୦ରୁ ଅଧିକ ଷ୍ଟାର୍ଟଅପ୍ସରେ ୨୫,୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ଏଫ୍‌ଓଏଫ୍ ୨.୦ ଭାରତୀୟ ନବସୃଜନକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଡିଜାଇନ କରାଯାଇଛି। ଏହା ଧୈର୍ଯ୍ୟଶୀଳ ଏବଂ ଦୀର୍ଘକାଳୀନ ପୁଞ୍ଜି ଆବଶ୍ୟକ କରୁଥିବା ଉଚ୍ଚ ପ୍ରଯୁକ୍ତି କ୍ଷେତ୍ରଗୁଡ଼ିକରେ ସଫଳତାକୁ ପ୍ରାଥମିକତା ଦେବା ସହ ନୂତନ ଏବଂ ଅଭିନବ ଚିନ୍ତାଧାରା ପାଇଁ ଏକ ସୁରକ୍ଷା ଜାଲ ପ୍ରଦାନ କରିବା, ପାଣ୍ଠି ଅଭାବରୁ ପ୍ରାରମ୍ଭିକ ବିଫଳତାକୁ ହ୍ରାସ କରିବ। ସେହିପରି ପ୍ରମୁଖ ମହାନଗରଗୁଡ଼ିକ ବାହାରେ ନିବେଶକୁ ଉତ୍ସାହିତ କରିବା ଫଳରେ ନବସୃଜନ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିପାରିବ।

# ବେଦାନ୍ତ ଆଲୁମିନିୟମ ଦକ୍ଷତା ତାଲିମ କେନ୍ଦ୍ରର ସଫଳତା



## ଶତ ପ୍ରତିଶତ ତାଲିମପ୍ରାପ୍ତଙ୍କୁ ମିଳିଲା ନିଯୁକ୍ତି

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ପକ୍ଷରୁ କଳାହାଣ୍ଡିର ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରର ୨୭ତମ ବ୍ୟାଚ୍ ୧୦୦% ନିଯୁକ୍ତି ହାସଲ କରିଛନ୍ତି। ଏହି ବ୍ୟାଚ୍‌ରେ ୭ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଥିଲେ। ସେହି ସମସ୍ତ ପ୍ରାର୍ଥୀଙ୍କୁ ବିମାନ ଚଳାଚଳ ସେବା ଓ ଆତିଥେୟତା ଉଦ୍ୟୋଗର ବିଭିନ୍ନ ଅଗ୍ରଣୀ କମ୍ପାନୀରେ ନିଯୁକ୍ତି ସୁଯୋଗ ମିଳିଛି। ଏହି ପ୍ରାର୍ଥୀମାନେ ଇଣ୍ଡିଗୋ, କ୍ଲବ୍ ମହିନ୍ଦ୍ରା, ବେଲ୍‌ଜିଆନ୍‌ୱାଫଲ, ମିନର୍ଭାଗ୍ରାଣ୍ଡ, ଏଭିଏନ୍ ଗ୍ରୁପ୍, ଶ୍ରୀନେଚର ଭ୍ୟାଲି ଓ ଗଲ୍ଫ କ୍ଲବ୍ ଭଳି କମ୍ପାନୀରେ ଯୋଗଦେଇଛନ୍ତି। ସ୍ଥାୟୀ ଜୀବିକା ସୃଷ୍ଟି, ତୃଣମୂଳ ଅର୍ଥନୈତିକ ବିକାଶକୁ ସୁଦୃଢ଼କରିବା ଓ ବିକଶିତ ଭାରତର ଜାତୀୟ ଏଜେଣ୍ଡାକୁ ସମର୍ଥନକରିବା ପାଇଁ କମ୍ପାନୀର ରହିଥିବା ଦୀର୍ଘକାଳୀନ ଲକ୍ଷ୍ୟର ଅଂଶ ସ୍ୱରୂପ ଏହି କାର୍ଯ୍ୟକ୍ରମକୁ ଓଏସ୍‌ଡିଏ ଓ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗିତାରେ ଭବାନୀପାଟଣା ଓ ଲାଞ୍ଜିଗଡ଼ରେ ଆୟୋଜନ କରାଯାଉଛି। ଏହି ଅଭିଯାନ ସମ୍ପର୍କରେ ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ତାଲିମ କେନ୍ଦ୍ରରୁ ମୁଖ୍ୟଧାରା କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ରୂପାନ୍ତରିତ ହେବାରେ ସକ୍ଷମକରି ଆମେ ଦର୍ଶାଇଛୁ ଯେ ସମାବେଶୀ ନିଯୁକ୍ତି ପ୍ରଦାନ କେବଳ ଏକ ସାମାଜିକ ଅଭିଯାନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର ଆବଶ୍ୟକତା। ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩ ବର୍ଷରେ ୧୩୦୦ରୁ ଅଧିକ ଗ୍ରାମୀଣ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି।

# ୨୬କୋଟି ଟଙ୍କାର ଋଣ ବଣ୍ଟନ




## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମେଗା କୃଷିଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ଜଗତ୍‌ପୁରର ପୀରବଜାରସ୍ଥିତ ଅମ୍ବିକା କନ୍‌ଭେନ୍‌ସନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା ଏବଂ ୨୬କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ଏବଂ ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଗ୍ରାହକମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଋଣ ଆବଶ୍ୟକତା ପୂରଣକରିବା ପାଇଁ ସେଣ୍ଟ୍ରାରି ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା କେନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଗ୍ରାମୀଣ ଗ୍ରାହକମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷା ଓ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତକରିବା ନିମନ୍ତେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା।

# ସିଏନ୍‌ଜି ପ୍ରଚାରପ୍ରସାର ପାଇଁ ରାଲି

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଗେଲ୍ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ନ୍ୟାଶନାଲ ପିଏନ୍‌ଜି ଡ୍ରାଇଭ ୨.୦ ଅଧୀନରେ ଭୁବନେଶ୍ୱରରେ ଏକ କମ୍ପ୍ରେସ୍‌ଡ ନାଚୁରାଲ ଗ୍ୟାସ୍ (ସିଏନ୍‌ଜି)ର ପ୍ରଚାରପ୍ରସାର କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବେ ଭୁବନେଶ୍ୱର-କଟକ-ଭୁବନେଶ୍ୱର ରୁଟ୍‌କୁ କଭର କରୁଥିବା ଏକ ରାଲିରେ ପ୍ରାୟ ୫୦ଟି ସିଏନ୍‌ଜି ଯାନ ଅଂଶଗ୍ରହଣ କରିଥିଲେ। ରାଲି ସମୟରେ ପ୍ରକୃତ ଅନ୍-ରୋଡ୍ ପ୍ରଦର୍ଶନକୁ ମୂଲ୍ୟାୟନ କରିବା ପାଇଁ ଯାନଗୁଡିକର ମାଇଲେଜକୁ ଭଲ ଭାବରେ ତଦାରଖ କରାଯାଇଥିଲା ଏବଂ ସର୍ବାଧିକ ମାଇଲେଜ ହାସଲ କରିଥିବା ୩ ଜଣ ଡ୍ରାଇଭରଙ୍କୁ କାର୍ଯ୍ୟକ୍ରମ ଶେଷରେ ସମ୍ମାନିତ କରାଯାଇଛି। ସିଏନ୍‌ଜି ପରିଚାଳିତ ଟୁର୍ ଭାରିଆଣ୍ଟ ଯାନ ପ୍ରତି କିଲୋଗ୍ରାମ ପିଛା ୩୫ କିଲୋମିଟରରୁ ଅଧିକ ମାଇଲେଜ ପ୍ରଦାନ କରିପାରୁଛନ୍ତି ବୋଲି ପ୍ରଦର୍ଶିତ କରିବା ଏହି ରାଲିର ଉଦ୍ଦେଶ୍ୟ ରହିଥିଲା। ମାତ୍ର ରାଲିରେ ଶୀର୍ଷ ପ୍ରଦର୍ଶନକାରୀ ଚାଳକମାନେ ପ୍ରତି କିଲୋଗ୍ରାମ ସିଏନ୍‌ଜି ପିଛା ପ୍ରାୟ ୪୦ କିଲୋମିଟରର ମାଇଲେଜ ରେକର୍ଡ କରିଥିଲେ।

# ସ୍ୱସ୍ତିକ ଟିଭିଏସ୍ ପକ୍ଷରୁ ଟିଭିଏସ୍ ଅର୍ବିଟରର ଅନାବରଣ

ଭୁବନେଶ୍ୱର, ୧୪।୨(ଅନୁରାଧା ମହାରଣା)




କଟକସ୍ଥିତ ସ୍ୱସ୍ତିକ ଟିଭିଏସ୍ ପକ୍ଷରୁ ଶନିବାର ନୂଆ ଟିଭିଏସ୍ ଅର୍ବିଟର ଅନାବରଣ କରାଯାଇଛି। ସହରୀ ଯାତାୟାତକୁ ସହଜ ଏବଂ ପରିବେଶ ଅନୁକୂଳ କରିବା ପାଇଁ ଏହି ସ୍କୁଟରେ ଅନେକ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଏହା ଥରେ ଚାର୍ଜ ହେଲେ ୧୫୮ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଏହାର ୧୪ ଇଞ୍ଚର ଆଗ ଚକ ରାସ୍ତାରେ ଉତ୍ତମ ସନ୍ତୁଳନ ଏବଂ ସୁରକ୍ଷା ପ୍ରଦାନ କରେ। ୩୪ ଲିଟରର ବଡ଼ ବୁଟ୍‌ସ୍ପେଶ୍ ଏଥିରେ ୨ଟି ହେଲ୍‌ମେଟ୍ ରଖାଯାଇପାରିବ। କ୍ରୁଜ୍ କଣ୍ଟ୍ରୋଲ, ହିଲ୍ ହୋଲ୍ଡ ଆସିଷ୍ଟ ଏବଂ ସ୍ମାର୍ଟଫୋନ୍ କନେକ୍ଟିଭିଟି ଭଳି ପ୍ରିମିୟମ୍ ଫିଚର୍ସ ଏଥିରେ ଉପଲବ୍ଧ। ଏହାର ମୂଲ୍ୟ ୧,୦୪,୯୦୦(ଏକ୍ସ ଶୋ' ରୁମ୍) ରହିଛି। ଅନାବରଣ କାର୍ଯ୍ୟକ୍ରମରେ ସ୍ୱସ୍ତିକ ଟିଭିଏସ୍‌ର ଏମ୍‌ଡି ପରମେଶ୍ୱର କଓ୍ୱାଟିଆ, ଦିନେଶ କଓ୍ୱାଟିଆ, ରିଜିଓନାଲ ଟ୍ରେନିଂ ମ୍ୟାନେଜର ମଜିଦ୍ ଖାନ୍, ଓଡ଼ିଶା ଟିଭିଏସ୍‌ର ଇଭି ସେଲସ୍‌ର ରଶ୍ମିରଞ୍ଜନ ଦାସ, ଟେରିଟୋରି ସେଲ୍‌ସ ମ୍ୟାନେଜର ବାବି ବୈଶ୍ୟ ଓ ଓଡ଼ିଶା ଟିଭିଏସ୍‌ର ଡିଲର ଲିଡ୍ ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ବାର୍ଷିକ ସେଲ୍

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର ଶହୀଦନଗରସ୍ଥିତ ଫ୍ଲାଗ୍‌ଶିପ୍ ଷ୍ଟୋରର ବାର୍ଷିକ ସେଲ୍ ସହ ସୀମିତ ସମୟ ଅଫର ଘୋଷଣା କରାଯାଇଛି। ଶନିବାରଠାରୁ ଆରମ୍ଭହୋଇଥିବା ଏହି ସେଲ୍ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଗ୍ରାହକମାନେ ସୁନା ଓ ହୀରାଗହଣା ଉଭୟର ଗଢ଼ା ମଜୁରିରେ ଫ୍ଲାଟ୍ ୪୫% ରିହାତି ପାଇପାରିବେ। ଏହାବ୍ୟତୀତ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଓଡ଼ିଶାରେ ଥିବା ସମସ୍ତ ଶୋ'ରୁମ୍‌ରେ ବ୍ୟାପକ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ୯୦ ବର୍ଷର କାରିଗରି ପ୍ରତି ଏକ ସମ୍ମାନ ଜଣାଉଥିବା ଷ୍ଟୋର ପକ୍ଷରୁ କୁହାଯାଇଛି। ସୁନ୍ଦର, ଯତ୍ନର ସହ ନିର୍ମିତ ଡିଜାଇନଗୁଡ଼ିକୁ ପୂର୍ବାପେକ୍ଷା ଆହୁରି ସହଜରେ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଖିମ୍‌ଜୀ ଉଦ୍ୟମ କରୁଛି। ହୀରା ନେକ୍‌ଲେସ୍‌ଠାରୁ ଆରମ୍ଭକରି ସୂକ୍ଷ୍ମଭାବେ ଡିଜାଇନ କରାଯାଇଥିବା ବ୍ରାଇଡାଲ୍ ସେଟ୍ ପର୍ଯ୍ୟନ୍ତ ଆଗକୁ ବଢ଼ିଯାଇଥିବା ଏକ ପରମ୍ପରା ପାଇଁ ପରିଚିତ ଖିମ୍‌ଜୀ ଜୁଏଲର୍ସ ସୁନା ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି। ରାଜ୍ୟରେ ବର୍ତ୍ତମାନ ୧୧ଟି ଶୋ'ରୁମ୍ ଓ ଆଗକୁ ଶୁଭାରମ୍ଭ ହେବାକୁ ଯାଉଥିବା ୪ଟି ଶୋ'ରୁମ୍ ସହ ଏହି ବ୍ରାଣ୍ଡ ଏହାର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା ରଖିଛି।



# ସହରରେ ୱାଟର ଏଟିଏମ୍ କାର୍ଯ୍ୟକ୍ଷମ ନେଇ ପ୍ରଶ୍ନବାଚୀ

## ଆଗକୁ ଆସୁଛି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ

ଅନୁଗୋଳ,୧୪।୨(ଦିବ୍ୟଶାନ୍ତନୁ ନାଥ)

ଧୀରେ ଧୀରେ ଶୀତ ଛାଡ଼ିବା ସହ ଟାଣଧରୁଛି ଖରା। ଫେବୃଆରୀରୁ ଉତ୍ତାପ ଯେପରି ବଢ଼ିଲାଣି ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ଯେ ପ୍ରଚଣ୍ଡ ହେବ ତାହା ଏବେଠୁ ଅନୁମାନ କରିହେଲାଣି। ହେଲେ ଅନୁଗୋଳ ସହରକୁ ଦୈନିକ ବାହାରୁ ଆସୁଥିବା ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇବା ପାଇଁ ପୌରପାଳିକା ପକ୍ଷରୁ ନିର୍ମାଣ ହୋଇଥିବା ୪ଟି ଦେୟଯୁକ୍ତ ୱାଟର ଏଟିଏମ୍ ଏବେବି ଅଚଳ ଅବସ୍ଥାରେ ରହିଛି। ଏହା କେବେ କାର୍ଯ୍ୟକ୍ଷମ ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ପ୍ରଶାସନର ନିର୍ଦ୍ଦେଶ ପରେ ପୌରପାଳିକା ପକ୍ଷରୁ ୨୦୨୧-୨୨ ମସିହାରେ ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ୱାଟର ଏଟିଏମ୍ ଲଗାଇବାର ଯୋଜନା କରାଯାଇଥିଲା। ଟଙ୍କାଟିଏ ଦେଇ ସାଧାରଣ ଲୋକେ ଥଣ୍ଡା ଓ ବିଶୁଦ୍ଧ ପିଇବା ପାଣି ପାଇବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଥିଲା। ସହର ମଧ୍ୟରେ ପ୍ରଥମ କରି ଏହି ୱାଟର ଏଟିଏମ୍ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା ହୋଇଥିଲା। ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ, ପୁରୁଣା ସୂଚନାକେନ୍ଦ୍ର, ଇକୋ ପାର୍କ ଓ ବସ୍‌ଷ୍ଟାଣ୍ଡ ନିକଟରେ ଏହି ୱାଟର ଏଟିଏମ୍ ସ୍ଥାପନ କରାଯାଇଥିଲା। ହେଲେ ଏଯାବତ ତାହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। ପୌରପାଳିକାର ଉଦାସୀନତା ହେତୁ କାର୍ଯ୍ୟ ବିଳମ୍ବ ହେଉଥିବା ସହରବାସୀ ଅଭିଯୋଗ କରୁଛନ୍ତି। ଦୈନିକ ଅନୁଗୋଳ ସହରକୁ ସହସ୍ରାଧିକ ଯାତ୍ରୀ ଆସୁଥିବା ବେଳେ ପାଣି ମୁନ୍ଦେ ପାଇଁ ଏ ଦୋକାନରୁ ସେ ଦୋକାନ ହେଉଛନ୍ତି। ଏପରି କି ୧୦ରୁ ୨୦ ଟଙ୍କା ଖର୍ଚ୍ଚ କରି ଦୋକାନରୁ ବୋତଲ ପାଣି କିଣି ପିଉଛନ୍ତି। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ଥାନ ହେଉଛି ସହରର ପ୍ରବେଶ ପଥ। ଏହି ରାସ୍ତା ଦେଇ ଆସୁଥିବା ଲୋକେ ପାଣି ପାଇଁ ନିର୍ମାଣ ହୋଇଥିବା ୱାଟର ଏଟିଏମ୍ ପାଖକୁ ଯାଉଛନ୍ତି। ହେଲେ ତାହା ଅଚଳ ଅବସ୍ଥାରେ ଥିବାରୁ ନିରାଶରେ ଫେରୁଛନ୍ତି। ସେହିପରି ଆଉ ଏକ ପ୍ରମୁଖ ସ୍ଥାନ ହେଉଛି ଇକୋ ପାର୍କ। ଏଠାରେ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ୱାଟର ଏଟିଏମ୍ ନିର୍ମାଣ ହୋଇଥିଲା। ହେଲେ ଏହା ମଧ୍ୟ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସେହିପରି ପୁରୁଣା ସୂଚନାକେନ୍ଦ୍ର ପାଖରେ ଯେଉଁ ୱାଟର ଏଟିଏମ୍ ନିର୍ମାଣ ହୋଇଛି, ତାହା ଏପରି ଅବସ୍ଥାରେ ରହିଛି ଯେ ତାହା କେଉଁ ସେବାରେ ଲାଗିବାକୁ ତିଆରି କରାଯାଇଛି ତାହା ଲୋକେ ଜାଣିପାରୁନାହାନ୍ତି। ଏ ନେଇ ଅନୁଗୋଳ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି, ବର୍ତ୍ତମାନ ୪ଟି ଯାକ ୱାଟର ଏଟିଏମ୍‌ରେ ବୈଷୟିକ ତ୍ରୁଟି ରହିଛି। ନିକଟରେ ପୁନେରୁ ଯନ୍ତ୍ରୀମାନେ ଆସି ମରାମତି କାର୍ଯ୍ୟର ସମୀକ୍ଷା କରିଥିଲେ। ବର୍ତ୍ତମାନ ସେମାନେ ବାରିପଦାରେ ଏହି ୱାଟର ଏଟିଏମ୍ କାର୍ଯ୍ୟ କରୁଛନ୍ତି। ସେଠାରୁ କାର୍ଯ୍ୟ ସରିବା ପରେ ଅନୁଗୋଳ ଆସିବେ।


ଅଚଳ ଅବସ୍ଥାରେ ଥିବା ଏକ ୱାଟର ଏଟିଏମ୍।

# ମାଲାବାରରେ ଜେମ୍ ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲ

ଅନୁଗୋଳ,୧୪।୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ 'ମାଲାବାର୍ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍' ପକ୍ଷରୁ ସ୍ୱତନ୍ତ୍ର ଜେମ୍ ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଶୋ'ରୁମ ପରିସରରେ ମଡେଲମାନେ ସୂକ୍ଷ୍ମ କାରୁକାର୍ଯ୍ୟସମ୍ପନ୍ନ ଜେମ୍ସ ଅଳଙ୍କାର ପରିଧାନ କରି କ୍ୟାଟୱାକ୍ କରିଥିଲେ। ଏହି ଅବସରରେ ମାଲାବାର ପକ୍ଷରୁ ସ୍ୱତନ୍ତ୍ର ଘୋଷଣା କରାଯାଇଛି। ମାର୍ଚ୍ଚ ୮ ତାରିଖ ମଧ୍ୟରେ ଗ୍ରାହକମାନେ ଜେମ୍ ଷ୍ଟୋନ ଓ ଅନକଟ୍ ଜୁଏଲେରି କ୍ରୟ କଲେ ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏରା, ପ୍ରେସିଆ, ଭାଇରାଜ ଭଳି କଲେକ୍ସନ ଉପରେ ଏହି ରିହାତି ଲାଗୁ ହେବ। ଗ୍ରାହକମାନେ ଅଳଙ୍କାର ପସନ୍ଦ ହେଲେ ୧୦% ଅଗ୍ରିମ ଦେଇ ତାହାକୁ ବୁକ୍ କରିପାରିବେ। ମାଲାବାର ଗ୍ରୁପର ଚେୟାରମ୍ୟାନ ଏମ୍.ପି. ଅହମ୍ମଦ କହିଛନ୍ତି, ମାଲାବାର ସୁନା ଓ ହୀରା ଗହଣା ଦେଶର ସବୁଠାରୁ ବିଶ୍ୱସନୀୟ ଏବଂ ଉଚ୍ଚ ଗୁଣବତ୍ତାସମ୍ପନ୍ନ। ତେଣୁ ଓଡ଼ିଶା ସହ ଭାରତର ଲକ୍ଷାଧିକ ଗ୍ରାହକ ମାଲାବାରକୁ ହିଁ ପସନ୍ଦ କରିଥାନ୍ତି। ମାଲାବାର ଜୁଏଲେରିର ଜେମ୍ସ ଅନାବରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ସିଷ୍ଟର ଶର୍ମିଳା ଏବଂ ଭାଇସ ପ୍ରିନ୍ସିପାଲ ସିଷ୍ଟର ଲିଶିନାଙ୍କ ସହ ଷ୍ଟୋର ମୁଖ୍ୟ ପ୍ରଫୁଲ୍ଲ କରଣ ଏବଂ ମାର୍କେଟିଂ ମୁଖ୍ୟ ଦେବୀ ପ୍ରସାଦ ଯୋଗଦେଇଥିଲେ।



ଶୋ'ରୁମ ପରିସରରେ ମଡେଲମାନେ ମାଲାବାର ଅଳଙ୍କାର ପିନ୍ଧି କ୍ୟାଟ୍‌ୱାକ୍ କରୁଛନ୍ତି।

# ଗୁରୁ ବନ୍ଦନା ଓ ଛାତ୍ର ଅଭିନନ୍ଦନ ସମାରୋହ




ଅନୁଗୋଳ,୧୪।୨(ଦିବ୍ୟଶାନ୍ତନୁ ନାଥ)

ଭାରତ ବିକାଶ ପରିଷଦ ଅନୁଗୋଳ ଶାଖା ପକ୍ଷରୁ ଟାଉନ ହାଇସ୍କୁଲ ପରିସରରେ ଗୁରୁ ବନ୍ଦନା ଓ ଛାତ୍ର ଅଭିନନ୍ଦନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ସଭାପତି ଶିକ୍ଷାବିତ୍ ଶାନ୍ତନୁ କୁମାର ସର ବିକାଶ ପରିଷଦର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ଏକ ସମର୍ଥ ରାଷ୍ଟ୍ର ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଅବସରପ୍ରାପ୍ତ ଜଜ୍ ଦୁର୍ଗା ଶଙ୍କର ମିଶ୍ର ସଂସ୍କାର ଓ ଶୃଙ୍ଖଳା ବିନା ସଫଳତା ହାସଲ କରିହୁଏ ନାହିଁ ବୋଲି କହିଥିଲେ। ସମ୍ପାଦକ ବିଜୟ କୁମାର ମୋଦି, ପ୍ରଧାନ ଶିକ୍ଷୟିତ୍ରୀ ଅଳକା ସାହୁ, ଉପସଭାପତି ଭରତ ଗଡ଼ନାୟକ, ସଂସ୍କାର ପ୍ରମୁଖ ପ୍ରମୋଦ ନାୟକ ମଞ୍ଚାସୀନ ଥିଲେ। କମିଟି ପକ୍ଷରୁ ୪ ଜଣ ଶିକ୍ଷକ ଓ ୪ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଡ଼ିବନ୍ଧ ନିର୍ମାଣ ସମୀକ୍ଷା କଲେ ବିଧାୟକ

ବଇଣ୍ଡା,୧୪।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ଗୁମୁଖୀନାଳ ଉପରେ ୨ଟି ଆଡ଼ିବନ୍ଧ ନିର୍ମାଣ ହେବ। ଏ ନେଇ ଅଞ୍ଚଳବାସୀଙ୍କ ବହୁବାର ଦାବି ପରେ ଶନିବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଉକ୍ତ ଅଞ୍ଚଳକୁ ଯାଇ ସମୀକ୍ଷା କରିଛନ୍ତି। ଏହି ଅଞ୍ଚଳରେ କୃଷିର ବିକାଶ ପାଇଁ ୧୯୭୧ ମସିହାରେ ତତ୍କାଳୀନ ସରପଞ୍ଚ ଗୋବିନ୍ଦ ବେହେରା ଗୁମୁଖୀନାଳରେ ଆଡ଼ିବନ୍ଧ ନିର୍ମାଣର ଶୁଭ ଦେବା ପରେ ଏକ ମାଟି ବନ୍ଧ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ବନ୍ଧ ଭାଙ୍ଗି ଯାଇଥିଲା। ଜଳସେଚନ ବିଭାଗ ଏହାର ପୁନଃନିର୍ମାଣ କରିବାକୁ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କ ନିକଟରେ ବହୁବାର ଦାବି କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ତେବେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ଆଠମଲ୍ଲିକ ବିଧାୟକ ଏହାର ସମୀକ୍ଷା କରିଛନ୍ତି। ବିଧାୟକଙ୍କ ସହ ଆଠମଲ୍ଲିକ କ୍ଷୁଦ୍ର ଜଳସେଚନ ବିଭାଗ ଏସ୍‌ଡିଓ ଅଭିଷେକ ଜେନା, ବିଜେଡି ନେତା ଅରୁଣ ସାହୁ, ଜିତେନ୍ଦ୍ର ବେହେରା, ସୁବାସ ସାହୁ, ଅର୍ଜୁନ କୁମାର ସାହୁ, ସଚ୍ଚିଦାନନ୍ଦ ପ୍ରଧାନ, ରାଜେନ୍ଦ୍ର ରାଉତ, ପ୍ରକାଶ ମିଶ୍ର, ବସନ୍ତ ଗଡ଼ନାୟକ, ଗିରିଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗ ଦେଇଥିଲେ। ସମୀକ୍ଷା ପରେ ବିଧାୟକ କହିଛନ୍ତି, ଅଞ୍ଚଳବାସୀଙ୍କ ଦାବିକୁ ନେଇ ଏହି ନାଳ ଉପରେ ୨ଟି ଆଡ଼ିବନ୍ଧ ନିର୍ମାଣ ହେବ। ଏ ନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ସହ ଶୀଘ୍ର ନିର୍ମାଣ ପାଇଁ ଜଳସେଚନ ବିଭାଗକୁ ଅବଗତ କରାଯିବ। ଏହି ଆଡ଼ିବନ୍ଧ ନିର୍ମାଣ ହେଲେ ଅଞ୍ଚଳରେ କୃଷିର ବିକାଶ ହେବ।


ଆଡ଼ିବନ୍ଧ ନିର୍ମାଣସ୍ଥଳ ବୁଲି ଦେଖୁଛନ୍ତି ବିଧାୟକ ଓ ଅନ୍ୟମାନେ।

# ଓଲଟିଲା ସିଏନ୍‌ଜି ବୋଝେଇ ଟ୍ରକ୍

ଛେଣ୍ଡିପଦା,୧୪।୨ (ଅଜିତ ଧଳ)

ଅନୁଗୋଳ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଜରପଡ଼ା ଥାନା ରତନ ଫିଲିଂଷ୍ଟେଶନ ନିକଟରେ ଶୁକ୍ରବାର ରାତିରେ ଏକ ସିଏନ୍‌ଜି ଗ୍ୟାସ୍ ବୋଝେଇ ଟ୍ରକ୍ ଓଲଟି ପଡ଼ିଥିଲା। ଫଳରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଝାରସୁଗୁଡାରୁ ଏକ ଟ୍ରକ୍‌ରେ ୫ଶହ କି.ଗ୍ରା. ସିଏନ୍‌ଜି ବୋଝେଇ ହୋଇ ଅନୁଗୋଳ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ଦେଇ ପାରାଦୀପ ଯାଉଥିବାବେଳେ ଜରପଡ଼ା ଥାନା ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଟ୍ରକ୍‌ଟି ଅଟକିଥିଲା। ସେଠାରେ ବିଳମ୍ବିତ ରାତିରେ ଟ୍ରକ୍‌କୁ ପଛକୁ ବୁଲାଉ ଥିବାବେଳେ ଭାରସାମ୍ୟ ହରାଇ ବିଲ ଭିତରକୁ ଖସି ପଡ଼ିଥିଲା। ଫଳରେ ଗ୍ୟାସ୍ ନିର୍ଗତ ହୋଇଥିଲା। ଖବରପାଇ ଅଗ୍ନିଶମ ବିଭାଗ ଓ ସିଏନ୍‌ଜିର ଟେକ୍ନିସିଆନ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ଦୁର୍ଘଟଣା ଆଶଙ୍କା କରି ଜାତୀୟ ରାଜପଥକୁ ଉଭୟ ପାର୍ଶ୍ୱରୁ ସିଲ କରାଯାଇଥିଲା। ଏଥିସହ ବିଦ୍ୟୁତ୍ ସରବରାହ ବନ୍ଦ କରି ଦିଆଯାଇଥିଲା। ଏ ନେଇ ସ୍ଥାନୀୟ ଲୋକଙ୍କୁ ଘଟଣାସ୍ଥଳକୁ ବାରଣ କରାଯାଇଥିଲା। ପ୍ରାୟ ୩ ଘଣ୍ଟା ପରିଶ୍ରମ ପରେ ଗ୍ୟାସ ଲିକ୍ ବନ୍ଦ ହୋଇଥିଲା। ସକାଳେ ଗ୍ୟାସ୍ ଗାଡ଼ିକୁ ୨ଟି କ୍ରେନ୍‌ରେ ସୁରକ୍ଷିତ ଭାବେ ଉଦ୍ଧାର କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ଟ୍ରକ୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ

ଛେଣ୍ଡିପଦା, ୧୪।୨ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡା ଥାନା ଦେଇ ଯାଇଥିବା ଅନୁଗୋଳ ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଆମନ୍ତପୁର ଛକଠାରେ ଏକ ଟ୍ରକ୍ ଧକ୍କାରେ ସାଇକେଲ ଚାଳକ କଞ୍ଚରା ଗ୍ରାମର ଧାରଣୀଧର ସାହୁଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା। ପରିବାର ଲୋକ ଓ ସ୍ଥାନୀୟଲୋକ କ୍ଷତିପୂରଣ ଦାବିରେ ଅନୁଗୋଳ-ସମ୍ବଲପୁର ୫୫ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଛି। ଜରପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପାଇ ଉଦ୍ୟମ ଚଳାଇଛି।

# ବଇଣ୍ଡାକୁ ମିଳିଲା ନୂଆ ଆମ୍ବୁଲାନ୍ସ




ବଇଣ୍ଡା,୧୪।୨(ପରିକ୍ଷିତ ସାହୁ)

ରାଜ୍ୟ ସରକାରଙ୍କ ପକ୍ଷରୁ କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳକୁ ଶୁକ୍ରବାର ଏକ ନୂଆ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ନୂଆ ଆମ୍ବୁଲାନ୍ସ ଆସିବା ପରେ ବଇଣ୍ଡା ଅଞ୍ଚଳର ରୋଗୀମାନେ ସୁବିଧାରେ ସେବା ପାଇପାରିବେ। ଶୁକ୍ରବାର ଏହି ଆମ୍ବୁଲାନ୍ସ ପହଞ୍ଚିବା ପରେ କର୍ମଚାରୀ କ୍ଷମାସାଗର ଦେହୁରୀ, ଦିଲୀପ କୁମାର ଦେହୁରୀ, ଜୟଦେବ ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ବଳଭଦ୍ର ପ୍ରଧାନ, କୀର୍ତ୍ତନ ପ୍ରଧାନ ପ୍ରମୁଖ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ। ଏ ନେଇ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ୨୩ରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ


ପ୍ରସ୍ତୁତି ବୈଠକରେ ଜିଲା ଜନଜୀବନ ସୁରକ୍ଷା କମିଟି କର୍ମକର୍ତ୍ତାମାନେ।

ଅନୁଗୋଳ,୧୪।୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍, ପ୍ରଦୂଷଣ, ବିସ୍ଥାପନ ଭଳି ମୌଳିକ ସମସ୍ୟାର ସମାଧାନ ଦାବିରେ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଆସନ୍ତା ୨୩ ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଶନିବାର ସନ୍ଧ୍ୟାରେ ଶିକ୍ଷକପଡାସ୍ଥ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରଠାରେ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ପଠାଣି ବାରିହା, ତୀର୍ଥବାସୀ ଭୋଇ, ଦାମୋଦର ଦାସ, ମାନସ ପାଳ, ତ୍ରେତାନନ୍ଦ ସାମନ୍ତ, ନିରୋଦ ପାଳ, ତ୍ରିଲୋଚନ ଜେନା, ମୋହନ ଦେହୁରୀ, ଅଶୋକ କୁମାର ପ୍ରଧାନ, ନିରୁପମା ପ୍ରଧାନ ପ୍ରମୁଖ ଯୋଗଦେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମାଧାନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମାକେୟାର ସେଣ୍ଟର, ଆଇସିୟୁ ବର୍ନ ୟୁନିଟ୍ କାର୍ଯ୍ୟକ୍ଷମ କରିବା ସହିତ ଇକୋ ମେଶିନ କାର୍ଯ୍ୟକ୍ଷମ କରିବା, ସପ୍ତାହକୁ ଥରେ କିମ୍ବା ଦୁଇଥର ଆସୁଥିବା ସୁପରସ୍ପେସିଆଲିଷ୍ଟ ଡାକ୍ତରମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଇ ନିୟମିତ ରୋଗୀସେବା ଯୋଗାଇଦେବା, ସମସ୍ତ ଉପଖଣ୍ଡ, ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ପଦବୀ ପୂରଣ ସହ ୨୪ ଘଣ୍ଟିଆ ଚିକିତ୍ସା ଯୋଗାଇଦେବା, ଜିଲା ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ କଲେଜ ପ୍ରତିଷ୍ଠା କରିବା, ଜିଲାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ୍, ସ୍ମାର୍ଟମିଟର ବନ୍ଦ କରିବା, ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଆଦି ଦାବି ଉପସ୍ଥାପନ ପାଇଁ ଆଲୋଚନା ହୋଇଥିଲା।

# ମନଦେଇ ପଢ଼ିବାକୁ ପରାମର୍ଶ




ବଇଣ୍ଡା, ୧୪।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉଙ୍ଗାପାଳ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର ବିକ୍ରମ କେଶରୀ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ମନ୍ଦିର ଭାବି ମନଦେଇ ପଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତ୍ରିଦେବ ସୁନ୍ଦର ବରାଳ, ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ସିଆର୍‌ସିସି ବବ୍ରୁବାହାନ ପ୍ରଧାନ, ଶିକ୍ଷାବିତ୍ ଶରତ ଚନ୍ଦ୍ର ଦେହୁରୀ ଯୋଗ ଦେଇଥିଲେ। ଶିକ୍ଷକ ଘାସିରାମ ସାହୁ ମଞ୍ଚ ପରିଚାଳନା କରିଥିଲେ। ମଧୁସ୍ମିତା ଦେହୁରୀ, ଶିଶିର କୁମାର ପୃଷ୍ଟି, ସୁମିତ୍ରା ସାହୁ, ବାସନ୍ତୀ ଦେହୁରୀ, ଜୟନ୍ତୀ ଦେହୁରୀ, ସାବିତ୍ରୀ ପ୍ରଧାନ, ପ୍ରଭାତୀ ପ୍ରଧାନ ସହଯୋଗ କରିଥିଲେ।

# ଫେକ୍ ଆଇଡି ଖୋଲି ଫଟୋ ଭାଇରାଲ ଧମକ ଅଭିଯୋଗ

ବଇଣ୍ଡା, ୧୪।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ନାମରେ ଫେକ୍ ଇନଷ୍ଟାଗ୍ରାମ ଆଇଡି ଖୋଲି ତାଙ୍କ ଫଟୋ ଭାଇରାଲ କରିବାକୁ କଙ୍କଡ଼ାହାଡ଼ ଅଞ୍ଚଳର ଜଣେ ଯୁବକ ଧମକ ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୪୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ମହିଳା ଏକ ଇନଷ୍ଟାଗ୍ରାମ ଆଇଡି ନିଜ ନାମରେ ଖୋଲିଛନ୍ତି। ହେଲେ ଅଭିଯୁକ୍ତ ଯୁବକ ମହିଳାଙ୍କ ନାମରେ ଫେକ୍ ଇନଷ୍ଟାଗ୍ରାମ ଆଇଡି ଖୋଲି କିଛି ଫଟୋ ଛାଡିବା ସହ ଆଗକୁ ଆହୁରି ଫଟୋ ଛାଡିବା ପାଇଁ ଧମକ ଦେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଆଠମଲ୍ଲିକ କପ୍ ଡ୍ୟୁଜ୍ ବଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ




ଆଠମଲ୍ଲିକ,୧୪।୨ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡ଼ିଆରେ ଆଠମଲ୍ଲିକ ଉପଖଣ୍ଡ କ୍ରିକେଟ ଆସୋସିଏଶନ ଓ ଆଠମଲ୍ଲିକ କ୍ରୀଡ଼ା ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଠମଲ୍ଲିକ କପ୍ ଡ୍ୟୁଜ୍ ବଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ତଥା ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସାଗରନାଥ ମିଶ୍ର, ଉପସଭାପତି ଅରୁଣ ପୁଷ୍ପାଲୋକ, ଯୁଗ୍ମ ସମ୍ପାଦକ ଗଙ୍ଗାଧର ପଟ୍ଟନାୟକ, ପୂର୍ବତନ ଅଧିନାୟକ ରଞ୍ଜନ ଧୀର ସାମନ୍ତ, ଯୁବରାଜ ପରେଶ ଦେଓ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ ବୌଦ୍ଧ ଏବଂ ସୋନପୁର ମଧ୍ୟରେ ଖେଳାଯାଇଥିଲା। ଏଥିରେ ସୋନପୁର ଟିମ୍ ଚାମ୍ପିୟନ ହୋଇଥିଲା। ସୁବାସ ଭୋଇନା ଓ ତୀର୍ଥାନନ୍ଦ ମହାପାତ୍ର, ସ୍ୱାଗତ ରଞ୍ଜନ ସାହୁ, ସୁଚନ୍ଦନ ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଚାମ୍ପିୟନ ଓ ରନର୍ସଅପ୍ ଟିମ୍ ସହ ମହିଳା କ୍ରିକେଟରେ ମଧ୍ୟପ୍ରଦେଶ ଖେଳିବାକୁ ଯାଇ ସଫଳତା ପାଇଥିବା ଶିବାନୀ ନାଏକ, ଶ୍ରୁତି ମୁଣ୍ଡା, ସୁମତି ନାୟକ ଏବଂ କୋଚ ବସନ୍ତ କୁମାର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଠମଲ୍ଲିକ ଉପଖଣ୍ଡ କ୍ରିକେଟ ଆସୋସିଏଶନ ସଭାପତି ସନ୍ତୋଷ ତ୍ରିପାଠୀ, ଉପସଭାପତି ତପନ କୁମାର ସିଂ, ସମ୍ପାଦକ ଚନ୍ଦନ ସିଂ, ଯୁଗ୍ମ ସମ୍ପାଦକ ସରାଫତ ଖାଁ, କୋଷାଧ୍ୟକ୍ଷ ସୌରଭ ତ୍ରିପାଠୀ, ପ୍ରଭଞ୍ଜନ ମିଶ୍ର, ସୁଧୀର ମହାପାତ୍ର, ପ୍ରଭାସ ମହାନ୍ତି, ଅବିନାଶ ସରାଫ, ରାମିଜ ଖାଁ, ସୁନୀଲ ପ୍ରଧାନ, ନସିମ ଖାଁ, ହରିଶଙ୍କର ତ୍ରିପାଠୀ, ଜ୍ୟୋତି ପ୍ରକାଶ ପାତ୍ର, ପ୍ରିୟବ୍ରତ ପାତ୍ରଙ୍କ ସମେତ ଆଠମଲ୍ଲିକ ଉପଖଣ୍ଡ କ୍ରିକେଟ ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ୨ ବାଇକ୍ ଧକ୍କା: ଜଣେ ମୃତ

ପାଲଲହଡ଼ା,୧୪।୨ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ପାଲଲହଡ଼ା ଥାନା ଫପଣ୍ଡ ନିକଟରେ ଶନିବାର ୨ଟି ବାଇକ୍ ଧକ୍କା ହେବା ଫଳରେ ଜଣେ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ଖମାର ଥାନା ଓଡ଼ଶ ଗ୍ରାମର ଅକ୍ଷୟ ପ୍ରଧାନ ଓ ଗୁରୁତର ହେଲେ ବିହାର ଔରଙ୍ଗାବାଦର ରୋହିତ କୁମାର ସିଂ। ଦୁହିଁଙ୍କୁ ଦମକଳ ବାହିନୀ ଉଦ୍ଧାରକରି ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅକ୍ଷୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ରୋହିତଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପାଲଲହଡ଼ା ପୋଲିସ ପହଞ୍ଚି ଅଧିକ ତଦନ୍ତ ଚଳାଇଥିବା ନେଇ ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ସୂଚନା ଦେଇଛନ୍ତି।

# ଅନୁଗୋଳରେ ପରୀକ୍ଷା ଦେବେ ୧୭,୪୧୬ ଛାତ୍ରୀଛାତ୍ର

## ଆସନ୍ତା ୧୯ରୁ ମାଟ୍ରିକ ପରୀକ୍ଷା

ଅନୁଗୋଳ,୧୪।୨(ମାନସ ବିଶ୍ୱାଳ)

ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ ମାଟ୍ରିକ ପରୀକ୍ଷା। ଚଳିତବର୍ଷ ଅନୁଗୋଳ ଜିଲାରେ ମୋଟ ୧୭ ହଜାର ୪୧୬ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ରାଜ୍ୟ ମୁକ୍ତ ବିଦ୍ୟାଳୟର ୩୯୬, ମଧ୍ୟମାର ୨୮ ଜଣ ଥିବାବେଳେ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୬ ହଜାର ୯୯୨। ଜିଲାର ଅନୁଗୋଳ ହାଇସ୍କୁଲ, ମହେନ୍ଦ୍ର ହାଇସ୍କୁଲ ଆଠମଲ୍ଲିକ, କିଶୋରନଗର ହାଇସ୍କୁଲ, ଛେଣ୍ଡିପଦା ହାଇସ୍କୁଲ, ପଞ୍ଚଗଡ ବିଜୟ କୁମାର ହାଇସ୍କୁଲ ବଅଁରପାଳ, ଯୁବରାଜ ହାଇସ୍କୁଲ ତାଳଚେର, ପିଏମ୍ ହାଇସ୍କୁଲ କଣିହାଁ ଏବଂ ମହତାବ ହାଇସ୍କୁଲ ପାଲଲହଡାକୁ ନୋଡାଲ ସେଣ୍ଟର କରାଯାଇଛି। ଏସବୁ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପଠାଯିବ। ଗତ ୧୦ ତାରିଖ ଠାରୁ ଉକ୍ତ ନୋଡାଲ ସେଣ୍ଟରଗୁଡିକୁ ପୋଲିସ ସୁରକ୍ଷାରେ ରଖାଯିବା ଆରମ୍ଭ ହୋଇଛି। ପ୍ରତିଦିନ ସେଠାରୁ ସୁରକ୍ଷିତ ଭାବରେ ପ୍ରଶ୍ନପତ୍ର ବିଭିନ୍ନ ପରୀକ୍ଷା କେନ୍ଦ୍ରଗୁଡିକରେ ପହଞ୍ଚାଯିବ। ପ୍ରଶ୍ନପତ୍ର ବଣ୍ଟନ ନିମନ୍ତେ ୨୧ଟି ଟିମ୍ ଗଠନ କରାଯାଇଛି। ପରୀକ୍ଷା ସୁପରିଚାଳନା ନିମନ୍ତେ ଗତ ବୁଧବାର ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସମସ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନେଇ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଏକ ପ୍ରସ୍ତୁତି ବୈଠକ କରିଥିଲେ। ପ୍ରତିବର୍ଷ ଭଳି 'ମିସନ ଜିରୋ ଫେଲ୍' ଉପରେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଜିଲାରେ ୯୭ଟି ସେଣ୍ଟର ପ୍ରସ୍ତୁତ ହୋଇଛି। ଏହି ସବୁ ସେଣ୍ଟରରେ ପରୀକ୍ଷା ସୁପରିଚାଳନା ପାଇଁ ୯୭ ଜଣ ସୁପରିଣ୍ଟେଣ୍ଡେଣ୍ଟ, ୧୦୨ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ୧୨୮୧ ଶିକ୍ଷକ, ୯୭ ଜଣ ପରୀକ୍ଷା ପରିଦର୍ଶକ, ୨ଟି ଜିଲାସ୍ତରୀୟ ଓ ଗୋଟିଏ ବୋର୍ଡ ପକ୍ଷରୁ ସ୍କ୍ୱାଡ୍ ଗଠନ ହୋଇଛି। ପରୀକ୍ଷାର୍ଥୀଙ୍କ ସୁରକ୍ଷା ଓ ସୁପରିଚାଳନା ପାଇଁ ପ୍ରତ୍ୟେକ ସେଣ୍ଟରରେ ପୋଲିସ ମୁତୟନ କରାଯିବ। ବିକଳାଙ୍ଗ ଛାତ୍ରୀଛାତ୍ରମାନଙ୍କ ପାଇଁ ସତନ୍ତ୍ର ବ୍ୟବସ୍ଥା କରାଯିବ ସହ ସେମାନଙ୍କୁ ୩୦ ମିନିଟ ଅଧିକ ସମୟ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।


ପରୀକ୍ଷା ସୁପରିଚାଳନା ପାଇଁ ବୈଠକରେ ଉପସ୍ଥିତ ସୁପରିଣ୍ଟେଣ୍ଡେଣ୍ଟମାନେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ........................................
ବୟସ:........................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଟି ଅତଡ଼ାକୁ ଧକ୍କାଦେଲା ଯାତ୍ରୀବାହୀ ବସ୍: ୩୭ ଆହତ, ୩ ଗୁରୁତର

ମୋହନା, ୧୪।୨ (ମନ୍ମଥମିଶ୍ର)

ଚାଳକଙ୍କ ଦ୍ରୁତ ଗାଡ଼ିଚାଳନା ଯାତ୍ରୀଙ୍କ ପାଇଁ ବିପଦକୁ ଡାକିଆଣେ। ସେହିପରି ଏକ ବସ୍‌କୁ ଚାଳକ ମୋବାଇଲ ଫୋନରେ କଥା ହୋଇ ଦ୍ରୁତ ଗତିରେ ଚଳାଇ ଏକ ମାଟି ଅତଡାକୁ ଧକ୍କା ଦେଇଛନ୍ତି। ଫଳରେ ବସ୍‌ରେ ଥିବା ୩୭ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ଗୁରୁତରମାନେ ହେଲେ ଗଞ୍ଜାମ ଜିଲା ସନ୍ତୋଷପୁର ପଞ୍ଚାୟତ ଖଣ୍ଡଦେଉଳି ଗ୍ରାମର କନକ ବେହେରା (୫୫), ବାରିଗାଁର ରତ୍ନା ମଳିକ (୪୫) ଓ ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଗାଁର ଶୋବାନୀ ସାହୁ (୩୦)। ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗାଁ ନିକଟ ଇନ୍ଦିରା ସ୍ମାରକୀ ମହା ବିଦ୍ୟାଳୟ ନିକଟରେ ଏପରି ଦୁର୍ଘଟଣା ଘଟିଛି। ଖବରରୁ ଜଣାପଡିଛି, ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି 'ବିକ୍ରାନ୍ତ' ନାମକ ଏକ ଘରୋଇ ବସ୍ (ଓଆର୦୭ଏନ୍-୭୧୭୩) ଗଜପତି ଜିଲାର ନୂଆଁଗଡ଼ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଚାଳକ ଫୋନରେ କଥା ହୋଇ ଅନ୍ୟମନସ୍କ ରହି ଦ୍ରୁତଗତିରେ ଗାଡି ଚଳାଉଥିଲେ। ଏକ ଘରୋଇ ବସ୍‌କୁ ଓଭରଟେକ କରିବା ବେଳେ ଭାରସାମ୍ୟ ରକ୍ଷା କରି ନ ପାରି ସେ ଚାନ୍ଦିପୁଟ କଲେଜ ନିକଟରେ ଥିବା ଏକ ମାଟି ଅତଡ଼ାକୁ ଧକ୍କା ଦେଇଥିଲେ। ଫଳରେ ବସ୍‌ର ଆଗକାଚ ସଂପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ କେତେକ ସିଟ୍ ଉପରକୁ ଉଠିଆସିଥିଲା। ଗାଡ଼ିରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୩୭ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୩ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ଓ ମୋହନା ଅଗ୍ନିଶମବାହିନୀ ଅଧିକାରୀ ପଙ୍କଜ ମହାନ୍ତି ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଆହତ ଓ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।


ଦୁର୍ଘଟଣାଗ୍ରସ୍ତ ବସ୍।

ଚିକିତ୍ସା ଲାଗି ୨୨ ଯାତ୍ରୀଙ୍କୁ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ମୋହନା ଡାକ୍ତରଖାନାରେ ୧୫ ଜଣଙ୍କୁ ଭର୍ତ୍ତି କରାଯାଇଛି। ଗୁରୁତର ଥିବା ସମ୍ପୃକ୍ତ ୩ ଜଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଡା. ଜିତେନ୍ଦ୍ର ପ୍ରସାଦ ଦାଶ ଓ ଡା. ଆଶୁତୋଷ ପ୍ରଧାନ କହିଛନ୍ତି। ଗୁରୁତର ମାନଙ୍କ ମୁଣ୍ଡ, ଛାତି, ଗୋଡ଼ରେ ଗଭୀର ଆଘାତ ଲାଗିଛି। ୨ଜଣଙ୍କ ହାତ ଭାଙ୍ଗି ଯାଇଛି। ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ମୋହନା ଏସ୍ଆଇ ସୌମ୍ୟ ରଞ୍ଜନ ବରାଳ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ଅସ୍ତ୍ରୋପଚାର
## ସମ୍ ଅଲ୍ଟିମେଟ୍ ମେଡିକେୟାରର ସଫଳତା



ଭୁବନେଶ୍ୱର, ୧୪।୨ (ଅନୁରାଧା ମହାରଣା)

ପ୍ରଥମଥର ପାଇଁ ଆଣ୍ଠୁର ନିମ୍ନଭାଗକୁ ଅତ୍ୟାଧୁନିକ ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ସଦ୍ୟତମ ଜେଟ୍‌ଷ୍ଟ୍ରିମ୍ ଟେକ୍ନୋଲଜି ବ୍ୟବହାର କରି ସୁରକ୍ଷା ଦେବାରେ ସମ୍ ଅଲ୍ଟିମେଟ୍ ମେଡିକେୟାର ସଫଳ ହୋଇଛି। ହସ୍ପିଟାଲର ଇଣ୍ଟରଭେନ୍ସନାଲ ରେଡିଓ ଲୋଜିର କନ୍ସଲ୍‌ଟାଣ୍ଟ ଡାକ୍ତର ସମିତ କୁମାର ପଟ୍ଟନାୟକ ମିନିମାଲି ଇନ୍‌ଭେସିଭ ଭାସ୍କୁଲାର କେୟାର ମାଧ୍ୟମରେ ଏହି ଅସ୍ତ୍ରୋପଚାର ସମ୍ପନ୍ନ କରିଛନ୍ତି। ରୋଗୀଙ୍କ ଗୋଡ଼ ଧମନୀରେ ଜଟିଳ ବ୍ଲକେଜ ସମସ୍ୟା ରହିଥିବା ବେଳେ ଏହା ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା। ଏହା ଭବିଷ୍ୟତରେ ଚିକିତ୍ସା ସମ୍ଭବ ନ ଥିବା ଅଲ୍ସର ଓ ଗାଙ୍ଗ୍ରିନ ଭଳି ସମସ୍ୟା ଉପୁଜାଇଥାନ୍ତା ଏବଂ ଗୋଡ଼ କାଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ଏଭଳି ଜଟିଳ ସମସ୍ୟା ଥିବା ରୋଗୀଙ୍କର ଚିକିତ୍ସା ପାଇଁ ଖୁବ୍ କମ୍ ସୁଯୋଗ ରହିଥାଏ। ବିଶେଷକରି ଆଣ୍ଠୁର ନିମ୍ନ ପାର୍ଶ୍ୱରେ ଛୋଟ ଛୋଟ ଧମନୀରେ ଯେତେବେଳେ ବ୍ଲକେଜ ସୃଷ୍ଟି ହୁଏ, ତାହା ରୋଗୀକୁ ଆହୁରି ଅସୁସ୍ଥ କରିଦେଇଥାଏ। ତେବେ ବର୍ତ୍ତମାନ ଅତ୍ୟାଧୁନିକ ଆଥେରେକ୍ଟୋମି ଟେକ୍ନୋଲଜି ଦ୍ୱାରା ଅସ୍ତ୍ରୋପଚାର ନ କରି ପ୍ଲାକ ଏବଂ କ୍ଲଟ୍‌କୁ ବାହାର କରାଯାଇପାରୁଛି ଏବଂ ଏହାଦ୍ୱାରା ଅଙ୍ଗଚ୍ଛେଦ ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁଛି ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। ଏହି ଅତ୍ୟାଧୁନିକ ଚିକିତ୍ସା ଦ୍ୱାରା ସମ୍ ଅଲ୍ଟିମେଟ୍ ଓ ରୋଗୀମାନଙ୍କ ମଧ୍ୟରେ ନୂତନ ଆଶାର କିରଣ ସୃଷ୍ଟି କରିଛି ବୋଲି ହସ୍ପିଟାଲର ଚିଫ୍ ଅଫ୍ ମେଡିକାଲ ସର୍ଭିସେସ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ସୂଚନା ଦେଇଛନ୍ତି। ସିଇଓ ଡ. ଶ୍ୱେତପଦ୍ମା ଦାଶ କହିଛନ୍ତି, ଏହି ସଫଳତା ହସ୍ପିଟାଲକୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ମାଇଲ ଖୁଣ୍ଟ ଭାବେ ଉଭା ହେବାକୁ ସାହାଯ୍ୟ କରିଛି।

## ନିର୍ବାଚନ ସଚେତନତା ନେଇ ରେଡିଓ ପ୍ରସାରକଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା
# ଯୋଗ୍ୟ ଭୋଟର ବାଦ୍ ନ ପଡ଼ନ୍ତୁ : ସିଇଓ

ଭୁବନେଶ୍ୱର, ୧୪।୨ (ବନ୍ଦନା ସେଠୀ)

ଜନସାଧାରଣଙ୍କ ପାଖରେ ଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ। ତେଣୁ ରେଡିଓ ପ୍ରସାରକମାନେ ଲୋକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଅଧିକରୁ ଅଧିକ ଜଣାଇବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର. ଏସ. ଗୋପାଳନ ଆହ୍ୱାନ ଦେଇଛନ୍ତି। ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ 'ରେଡିଓ ପ୍ରସାରକଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା' ଶନିବାର ଓଡ଼ିଶା ସିଇଓଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଦ ସୋସିଓଜେନିକ ଫାଉଣ୍ଡେଶନ ଏବଂ ଆଉଟ୍‌ରିଚ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଇଓ ଗୋପାଳନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୋଟର ସୂଚୀର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ୍ଆଇଆର) ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟରତାଲିକାରେ ରହିବା ଅପରିହାର୍ଯ୍ୟ। କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟରତାଲିକାରୁ ବାଦ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଏଥିରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ଗୋପାଳନ ପରାମର୍ଶ ଦେଇଥିଲେ।

କର୍ମଶାଳାର ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ମଧ୍ୟରେ '୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜୀକୃତ କରିପାରିବେ' ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ ଭୋଟରତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବା ପ୍ରକ୍ରିୟା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରେଡିଓ ପ୍ରସାରକମାନେ ସିଧାସଳଖ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳନଙ୍କ ସହିତ ଏସ୍ଆଇଆର୍ ମ୍ୟାପିଂ ସମ୍ବନ୍ଧୀୟ ସିଧାସଳଖ ଆଲୋଚନା କରିଥିଲେ। କର୍ମଶାଳାରେ ବିଭିନ୍ନ ରେଡିଓ ଷ୍ଟେଶନର ପ୍ରତିନିଧି ଏବଂ ପ୍ରସାରକମାନେ ଅଂଶଗ୍ରହଣ କରି ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ବୈଷୟିକ ଦିଗ ଉପରେ ଧାରଣା ପାଇଥିଲେ। ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ବରିଷ୍ଠ ରେଡିଓ ପ୍ରସାରକ ଅଶୋକ ପାଣିଗ୍ରାହୀ, ଲୋକସମ୍ପର୍କ ଅଧିକାରୀ ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

Handsome Brahmin Boy 1994, 5'6", B-Tech (IIT) Kanpur, MBA (Hyderabad) serving senior Engineer MNC Delhi. "SUNASANSAR" 9937512659. D-3390

**GROOM WANTED**

Beautiful Brahmin girl 1996, 5'3", MBA (XIMB) serving manager MNC Hyderabad settled Bhubaneswar. ''SUNASANSAR'' 9937512659. D-3389

Handicap ପୁଅ ସଙ୍ଗେ ରହୁଥିବା 56 ବୟସ୍କା Central Govt. ଚାକିରିଆ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3392

48 ବୟସ୍କା ବଙ୍ଗାଳି ଅବିବାହିତା Govt. ଚାକିରିଆ ବାପା, ମା' ନଥିବା ଝିଅଙ୍କୁ Divorce/Widow/ Unmarried ପୁଅ ଦରକାର। 9776705242. D-3391


AUTOMOBILE

**SALE**

Vespa Aprilia 125cc 2020 model Avon Battery Cycle. Contact: 9337128558. D-3076


REAL ESTATE

**SALE**

**Land near Balasore Town for Sale. Residential Plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore-Baripada National Highway. Please contact immediately-7656861995.** D-75863

OSHB Gharabari Land (3000Sq.Ft.) for sale in Baramunda in front of Jagannathvihar Park with 30Ft. wide road suitable for Residential/ official purpose. Contact: 7894453807/ 7894453838. D-76897

**ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.** D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

**2 BHK, 1261 Sqft New Flat with elegant interiors for sale at Cantonment Road, Cuttack.Price- 1.35 Cr Mob- 9778194441.** D-3370

Single patch Sthitiban Land (22.00Acre.) for sale at Satasankha Bazar, 1 1/2 Kms. away from Royal Palm Village on Satasankha to Balanga Road suitable for Holiday Resorts, Convention, Apartment project. Contact: 7894453807/ 7894453838. D-76898

N.H. facing Sthitiban commercial Land (16072Sq.ft.) for sale in Pahal (Bhubaneswar) with 150Ft. (approx.) frontage Suitable for Resort/ Hotel/ Shopping/ Hospital etc. Contact: 7894453807 / 7894453838. D-76896


CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

Newly open Jyoti SPA positively health benefits (Expert therapist). Contact- 8458067955. D-76955

**LOST**

On dtd. 10.01.2026 at 4.15PM one Rupesh Kumar Agrawal, S/o.- Late Ghasiram Agrawal of Village/P.S.- Lathor, Dist.- Balangir appeared at P.S. and presented a written report bearing G.D.No.-015 that his original Land Sale Deed bearing Regd. No.903/2010, Sub-Registry Office- Patnagarh of Mouza Pipalbahal, Khata No.108/329, Plot No. 282/1169, 285 and 286 which was Regd. on 22.4.2010 kept in a wooden box was damaged by white Ants and cannot be traced out.
Rupesh Kumar Agrawal
D-3388

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sri Sachidananda Nanda, my sale deed No.- 2346/ 2000 (603/ 502), CC No.- 63/ 26 lost in my Govt. quarter, Dhenkanal. If somebody get kindly contact my phone No.- 9437762919. D-3384

ଆମ୍ଭେ ଶ୍ରୀମତୀ ସୁକାନ୍ତି ଗିରି, ସ୍ୱାମୀ- ଶ୍ରୀପତି ଗିରି, ଗ୍ରାମ- ହିଜିଳି, ଥାନା- ବାଙ୍ଗିରିପୋଷି, ଜିଲ୍ଲା- ମୟୂରଭଞ୍ଜ ଘୋଷଣା କରୁଅଛିକି ଆମ୍ଭେ ଆମ୍ଭର ମୌଜା ଖାତା ନଂ. ୧୬୦/୭୦, ପ୍ଲଟ୍ ନଂ. ୪୯୦/୬୦୭ର ମୂଳ କବଲାଟି ହଜାଇ ଦେଇଅଛି। ଏ ସଂକ୍ରାନ୍ତରେ ବାଙ୍ଗିରିପୋଷି ଥାନା ଷ୍ଟେସନ ଡାଇରି ନଂ. ୧୧/ ୧୩।୦୨।୨୦୨୬ରେ ଏକ ମାମଲା ଏବଂ ମାନ୍ୟବର ନୋଟାରୀ କୋର୍ଟରେ ଏକ ଆଫିଡାଭିଟ୍ ଦାଖଲ କରିଅଛୁ।
ସ୍ୱା./- ସୁକାନ୍ତି ଗିରି
ଧ-୩୩୮୭

**AFFIDAVIT**

By virtue of an affidavit, I, Shahe Jada Khan, S/o- Late Abdul Karim Khan of Rasulpur, Kakatpur, Puri declare that my name has been wrongly recorded as Abdul Sakil Khan in Aadhaar Card xxxx xxxx 4772. That Shahe Jada Khan and Abdul Sakil Khan are the same and one person. D-3393

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ତୁଟିଲା ବିବାଦ, ସୋମବାରଠାରୁ ପଢ଼ିବାକୁ ଆସିବେ ଶିଶୁ
### ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ଘଟଣା

ରାଜନଗର, ୧୪।୨ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ଘଡ଼ିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ପ୍ରସଙ୍ଗ ଚର୍ଚ୍ଚା ସୃଷ୍ଟି କରିଥିଲା। ଦିନେ କି ୨ ଦିନ ନୁହେଁ, ଦୀର୍ଘ ୮୬ ଦିନ ହେଲା ଅଙ୍ଗନୱାଡି କେନ୍ଦ୍ରକୁ ପଢ଼ିବାକୁ ଶିଶୁ ଆସୁନାହାନ୍ତି। ଅନୁସୂଚିତ ଜାତିର ଜଣେ ଯୁବତୀ ୨୦ ନଭେମ୍ବର ୨୦୨୫ରେ ଉକ୍ତ କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ପାଇବା ଦିନଠାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଉଠାଇବା ପରେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା।

ଶନିବାର ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ କେନ୍ଦ୍ରାପଡ଼ାରେ ପହଞ୍ଚି ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନାକରି ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସ୍‌ପି ସୁଧାକର ସାହୁ, ଜିଲା କଲ୍ୟାଣ ଅଧିକାରୀ ଅରବିନ୍ଦ ରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ରାଜନଗର ତହସିଲଦାର ଯୀଶୁଖ୍ରୀଷ୍ଟ ଦାସ, ଆଇଆଇସି ନରେଶ କୁମାର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର ଓ ସିଡିପିଓ ଦୀପାଳି ମିଶ୍ର ପ୍ରମୁଖ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜାତିଭେଦ ଦୂରକରିବା ଉପରେ ପର୍ଯ୍ୟବସିତ ପାଲା ଗାଁରେ ପରିବେଷଣ କରାଯାଇଥିଲା। ସମସ୍ତ ଅଧିକାରୀ ଗାଁର ଘରକୁ ଘର ବୁଲି ଲୋକଙ୍କୁ ସଚେତନକରିବା ସହ ଉପଜଲାପାଳଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହ ବୈଠକ ବସିଥିଲା। ବୈଠକରେ ଗ୍ରାମବାସୀ ଜାତିଭେଦ ପ୍ରସଙ୍ଗ ଉଠାଇଥିଲେ। ପଥରବନ୍ଧ ନ ଥିବାରୁ ନଦୀର ଜୁଆରପାଣି ଗାଁକୁ ମାଡ଼ି ଆସୁଛି, ରାସ୍ତା ନାହିଁ, ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ, ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ ଆଦି ଅଭିଯୋଗ କରିଥିଲେ। ପ୍ରଶାସନ ତାଙ୍କ ଦାବି ନ ଶୁଣିବାରୁ ସେମାନେ ଏପରି ପଦକ୍ଷେପ ନେଇଥିବା କହିଥିଲେ। ସେମାନଙ୍କ ଦାବି ପ୍ରଶାସନ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଗ୍ରାମବାସୀ ମିଳିତ ଭାବେ ଶପଥ ପାଠ କରିଥିଲେ। ଅଙ୍ଗନୱାଡି ସହାୟିକା ଶର୍ମିଷ୍ଠା ସେଠୀ ରୋଷେଇକରିବା ପରେ ପ୍ରଶାସନିକ ଅଧିକାରୀ ଓ ଗାଁର ୨ ଜଣ ମୁରବିଖାଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଚୌଦ୍ୱାର ଜେଲରୁ...


ଗୟାରେ ରାଜା ଏବଂ ମଧୁକାନ୍ତ ଅଲଗା ହୋଇଯାଇଥିଲେ। ମଧୁକାନ୍ତ ଗୟାରେ କିଛିଦିନ ରହିବା ପରେ ତାଙ୍କ ପ୍ରେମିକାକୁ ଭେଟ କରିବାକୁ ଯାଇଥିଲେ। ସେଠାରେ ପ୍ରେମିକା ସହ ଏକ ହୋଟେଲରେ ରହିଥିବା ଖବର ପୋଲିସ ପାଇ ସେଠାରେ ପହଞ୍ଚିବା ପୂର୍ବରୁ ମଧୁକାନ୍ତ ଫେରାର ହୋଇଯାଇଥିଲେ। ୨୦ ଦିନ ତଳେ ମଥୁରା ଯାଇ ଏକ ଗେଷ୍ଟ ହାଉସ୍‌ରେ କାମ କରୁଥିଲେ। ସେଠାରେ ନିଜର ଚେହେରା ବଦଳାଇବା ସହ ନିଜ ନାମକୁ ବଦଳାଇ ଦେଇଥିଲେ। ୨୪ ବର୍ଷୀୟ ମଧୁକାନ୍ତ ସେଠାରେ ନିଜର ନାଁ ବଦଳାଇ ବାସୁ ପାଣ୍ଡେ ରଖିଥିଲେ। ସେଠାରେ ଗେଷ୍ଟହାଉସ୍‌କୁ ଆସୁଥିବା ଅତିଥିଙ୍କୁ ସହଯୋଗ କରିବା ସହ ବୃନ୍ଦାବନ ବୁଲାଇ ଧର୍ମ ଚର୍ଚ୍ଚା କରୁଥିଲେ। କିନ୍ତୁ ସେ ଗେଷ୍ଟହାଉସ୍‌ରେ ନିଜ ପ୍ରେମିକା ସହ ନୂଆ ଫୋନରେ କଥା ହେଉଥିଲେ, ଯେଉଁଥିପାଇଁ ସ୍ପେଶାଲ ଟିମ୍ ଖୋଜୁଥିବା ବେଳେ ଲିଙ୍କ୍ ମିଳିଥିଲା। ଏକ ଟିମ୍ ଉକ୍ତ ଗେଷ୍ଟହାଉସ୍ ନିକଟରେ ଥିବା ଅନ୍ୟ ଏକ ଗେଷ୍ଟହାଉସ୍‌ରେ ରହି ମଧୁକାନ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା। ଫେରାର କଏଦୀ ମଧୁକାନ୍ତ ବୋଲି ସ୍ପଷ୍ଟ ହେବା ପରେ ସେ କାମ କରୁଥିବା ଗେଷ୍ଟହାଉସ୍‌ରେ ରହିବା ପାଇଁ ଯୋଜନା କରିଥିଲେ। ପୋଲିସ ଟିମ୍ ନିଜକୁ ଅଣଓଡ଼ିଆ ପରିଚୟ ଦେବା ସହ ହିନ୍ଦୀରେ କଥା ହେବା ସହ ପ୍ରମାଣ ପତ୍ର ମଧ୍ୟ ରାଜ୍ୟ ବାହାରର କରିଥିଲେ। ମଧୁକାନ୍ତ କାମ କରୁଥିବା ଗେଷ୍ଟହାଉସ୍‌ରେ ରହିବା ପାଇଁ ପୋଲିସ ଟିମ୍ ଗ୍ରାହକ ସାଜି ଯୋଗାଯୋଗ କରିଥିଲେ। ଗେଷ୍ଟହାଉସ୍ ମାଲିକ ନିର୍ଦ୍ଦେଶ ପରେ ପୋଲିସ ଟିମ୍‌କୁ ନେବା ପାଇଁ ମଧୁକାନ୍ତ ବସ୍‌ଷ୍ଟାଣ୍ଡ ପାଖକୁ ସ୍କୁଟି ନେଇଯାଇଥିଲେ। ସ୍କୁଟିରେ ମଧୁକାନ୍ତ ୨ଜଣ ପୋଲିସ ଟିମ୍‌କୁ ଆଣିବା ସମୟରେ ପୋଲିସ ତାଙ୍କୁ ଅଟକାଇ ମାଡ଼ି ବସିଥିଲେ। ପରେ କୋଟ୍‌ୱାଲି ପୋଲିସ ଷ୍ଟେଶନ ସହ ଯୋଗାଯୋଗ କରିବା ପରେ ତାଙ୍କୁ ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ଶନିବାର ମଧୁକାନ୍ତଙ୍କୁ କଟକ ଜେଏମ୍ଏଫ୍‌ସି-୧ କୋର୍ଟରେ ହାଜର କରାଯିବା ପରେ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ତାଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ପକ୍ଷରୁ ନାଗାଲାଣ୍ଡ, ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ଣାଟକ ଏବଂ ଅନ୍ୟ ସହରରେ ଚଢ଼ାଉ କରାଯାଇଥିଲା।

## ବଜେଟ ଚିଠା...

ଶକ୍ତି ବିଭାଗ ଉପରେ ସରକାର ଅଧିକ ଗୁରୁତ୍ୱ ଦେବେ ବୋଲି ଜଣାପଡିଛି। ଯେଉଁ ବିଭାଗଗୁଡିକ ଦ୍ୱାରା ସାଧାରଣ ଲୋକମାନେ ବିଶେଷ ଉପକୃତ ହେବେ ସେଭଳି ଦିଗ ପ୍ରତି ସରକାର ବିଶେଷ ଧ୍ୟାନଦେବା ଏକ ପ୍ରକାର ନିଶ୍ଚିତ। ଭାଜପା ସରକାର ଆସିବା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସେହି ଦୃଷ୍ଟିରୁ ଏହି ବଜେଟର ରୂପରେଖ ସରକାରୀ ଦଳ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ।

# ମହାଶିବରାତ୍ରିରେ...

**ଆଜି ହେଉଛି ମହାଶିବରାତ୍ରି। ଗାଁଠୁ ସହର ପ୍ରତ୍ୟେକ ଶିବମନ୍ଦିର ଉତ୍ସବମୁଖର। ସବୁଠି ଶ୍ରଦ୍ଧାଳୁଙ୍କ ଭିଡ଼। ରାତିରେ ଉଜାଗର ରହି ଦୀପ ଜାଳିବା ଆଉ ମନ୍ଦିରରେ ମହାଦୀପ ଦର୍ଶନ କରିବାକୁ ସମସ୍ତଙ୍କ ମନରେ ଭରି ରହିଛି ଉତ୍କଣ୍ଠା। ଏହାସହ ଫଟୋ ଓ ରିଲ୍ସ ଭିଡିଓ ଶୁଟ୍ କରି ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବାକୁ ଅଧିକାଂଶ ଯୁବତୀଯୁବକ ବେଶ୍ ଉତ୍କଣ୍ଠିତ। ହେଲେ ସାମାନ୍ୟ ଅବହେଳାରୁ ଏହି ଖୁସିର ପର୍ବ ଯେପରି କୌଣସି ଦୁର୍ଘଟଣାର କାରଣ ନ ସାଜୁ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ସତର୍କ ରହିବା ଜରୁରୀ...**



ଆଜି ଦେବଦେବ ମହାଦେବଙ୍କ ପୂଜା ପାଇଁ ସବୁ ଶିବମନ୍ଦିର ନାନାଦି ଫୁଲ ଓ ଆଲୋକମାଳାରେ ସଜା ଯାଇଛି ଆଉ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। କେଉଁଠି ହୋମଯଜ୍ଞ ତ ଆଉ କେଉଁଠି ଭୋଜି ଭାତ ସହ ଭଜନ ସମାରୋହ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂଧ୍ୟାରେ ଭକ୍ତମାନେ କିପରି ଶୃଙ୍ଖଳାରେ ବସି ଦୀପ ଜାଳିବେ ଓ ମହାଦୀପ ଦର୍ଶନ କରିବେ, ସେଥିପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ଆଉ ଏହାର ଆନନ୍ଦ ନେବା ସହ ଏହି ଅପୂର୍ବ ସୁନ୍ଦର ଦୃଶ୍ୟକୁ ଫଟୋ ଓ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରି ଅଧିକ ଲାଇକ୍, କମେଣ୍ଟ, ଭ୍ୟୁ ପାଇବାକୁ ଅନେକଙ୍କ ମଧ୍ୟରେ କ୍ରେଜ୍ କହିଲେ ନ ସରେ। ହେଲେ ଦୀପ ଜାଳୁଥିବା ସମୟରେ ଭିଡିଓ କିମ୍ବା ଫଟୋ ଶୁଟ୍ ବେଳେ ସାମାନ୍ୟ ଅସାବଧାନତା ବି କେବେକେବେ ବଡ଼ ଅଗ୍ନିକାଣ୍ଡ ଭଳି ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଜାଗର ଜାଳିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ...

**ଦୀପ ଜାଳିବା ବେଳେ ରୁହନ୍ତୁ ସତର୍କ:** ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ମହାଶିବରାତ୍ରିରେ ଜାଗର ଜାଳିବା ବେଳେ ରିଲ୍ସ ଭିଡିଓ ଶୁଟିଂ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନେ ସୁନ୍ଦର ସୁନ୍ଦର ଟ୍ରାଡିଶନାଲ୍ ପୋଷାକ ପିନ୍ଧି ଆଉଟ୍‌ଫିଟ୍ ପିନ୍ଧୁଛନ୍ତି। ଯଦିଓ ଏଭଳି ପୋଷାକ ସହ ଦୀପ ଧରି ଫଟୋ ଓ ଭିଡିଓ କରିବା ନିଶ୍ଚିତ ଭାବେ ଆକର୍ଷଣୀୟ, ହେଲେ ଗୋଟିଏ ହାତରେ ଦୀପ ଧରିବା କିମ୍ବା ଦୀପ ପାଖେ ଠିଆ ହୋଇ ଅନ୍ୟ ହାତରେ ମୋବାଇଲ୍ ଧରି ଫଟୋ ଉଠାଇବା ବେଳେ ଡ୍ରେସ୍ ନିଆଁ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତା’ଛଡା ଏହି ସମୟରେ ହଜାର ହଜାର ଭକ୍ତ ଏକାଠି ବସି ଦୀପ ଜାଳୁଥିବାରୁ ସାମାନ୍ୟ ଅସତର୍କତା ନିଜ ସହ ଅନ୍ୟ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିପାରେ। ତେଣୁ ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ।

**ଲାଇଟ୍‌ର କରେଣ୍ଟ ପ୍ରତି ରୁହନ୍ତୁ ସତର୍କ:** ମନ୍ଦିରକୁ ସଜାଇବା ଲାଗି ଫୁଲ ସହିତ ଭଳିକି ଭଳି ରଙ୍ଗର ଲିଟୁ ଲାଇଟ୍ ଲଗାଯାଇଥାଏ। ରାତିରେ ଏହି ଆକର୍ଷଣୀୟ ଆଲୋକସଜ୍ଜା ଭିତରେ ଫଟୋ ଆଉ ଭିଡିଓର ଦୃଶ୍ୟ ସତରେ ଅପୂର୍ବ। ହେଲେ ବର୍ତ୍ତମାନ ଭିଡିଓ ନିଶାରେ ଲିଟୁ ଲାଇଟ୍‌କୁ ଲାଗି ଠିଆ ହେବା କିମ୍ବା ହାତରେ ଦୀପ ଧରି ଏହା ପାଖରେ ଠିଆ ହେବାର ଭୁଲ୍ ଆଦୌ କରନ୍ତୁ ନାହିଁ। କାରଣ କେବେକେବେ ଲାଇଟ୍ କନେକ୍‌ସନ୍‌ରେ ତ୍ରୁଟି ରହିଯାଇଥାଏ, ଯେଉଁଥିପାଇଁ ଲିକେଜ୍ ଥିଲେ କରେଣ୍ଟ ଲାଗି ଜୀବନ ବିପଦରେ ପଡ଼ିବାର ଆଶଙ୍କା ରହିଛି।



**ଗ୍ରୁପ୍ ଫଟୋଶୁଟ୍ ପଡ଼ିପାରେ ଭାରି:** ଶର୍ଟ୍ସ ବା ରିଲ୍ସର ଏବେ ଟ୍ରେଣ୍ଡ ଚାଲିଛି, ଯେଉଁଥିରେ ଅଧିକାଂଶ ଯୁବତୀଯୁବକ ସବୁଠୁ ବେଶୀ ଆକ୍ଟିଭ୍ ଥିବା ଦେଖିବାକୁ ମିଳୁଛି। ଏକାଠି ଦୀପ ଜାଳିବା, ବିଭିନ୍ନ ଗୀତର ତାଳେତାଳେ ଦୀପ ଧରି ଚାଲିବା, ଡ୍ୟାନ୍ସ କରିବା ଆଦି ଦ୍ୱାରା ଡ୍ରେସ୍‌ରେ ନିଆଁ ଲାଗିବାର ଆଶଙ୍କା ରହିଛି। ତା’ଛଡ଼ା ମନ୍ଦିରକୁ ପ୍ରତ୍ୟେକ ବର୍ଗର ଲୋକ ଉପବାସ କରି ବିଭିନ୍ନ ମନସ୍କାମନା ନେଇ ଆସିଥିବାରୁ ଏଭଳି ରିଲ୍ସ କରିବା ସେମାନଙ୍କୁ ଡିଷ୍ଟର୍ବ ମଧ୍ୟ କରିପାରେ। ତେଣୁ ଶାନ୍ତି, ଶୃଙ୍ଖଳାର ସହ ନିରାପଦ ଭାବେ ପୂଜା କରିବା ଆବଶ୍ୟକ।





**ମନେରଖନ୍ତୁ:** ଭକ୍ତିରେ ନୁହେଁ ବରଂ ଫଟୋ, ଭିଡିଓ କରିବା ଆଳରେ ଅନେକେ ମନ୍ଦିର ଯାଇଥାନ୍ତି ଏବଂ ଦୀପ ଜାଳିଥାନ୍ତି। ଫଟୋଶୁଟ୍ ପରେ ଏଣେତେଣେ ଦୀପ ଫିଙ୍ଗିଥାନ୍ତି। ଯାହାଦ୍ୱାରା ମନ୍ଦିର ପରିସର ଅପରିଷ୍କାର ହୋଇଥାଏ । ତା’ଛଡ଼ା ଭଙ୍ଗାଦୀପର ଖଣ୍ଡ, ଘିଅ ପଡ଼ିବା ଦ୍ୱାରା ଗୋଡ଼ ଖସିବା, ପାଦରେ ଆଘାତ ଲାଗିବା ସହ ଅଧା ଜଳା ବତିରୁ ଅଗ୍ନିକାଣ୍ଡ ହେବାର ବି ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଫଟୋ, ଭିଡିଓ ନିଶାରେ ଯେପରି ନିଜ ପାଇଁ କିମ୍ବା ଅନ୍ୟ କାହା ପାଇଁ କୌଣସି ବିପଦ ନ ଆସେ ସେଥିପ୍ରତି ବିଶେଷ ସତର୍କ ରହିବା ଆବଶ୍ୟକ।

## ଯୁବ ପ୍ରତିଭା

# ସମାଜସେବାରେ ମନକୁ ସମର୍ପି ଦେଇଛି



ଓଡ଼ିଶାର ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟ କରିବା ହେଉ କି ଅଲିଭ୍‌ରିଡ୍‌ଲେ କଇଁଛ ସୁରକ୍ଷା ଅଭିଯାନରେ ହେଉ, ନିଜେ ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ୨ ହଜାରରୁ ଅଧିକ ଯୁବପିଢ଼ିଙ୍କୁ ଏହି କାମ ପାଇଁ ପ୍ରେରଣା ଯୋଗାଇଦେବା ଏବଂ ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରାଇ ସମାଜରେ ସେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ୧୨ଥର ରାଜ୍ୟ ଏବଂ ୩ଥର ଅନ୍ତର୍ଜାତୀୟ ସ୍ତରରେ ଭାରତ ସ୍କାଉଟ ଏବଂ ଗାଇଡ୍‌କୁ ପ୍ରତିନିଧିତ୍ୱ କରି ସେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେହିପରି ‘ୟୁଥ ଫର୍ ୱାଟର ପ୍ଲସ’ ତରଫରୁ ଓଡ଼ିଶାର ପରିବର୍ତ୍ତନକାରୀ ମଧ୍ୟରୁ ଜଣେ ବିବେଚିତ ହୋଇ ୨୦୨୬ ମସିହା କ୍ୟାଲେଣ୍ଡରରେ ନିଜ ସ୍ଥାନ ତିଆରି କରିପାରିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଲୁହାଝର ଗ୍ରାମର ମା’ ଶକୁନ୍ତଳା ଓ ବାପା ବାଲ୍ୟକୃଷ୍ଣ ମହାରଣାଙ୍କ ଝିଅ ବର୍ଷାରାଣୀ।

ପିଲାବେଳୁ ମା’ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା ପ୍ରତି ସେ ଆକୃଷ୍ଟ ହୋଇଥିଲେ। ସେ ଲୋକ ପ୍ରଶାସନ (ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ୍) ଏବଂ ସାମାଜିକ କାର୍ଯ୍ୟ (ସୋସିଆଲ୍ ୱର୍କ) ଦୁଇଟି ବିଭାଗରେ ଏମ୍.ଏ. କରିଛନ୍ତି। ବର୍ତ୍ତମାନ ୟୁଥ୍ ଫର୍ ସୋସିଆଲ ଡେଭ୍‌ଲପ୍‌ମେଣ୍ଟ ସଂସ୍ଥାରେ ଜଳବାୟୁ ପରିବର୍ତ୍ତନ ଏବଂ ପାଣି ସଂଗ୍ରହରେ ପ୍ରମୁଖ ଭାବେ କାର୍ଯ୍ୟରତ। ଭାରତ ସ୍କାଉଟ୍ ଏବଂ ଗାଇଡ୍‌ରେ ୟୁନିଟ୍ ଲିଡରରେ ଜଣେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ। ୨୦୧୯ରେ ଗୋପାଳପୁର ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ, ଭାରତ ସ୍କାଉଟ୍ ଏବଂ ଗାଇଡ୍ ଭଳି ସଂସ୍ଥାରେ ଯୋଡ଼ି ହୋଇ ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରରେ ଓଡ଼ିଶା ଏବଂ ଭାରତକୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି। ୨୦୨୧ରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଗଣେଶୀଲାଲ୍‌ଙ୍କଠାରୁ ସ୍କାଉଟ୍ ଏବଂ ଗାଇଡ୍‌ରେ ରାଜ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

ଏହାଛଡ଼ା ନିଜ ସମାଜରେ ଯୁବଗୋଷ୍ଠୀମାନଙ୍କୁ ନେଇ ସମାଜରେ ପରିବର୍ତ୍ତନ କରିବା ସକାଶେ ନିଜ ସ୍ୱର ଉତ୍ତୋଳନ କରି ଯୁବବର୍ଗମାନଙ୍କୁ ନିଜ ଅଧିକାର ଆଉ ସମାଜ ପ୍ରତି କର୍ତ୍ତବ୍ୟ ଜଣେଇ ଟାଟା ଷ୍ଟିଲ ଫାଉଣ୍ଡେଶନ ତରଫରୁ ଯୁବ ପରିବର୍ତ୍ତନକାରୀ (change maker) ଭାବେ ପୁରସ୍କୃତ ହୋଇଛନ୍ତି। ୨୦୨୪ରେ ୟୁନିସେଫ୍ ପକ୍ଷରୁ ଆୟୋଜିତ ୟୁୱାହ(ଯୁବା) ଏବଂ ଆଇ ଭଲ୍ୟୁଣ୍ଟର ସଂସ୍ଥା ତରଫରୁ ସର୍ବଭାରତୀୟସ୍ତରରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରୁ ଓଡ଼ିଶାରୁ ଏକମାତ୍ର ଝିଅ ଭାବେ ଗ୍ରୀନ ଗାର୍ଡିଆନ୍ ସମ୍ମାନରେ ସମ୍ମାନିତ ହେଇଛନ୍ତି। ୨୦୨୫ରେ ଏସିଆ ପାସିଫିକ୍ ରେଜିଓନାଲ ଜାମ୍ବୋରିରେ ଭାରତ ସ୍କାଉଟ ଏବଂ ଗାଇଡ୍‌ରୁ ଓଡ଼ିଶାରୁ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। ଏହାଛଡ଼ା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଏବଂ ଗାଇଡ୍ ଦ୍ୱାରା ପରିଚାଳିତ ଟିକେଟ୍ ଟୁ ଲାଇଫ୍ ପ୍ରୋଜେକ୍ଟରେ ୟୁନିଟ୍ ଲିଡର ଭାବେ ୬୪ ଜଣ ସ୍କାଉଟ ଏବଂ ଗାଇଡଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କର ଅଲିଭ୍‌ରିଡ୍‌ଲେ କଇଁଛ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମଟି ଭାରତର ଏକ ପ୍ରଶଂସନୀୟ କାର୍ଯ୍ୟ ଭାବେ ଏସିଆ ପାସିଫିକ ସ୍କାଉଟ ପକ୍ଷରୁ ତାଇୱାନରେ ଏକ ପ୍ରମୁଖ ଲୋକ ଚର୍ଚ୍ଚିତ କାମ ଭାବେ ପ୍ରଦର୍ଶିତ ହୋଇପାରିଛି।



ସମାଜ ପ୍ରତି ନିଜ ଭଲପାଇବା ଓ ନିଷ୍ଠା ଲାଗି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଭବିଷ୍ୟତରେ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ପୃଥିବୀରେ ହେଉଥିବା ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟା ସମାଧାନର ବାଟ ଖୋଜିବା କାର୍ଯ୍ୟରେ ସାମିଲ କରିବା ତାଙ୍କର ସବୁଠୁ ବଡ଼ ଆଶା ଓ ସ୍ୱପ୍ନ ବୋଲି ପ୍ରକାଶ କରନ୍ତି ବର୍ଷାରାଣୀ।

– ସ୍ମିତିରଞ୍ଜନ ମାହାଲିକ

## ଏ ସପ୍ତାହର ପ୍ରଶ୍ନ ?

୧– ଶେଟ୍ଟିହାଲ୍ଲି ୱାଇଲ୍ଡ ଲାଇଫ୍ ସାଙ୍କ୍‌ଚୁଆରୀ ...... ରାଜ୍ୟରେ ଅବସ୍ଥିତ ?
୨– ନିକଟରେ ନ୍ୟାଶନାଲ୍ କ୍ରପ୍ ନ୍ୟୁଟ୍ରିଶନ୍ ସମିତି ୨୦୨୬ ........ଠାରେ ଅନୁଷ୍ଠିତ ହୋଇଯାଇଛି ?
୩– ୟୁନିଅନ୍ ବଜେଟ ୨୦୨୬–୨୦୨୭ରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଆରମ୍ଭ ହୋଇଥିବା ନୂଆ ଯୋଜନା .......... ?
୪– ର୍‌ୟୁମାଟଏଡ୍ ଆର୍ଥ୍ରାଇଟିସ୍ ଡେ’ ...........ତାରିଖରେ ପାଳନ କରାଯାଏ ?
୫– ଫୁଏଗୋ ଭଲ୍‌କାନୋ ............... ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଷଷ୍ଠ ସ୍ଥାନ
୨ ଆବୁଧାବି
୩ ସୁଭାଷ ଚନ୍ଦ୍ର ବୋଷ
୪ ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ
୫ ସୌଦି ଆରବ

## ଉତ୍ତରଦାତା


ଶେଖ୍ ୟାକୁବ୍
ଗୋପ


ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର


ସଚ୍ଚିଦାନନ୍ଦ ପରିଡ଼ା
ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। **ଇ–ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ଲମ୍ବା ସମ୍ବିଧାନ

୧. ଇଣ୍ଡିଆ ................................ ୧,୪୬,୩୮୫ ଶବ୍ଦ
୨. ନାଇଜେରିଆ ................................ ୬୬,୨୬୩ ଶବ୍ଦ
୩. ବ୍ରାଜିଲ୍ ................................ ୬୪,୪୮୮ ଶବ୍ଦ
୪. ମାଲେସିଆ ................................ ୬୪,୦୮୦ ଶବ୍ଦ
୫. ପାପୁଆ ନ୍ୟୁ ଗିନି ................................ ୫୮,୪୯୦ ଶବ୍ଦ
୬. ମେକ୍ସିକୋ ................................ ୫୭,୦୮୭ ଶବ୍ଦ
୭. ପାକିସ୍ତାନ ................................ ୫୬,୨୪୦ ଶବ୍ଦ
୮. ଜିମ୍ବାୱେ ................................ ୫୫, ୮୩୩ ଶବ୍ଦ
୯. ଇକ୍ୱେଡର୍ ................................ ୫୪,୫୫୫ ଶବ୍ଦ
୧୦. ୟୁନାଇଟେଡ୍ କିଙ୍ଗ୍‌ଡମ୍................................ ୫୪,୪୦୮ ଶବ୍ଦ

## ୟୁଥ୍ ଆଲର୍ଟ

# କାନରେ ବାଜୁଛି କି ଗୋଟିଏ ଗୀତ

**ସକାଳୁ ଗୋଟିଏ ଗୀତ ଶୁଣିଥିବେ ଅବା ହଠାତ୍ କେଉଁ ଗୀତ ମନେପଡ଼ିଯାଇଥିବ ଏବଂ ତାହା ଦିନସାରା ବାରମ୍ବାର କାନରେ ବାଜୁଥିବ– ଏଭଳି ଅନୁଭବ ପ୍ରାୟ ଅଧିକାଂଶଙ୍କର ରହିଛି। ହେଲେ ଏହା ପଛରେ କାରଣ କ’ଣ ତା’ ହୁଏତ ସଭିଙ୍କୁ ଜଣା ନ ଥିବା ଜାଣନ୍ତୁ ସେ ସମ୍ପର୍କରେ...**

➤ ବହୁତ ସମୟରେ ଏପରି ହୁଏ, କିଛି ଗୀତ ଆମ ମନରେ ଅଟକିଯାଏ ଏବଂ ଦିନସାରା ମନ ଭିତରେ ବାରମ୍ବାର ରିପିଟ୍ ହୋଇଥାଏ। ବିଜ୍ଞାନ ଭାଷାରେ ଏହାକୁ ଇନ୍‌ଭଲ୍ୟୁଣ୍ଟାରୀ ମ୍ୟୁଜିକାଲ୍ ଇମେଜେରୀ ବା ଇୟରୱର୍ମ ବୋଲି କୁହାଯାଏ। ତେବେ ଏହା କୌଣସି ରୋଗ ନୁହେଁ, ଏହା ହେଉଛି ମସ୍ତିଷ୍କର ଏକ ପ୍ରକାରର ସ୍ଥିତି।

➤ ଏହି ସ୍ଥିତିରେ ନିଜ ଇଚ୍ଛାରେ ନୁହେଁ, ବରଂ ଆପେ ଆପେ କୌଣସି ଗୀତ ମନକୁ ବାରମ୍ବାର ଆସିଥାଏ। ତାହା ପୁଣି ସମ୍ପୂର୍ଣ୍ଣ ଗୀତ ନୁହେଁ, ବରଂ ଗୀତର ୧୫ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ କୌଣସି ଏକ ନିର୍ଦ୍ଦିଷ୍ଟ ଭାଗ।

➤ ତେବେ କାହିଁକି ମନରେ ଗୀତ ଏପରି ଅଟକିଯାଏ, ତାହାର କାରଣ ହେଉଛି ମଣିଷର ମସ୍ତିଷ୍କ ଦିନସାରା ବିଭିନ୍ନ ପ୍ରକାରର ଶବ୍ଦ, ସ୍ୱର ଶୁଣିଥାଏ। ଯେତେବେଳେ କୌଣସି ଗୀତ ଆମର ଭାବନା ଯେପରି ଖୁସି, ଦୁଃଖ ଆଦି ସହିତ କିମ୍ବା ଅତୀତର ଅନୁଭୂତି ସହିତ ଯୋଡ଼ି ହୋଇଯାଏ, ତେବେ ତାହା ମସ୍ତିଷ୍କର ସାଉଣ୍ଡ ସିଷ୍ଟମରେ ଅଟକିଯାଏ ଏବଂ ଆପେ ଆପେ ବାରମ୍ବାର ମନକୁ ଆସିଥାଏ। ଏହା ପ୍ରୋସେସ୍‌କୁ ଫୋନୋଲୋଜିକାଲ୍ ଲୁପ୍ କୁହାଯାଏ।

➤ ତେବେ ଅଧିକ ଚର୍ଚ୍ଚିତ ଗୀତ ଯେପରି ଟ୍ରେଣ୍ଡିଂରେ ଚାଲିଥିବା ରିଲ୍ସ ଗୀତ, ସବୁ ସମୟରେ ଲୋକପ୍ରିୟ ହୋଇଥିବା ଗୀତ, ସୁନ୍ଦର ମ୍ୟୁଜିକ୍ ଥିବା ଗୀତ, ବାରମ୍ବାର ଲାଇନ୍ ରିପିଟ୍ ହେଉଥିବା ଭଳି ଗୀତ ଶୁଣିଲେ ତାହା ଅଧିକ ମନ ଭିତରକୁ ଆସିଥାଏ।

➤ ତେବେ ଏପରି ଯଦି ବାରମ୍ବାର ହେଉଛି ଏବଂ ଆପଣ ଏହାର ସମାଧାନ କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ କିଛି ନୂଆ ଓ ଭିନ୍ନ ଧରଣର ଗୀତ ଶୁଣନ୍ତୁ।

➤ ଯଦି ପଢ଼ିବା ବେଳେ କିମ୍ବା ଅଫିସ୍ କାମ ବେଳେ ଏହି ଇୟରୱାର୍ମ ଆପଣଙ୍କୁ ଡିଷ୍ଟର୍ବ କରୁଛି, ତେବେ କିଛି ସମୟ ବ୍ରେକ୍ ନେଇ ସାଙ୍ଗସାଥୀଙ୍କ ସହ ଗପସପ କରିବା, ଶର୍ଟ ଫିଲ୍ମ କିମ୍ବା କମେଡି ଭିଡିଓ ଦେଖନ୍ତୁ ମୁଡ୍ ଚେଞ୍ଜ ହେବା ସହ ସେହି ଗୀତ ମଧ୍ୟ ମନରୁ ଦୂରେଇଯିବ।

➤ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ ଯେ ଡାକ୍ତରମାନଙ୍କ ଗବେଷଣା ମୁତାବକ ଚ୍ୟୁଇଂଗମ୍ ଚୋବାଇବା ଦ୍ୱାରା ମଧ୍ୟ ଏହି ଗୀତର ଲୁପ୍ ଦୂର କରିବାରେ ସାହାଯ୍ୟ କରିଥାଏ। କାରଣ ଚ୍ୟୁଇଂଗମ୍ ଚୋବାଇବା ଦ୍ୱାରା ଆମର ମସ୍ତିଷ୍କ ଏବଂ ମାଢ଼ିର ସେହି ଅଂଶ ବ୍ୟସ୍ତ ହୋଇଯାଏ, ଯାହାକି ଗୀତକୁ ବାରମ୍ବାର ଗୁଣୁଗୁଣାଇବା କାର୍ଯ୍ୟ କରିଥାଏ।



# ଦେଢ଼ବର୍ଷ ପରେ ଖୋଲାଗଲା ମଦନମୋହନଙ୍କ ମନ୍ଦିର ହୁଣ୍ଡି



ହୁଣ୍ଡି ଖୋଲାଯିବା ପରେ ପ୍ରଶାସନର ଉପସ୍ଥିତିରେ ଗଣତି କରାଯାଉଛି।

**ବନ୍ତଲା, ୧୪।୨ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ପୁରୁଣାଗଡ଼ସ୍ଥିତ ମଦନମୋହନ ମନ୍ଦିରର ହୁଣ୍ଡି ଖୋଲାଯାଇ ଗଣତିମଣତି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପ୍ରାୟ ଦେଢ଼ ବର୍ଷପରେ ଶନିବାର ସକାଳେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅନୁଗୋଳ ଉପଜିଲାପାଳ ମାୟାଧର ବେହେରାଙ୍କ ଉପସ୍ଥିତିରେ ମଦନମୋହନଙ୍କ ହୁଣ୍ଡି ଖୋଲାଯାଇଥିଲା। ହୁଣ୍ଡିରୁ ନଗଦ ୪୮ ହଜାର ୯୧୦ ଟଙ୍କା, ୧୦ ଗ୍ରାମ ସୁନା, ୪୦ ଗ୍ରାମ ରୁପା ବାହାରିଥିଲା।

**ବାହାରିଲା ୧୦ ଗ୍ରାମ ସୁନା, ୪୦ ଗ୍ରାମ ରୁପା ସହ ୪୮ ହଜାର ଟଙ୍କା**

ଉକ୍ତ ଟଙ୍କା, ସୁନା ଓ ରୁପା ବିକ୍ରୟରୁ ଉପଲବ୍ଧ ଟଙ୍କା ମଦନମୋହନଙ୍କ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟରେ ଲଗାଯିବା ସହ ସେଥିରୁ କିଛି ଟଙ୍କା ସେବାୟତଙ୍କ ଦରମା ବାବଦରେ ଖର୍ଚ୍ଚ କରାଯିବା ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ମନ୍ଦିର ଉନ୍ନୟନ କମିଟି ସଭାପତି କୁମୁଦ ଚନ୍ଦ୍ର ପଣ୍ଡାଙ୍କ କହିବାନୁଯାୟୀ, ହୁଣ୍ଡି ଖୋଲା ସମୟରେ ଅତିରିକ୍ତ ତହସିଲଦାର ମିନର୍ଭା ନାୟକ, ସୁପରଭାଇଜର ବ୍ରଜବନ୍ଧୁ ସାହୁ, ଚମ୍ପତିମୁଣ୍ଡା ରାଜସ୍ୱ ନିରୀକ୍ଷକ ଯୁଗଳ କିଶୋର ନାୟକ, ବନ୍ତଲା ଥାନାଧିକାରୀ ନଟବର ନନ୍ଦ, ମନ୍ଦିର ଉନ୍ନୟନ କମିଟି ସମ୍ପାଦକ ସୁନୀଲ ଦଳବେହେରା, ସଭ୍ୟ ସନାତନ ସାହୁ, ସୂର୍ଯ୍ୟାନନ୍ଦ ସିଂହ, ପ୍ରସନ୍ନ ସାହୁ, ବିଦ୍ୟାଧର ଚିନ୍ନିରା, ପ୍ରଦୀପ ମିଶ୍ର, ଯଶୋବନ୍ତ ବେହେରା, ପୁପୁନ ଖୁଣ୍ଟିଆ, ଟିକନ ମହାନ୍ତି, ଅଞ୍ଜନ ପ୍ରଧାନ, ମଧୁସୂଦନ ଚିନ୍ନିରା ଓ ମନ୍ଦିର ନିର୍ବାହୀ ଅଧିକାରୀ ରବି ନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

With Best Compliments From
A WELL
Wisher

# ଭକ୍ତଙ୍କ ପାଇଁ ଅଟକିଥିଲେ ମା' ମାହେଶ୍ୱରୀ

**ରାଜାଙ୍କ ଇଚ୍ଛା ଥିଲା ମା' ତାଙ୍କ ସହିତ ଯାଆନ୍ତୁ। ନୂଆ ରାଜଧାନୀର ପବିତ୍ର ସ୍ଥାନରେ ପୂଜା ପାଆନ୍ତୁ। ଏଥିପାଇଁ ମା'ଙ୍କୁ ପ୍ରାର୍ଥନା କରିଥିଲେ। ବଳ ମଧ ପ୍ରୟୋଗ କରିଥିଲେ। ହେଲେ ନିଜ ଆସ୍ଥାନରୁ ଇଞ୍ଚେ ଘୁଞ୍ଚି ନ ଥିଲେ ମା' ମାହେଶ୍ୱରୀ। କାରଣ ସେ ଥିଲେ ଭକ୍ତ ଭାବରେ ବନ୍ଧା। ଭକ୍ତିର ଶକ୍ତି ହିଁ ତାଙ୍କୁ ଅଟକାଇ ଦେଇଥିଲା ଅନୁଗୋଳ ଜିଲା କିଶୋରନଗର ବ୍ଲକର ହଣ୍ଡପାଠାରେ।**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପାର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ। ଏଠାରେ ମା'ଙ୍କ ଆବିର୍ଭାବ ବହୁ ପ୍ରାଚୀନ ବୋଲି କୁହାଯାଏ। ହଣ୍ଡପା ଗ୍ରାମ ଉପକଣ୍ଠରେ ରହିଛି ମା'ଙ୍କ ଆସ୍ଥାନ ସ୍ଥଳ। ପ୍ରାୟ ୨ ଏକର ଜାଗା ଉପରେ ଗଢ଼ିଉଠିଛି ମା'ଙ୍କ ପୀଠ। ଏକ ଖୋଲାସ୍ଥାନରେ ପୂଜା ପାଉଛି ମା'ଙ୍କ ପାଷାଣ ମୂର୍ତ୍ତି। ହଣ୍ଡପା ଗାଁର ବିକେଇ ଦେହୁରୀ ମା'ଙ୍କ ପୂଜାକାର୍ଯ୍ୟ ଦୀର୍ଘ ଦିନ ଧରି କରି ଆସୁଥିବାବେଳେ ବର୍ତ୍ତମାନ ଲକ୍ଷ୍ମଣ ଦେହୁରୀ ମୁଖ୍ୟ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି।

ଭକ୍ତଙ୍କ କହିବା ଅନୁଯାୟୀ, ପୂର୍ବର କଇଁତ୍ରାଗଡ଼ ତଥା ବର୍ତ୍ତମାନର ଆଠମଲ୍ଲିକକୁ ରାଜଧାନୀ ସ୍ଥାନାନ୍ତର କରିବା ପରେ ତତ୍କାଳୀନ କଦମ୍ବବଂଶୀ ରାଜା ମା' ମାହେଶ୍ୱରୀଙ୍କୁ ହଣ୍ଡପାରୁ ଉଠାଇ ନେବାକୁ ଚାହିଁଥିଲେ। ମା'ଙ୍କୁ ଅଜସ୍ର ଭକ୍ତି କରୁଥିବାରୁ ମା' ତାଙ୍କ ସହ ନୂଆ ରାଜଧାନୀକୁ ଯାଆନ୍ତୁ ବୋଲି ରାଜା ଇଚ୍ଛାବ୍ୟକ୍ତ କରିଥିଲେ। ଏଥିପାଇଁ ପାଷାଣ ମୂର୍ତ୍ତିକୁ ମାଟିରୁ ବାହାର କରିବା ପାଇଁ ଲୋକ ଲଗାଇ ମାଟି ଖୋଳିଥିଲେ। ପରେ ଲୁହାଶିକୁଳି ଲଗାଇ ହାତୀ ଦ୍ୱାରା ମୂର୍ତ୍ତି ମାଟି ଭିତରୁ ବାହାର କରିବାକୁ ଚେଷ୍ଟା କରିଥିଲେ। ହେଲେ ରାଜା ତାଙ୍କ ଉଦ୍ୟମରେ ବିଫଳ ହେଲେ। ଶେଷରେ ମା'ଙ୍କ ଶରଣ ପଶି ଇଚ୍ଛା ଜଣାଇଲେ। ସେହି ରାତିରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା। କଇଁତ୍ରାଗଡ଼ ଯିବାକୁ ଚାହୁଁଥିଲେ ମଧ ହଣ୍ଡପାର ଶ୍ରଦ୍ଧାଳୁମାନଙ୍କ ଭକ୍ତିକୁ ଏଡ଼ାଇଦେଇ ଯାଇପାରିବେ ନାହିଁ ବୋଲି ମା' ସ୍ୱପ୍ନରେ ରାଜାଙ୍କୁ କହିଥିଲେ। ଏଥିସହ କଇଁତ୍ରାଗଡ଼ରେ ମନ୍ଦିର ପ୍ରତିଷ୍ଠା କରି ତାଙ୍କର ଏକ ଅଷ୍ଟଧାତୁ ମୂର୍ତ୍ତି ନିର୍ମାଣ କରି ତାହାକୁ ପୂଜା କରିବାକୁ ମା' ରାଜାଙ୍କୁ ଆଦେଶ ଦେଇଥିଲେ। ତାଙ୍କ ଆଦେଶ କ୍ରମେ କଦମ୍ବବଂଶୀ ରାଜା କଇଁତ୍ରାଗଡ଼ରେ ମା'ଙ୍କ ମନ୍ଦିର ନିର୍ମାଣ ସହ ଅଷ୍ଟଧାତୁରରେ ମୂର୍ତ୍ତି ଗଢ଼ି ତାହାକୁ ମନ୍ଦିରରେ ପୂଜା କରିଥିଲେ। ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ମା'ଙ୍କ ବାର୍ଷିକ ଉତ୍ସବରେ ରାଜା ସର୍ବପ୍ରଥମେ ହଣ୍ଡପା ଆସି ମା' ମାହେଶ୍ୱରୀଙ୍କ ପାଖରେ ପୂଜା ପାଠ କରୁଥିଲେ। ଏହାପରେ ଯାଇ କଇଁତ୍ରାଗଡ଼ ସ୍ଥିତ ମା'ଙ୍କ ପାଖରେ ପୂଜା କରାଯିବାର ବିଧିବ୍ୟବସ୍ଥା ରହିଛି। ମା' ମାହେଶ୍ୱରୀ ହଣ୍ଡପାର ଅଧିଷ୍ଠାତ୍ରୀ ଦେବୀ ହୋଇଥିବାରୁ ତାଙ୍କ ପାଖରେ ମାନସିକ କଲେ ଭକ୍ତଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି ଶ୍ରଦ୍ଧାଳୁମାନଙ୍କ ମନରେ ପ୍ରଗାଢ଼ ବିଶ୍ୱାସ ରହିଛି। ସେଥିପାଇଁ ପ୍ରତିବର୍ଷ ମାର୍ଗଶିର ମାସ ଶେଷ ଗୁରୁବାର, ବୈଶାଖ ମାସ ତୃତୀୟ ଗୁରୁବାର ସହ ପ୍ରତି ଶନିବାର ଓ ମଙ୍ଗଳବାର ମା' ମାହେଶ୍ୱରୀଙ୍କୁ ଦର୍ଶନ କରିବା ନିମନ୍ତେ ହଣ୍ଡପାସ୍ଥିତ ମାହେଶ୍ୱରୀଙ୍କ ପୀଠକୁ ଭକ୍ତମାନଙ୍କ ସୁଅ ଛୁଟେ।



ହଣ୍ଡପା ଗ୍ରାମ ଉପକଣ୍ଠରେ ଥିବା ମା' ମାହେଶ୍ୱରୀଙ୍କ ଆସ୍ଥାନ ସ୍ଥଳ ଓ ପାଷାଣ ପ୍ରତିମା।




ମା' ମାହେଶ୍ୱରୀଙ୍କ ଶଖୀ ପ୍ରତିମାଙ୍କ ମନ୍ଦିର।


**–ରିପୋର୍ଟ: ପରିକ୍ଷିତ ସାହୁ, ବଇଣ୍ଡା**

## କାଣ୍ଡସର ଚଉପାରି ସାହିରେ ବିଶ୍ୱଶାନ୍ତି ମହାଯଜ୍ଞ

**ବଅଁରପାଳ, ୧୪।୨ (ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କାଣ୍ଡସର ଚଉପାରି ସାହିଠାରେ ୪ର୍ଥ ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମ ସଂକୀର୍ତ୍ତନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ବସନ୍ତ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପୁଷ୍କରିଣୀରେ ପୂଜାର୍ଚ୍ଚନା କରି ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ମହିଳା କଳସ ଶୋଭାଯାତ୍ରା କରି କାଣ୍ଡସର ଚଉପାରି ସାହି ପଡ଼ିଆ ପରିସରକୁ ଆସିଥିଲେ। ପରେ ଠାକୁରଙ୍କୁ ଭାଗବତ ପୀଠ ନିକଟକୁ ବିମାନ ଶୋଭାଯାତ୍ରାରେ ଅଣାଯାଇଥିଲା। ଯଜ୍ଞରେ କର୍ତ୍ତା ଭାବେ ମନୋରଞ୍ଜନ ମହାକୁଡ଼ ଓ ସ୍ୱର୍ଣ୍ଣଲତା ମହକୁଡ଼ ଦାୟିତ୍ୱ ତୁଲାଇଥିଲେ। ସକାଳ ୧୧ଟା ଠାରୁ ହୋମ କାର୍ଯ୍ୟ ଆରମ୍ଭ ହୋଇ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ମଧ୍ୟାହ୍ନରେ ହଜାରେ ଲୋକଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟା ଠାରୁ ଆରମ୍ଭ କରି ମଧ୍ୟରାତ୍ରି ପର୍ଯ୍ୟନ୍ତ ସନ୍ଥପଡ଼ା, ତୁଳସୀପାଳ, କଙ୍ଗୁଲା, ନୂଆସାହି, କାଣ୍ଡସର ସ୍କୁଲସାହି, ଚଉପଦୀ ସାହିର ଓଡ଼ିଶୀ ଦଳ, ପରେ ଗୋତମରା, କାଣ୍ଡସର ସ୍କୁଲ ସାହିର ନଦିଆ ମହିଳା ମଣ୍ଡଳୀ, କାଣ୍ଡସର କପିଳେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ, କୁକୁଡ଼ାଙ୍ଗ, ଅନୁଗୋଳ ଚନ୍ଦ୍ରବାହାଳ ଅଞ୍ଚଳର କୀର୍ତ୍ତନ ମଣ୍ଡଳୀ ଆସି ସଂକୀର୍ତ୍ତନରେ ସାମିଲ ହୋଇଥିଲେ। ଉକ୍ତ ବିଶ୍ୱଶାନ୍ତି ମହାଯଜ୍ଞରେ ଚଉପାରି ସାହିର ମହିଳା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆୟୋଜକ ଭାବେ ସାହିର ପ୍ରତିମା ସାହୁ, ସ୍ନିଗ୍ଧାରାଣୀ ସାହୁ, ଡଲି ସାହୁ, ରଶ୍ମିତା ସାହୁ, ଅମୂଲି ସାହୁ, ସୁକାନ୍ତି ସାହୁ, ପୁଷ୍ପାଞ୍ଜଳି ପ୍ରଧାନ, ଝୁନୁ ସାହୁ, ଅନିତା ପ୍ରଧାନ, ପଙ୍କଜିନୀ ମହାକୁଡଙ୍କ ସମେତ ଚଉପାରି ସାହିର ସମସ୍ତ ପୁରୁଷ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥଲେ।



# ଦ୍ୱିତୀୟ କୈଳାସ, ଢେଙ୍କାନାଳର କପିଳାସ


କପିଳାସ ପୀଠ

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ଘଞ୍ଚଜଙ୍ଗଲ, ପାହାଡ଼ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା। ପ୍ରକୃତି କୋଳରେ ଅବସ୍ଥିତ କପିଳାସ ପୀଠର ନୈସର୍ଗିକ ଶୋଭା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ବର୍ଷତମାମ ପୀଠରେ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ବିଶେଷକରି ପ୍ରତିବର୍ଷ ଜାଗର ଯାତ୍ରା ସମୟରେ ଅନେକ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ପୀଠକୁ ଅଧିକ ଚଳଚଞ୍ଚଳ କରିଦିଏ। ଏହାର ଚତୁଃପାର୍ଶ୍ୱରେ ସବୁଜିମାରେ ଭର୍ତ୍ତି କପିଳାସ ଅଭୟାରଣ୍ୟ ମଧ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରକାର ପକ୍ଷୀଙ୍କ କଳରବ କପିଳାସକୁ ଆଧ୍ୟାତ୍ମିକ ସହ ପରିବେଶ ପର୍ଯ୍ୟଟନର ଅନନ୍ୟ ଆକର୍ଷଣୀୟସ୍ଥଳୀରେ ପରିଣତ କରିଛି।

ଓଡ଼ିଶାର ପଞ୍ଚତୀର୍ଥ ମଧ୍ୟରେ କପିଳାସ ଅନ୍ୟତମ। ଇତିହାସ କହେ, ଦ୍ୱାଦଶ ଶତାବ୍ଦୀର ଏହି ଶୈବପୀଠ ୧୨୪୬ ଏପ୍ରିଲ ୩୦ରେ ମହାରାଜା ପ୍ରଥମ ନରସିଂହଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ମଠ ମନ୍ଦିର ଉପରେ ଗବେଷଣା କରୁଥିବା ବିଶିଷ୍ଟ ଗବେଷକ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତପନ କୁମାର ଶତପଥୀ କହିଛନ୍ତି, ଶିବ ପୁରାଣ ଅନୁଯାୟୀ ରାବଣ କୈଳାସ ପର୍ବତମାଳାକୁ ଉଠାଇନେଇ ଯାଉଥିବା ବେଳେ ଏହାର କିଛିଅଂଶ କପିଳାସରେ ପଡ଼ିଯାଇଥିଲା। ତେଣୁ ଶ୍ରଦ୍ଧାଳୁମାନେ ଏହାକୁ ଦ୍ୱିତୀୟ କୈଳାସ ବୋଲି କହିଥାଆନ୍ତି। ପୀଠ ପାଦଦେଶରୁ ବଣ ଜଙ୍ଗଲ, ସବୁଜ ପରିବେଶରେ ୧୨ଟି ଘାଟି ରାସ୍ତା ସହ ୧୩୫୨ ପାହାଚ ମଧ୍ୟ ଦେଇ ଶ୍ରଦ୍ଧାଳୁମାନେ ମନ୍ଦିର ପର୍ଯ୍ୟନ୍ତ ଯାଇଥାନ୍ତି। ମନ୍ଦିର ପରିସରରେ ମାତା ପାର୍ବତୀଙ୍କ ମନ୍ଦିର ସମେତ ନାରାୟଣଙ୍କ ମନ୍ଦିର, କାଶୀ ବିଶ୍ୱନାଥଙ୍କ ମନ୍ଦିର, ଭୁବନେଶ୍ୱରୀ ମନ୍ଦିର, ହନୁମାନ ମନ୍ଦିର ରହିଛି। ଏଥିସହିତ ବିଶିଷ୍ଟ ଭାଗବତ ଟିକାକାର ଶ୍ରୀଧର ସ୍ୱାମୀଙ୍କର ସମାଧି ମଧ୍ୟ ମନ୍ଦିର ନିକଟସ୍ଥ ଉପର ଭାଗରେ ରହିଛି। ପର୍ବତ ଶିଖରରେ ରହିଛି ଲୋକକଥା ଅନୁଯାୟୀ ସୀତାଙ୍କ ଏନ୍ତୁଡିଶାଳ, ଯେଉଁଠି ଛିଡ଼ାହେଲେ ପାହାଡ଼ ଉପରୁ ମହାନଦୀ ସମେତ କଟକ ସହର ଦେଖାଯାଏ। ମହା ଶିବରାତ୍ରି, କାର୍ତ୍ତିକ ପୂର୍ଣ୍ଣିମା, ଦଶହରା, ଶ୍ରାବଣ ଓ ମାଘମାସରେ ପୀଠରେ ନାହିଁ ନ ଥିବା ଭିଡ଼ ଲାଗିଥାଏ। ଏହି ଅବସରରେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖରଙ୍କର ସୁନା ବେଶ ହୋଇଥାଏ। ପୀଠର ଉନ୍ନତୀକରଣ ଦାୟିତ୍ୱ ବର୍ତ୍ତମାନ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଥିବା ବେଳେ ଏହାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ମଧ୍ୟ ସହଯୋଗ କରୁଥିବା ଦେଖାଯାଉଛି ।

–ରିପୋର୍ଟ: ରତନ ନାୟାର, ଢେଙ୍କାନାଳ


କପିଳାସକୁ ଯିବାକୁ ବାରବାଙ୍କ ରାସ୍ତା

## ରାତି ୪ଟା ୨୦ରେ ଉଠିବ ମହାଦୀପ


କପିଳାସସ୍ଥିତ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠ।

### ଆଜି କପିଳାସ ପୀଠରେ ପ୍ରସିଦ୍ଧ ଜାଗର ଯାତ୍ରା

■ସୁରକ୍ଷା ପାଇଁ ୧୩ ପ୍ଲାଟୁନ ପୋଲିସ ମୁତୟନ

ଢେଙ୍କାନାଳ,୧୪।୨(ରତନ ନାୟାର)

ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଢେଙ୍କାନାଳର କପିଳାସ ପୀଠରେ ରବିବାର ମହାଶିବରାତ୍ରି ଉପଲକ୍ଷେ ପ୍ରସିଦ୍ଧ ଜାଗର ଯାତ୍ରା ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ରାଜ ପୁରୋଧା ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୩ଟା ୫୫ମିନିଟରେ ପୂଜା ପଣ୍ଡାଙ୍କ ଦ୍ୱାରା ବେଢ଼ାପୂଜା ଓ ବେଢ଼ା ପରିକ୍ରମା କରାଯାଇ ପାଳିଆ ସେବକଙ୍କ ଦ୍ୱାରା ମହାଦୀପ ଉଠାଣ କାର୍ଯ୍ୟ ରାତି ୪ଟା ୨୦ ମଧ୍ୟରେ ଶେଷ ହେବ। ଚଳିତବର୍ଷ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୩ ପ୍ଲାଟୁନ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି। ସନ୍ଧ୍ୟାପୂଜା ସନ୍ଧ୍ୟା ୬ଟା ମଧ୍ୟରେ ଶେଷହୋଇ ପ୍ରଥମ ଚାରିପୂଜା ରାତି ୭ଟାରୁ ସାଢେ ୮ଟା ମଧ୍ୟରେ ଶେଷ ହେବ । ରାତି ସାଢେ ୮ଟାରୁ ରାତି ୧୦ଟା ମଧ୍ୟରେ ପୀଠ ପୁରୋଧାଙ୍କ ଚାରିପୂଜା ହେବ। ରାତି ୧୦ଟାରୁ ରାତି ୧ଟା ମଧ୍ୟରେ ରାଜ ପୁରୋଧାଙ୍କ ଦ୍ୱାରା ବରଣ କରାଯାଇ ପୁରୋଧାଙ୍କ ଦ୍ୱାରା ଚାରିପୂଜା ସମ୍ପନ୍ନ ହେବ। ଏହାପରେ ପ୍ରଥମ ରାଜଦର୍ଶନ, ପରେ ରାତି ୧ଟାରୁ ରାତି ୨ଟା ୩୦ ମିନିଟ ମଧ୍ୟରେ ରାଜ ପୁରୋଧାଙ୍କ ଦ୍ୱାରା ଚାରିପୂଜା ଓ ରାତି ୩ଟା ମଧ୍ୟରେ ମହା ରୁଦ୍ରାଭିଷେକ, ରାତି ୩ଟାରୁ ରାତି ୩ଟା ୫୦ମଧ୍ୟରେ ମହାସ୍ନାନ ଓ ନାଗାବରଣ ବେଶ ଏବଂ ପଞ୍ଚବକ୍ର ପୂଜା ସମ୍ପନ୍ନ ହେବ। ଏହାପରେ ଢେଙ୍କାନାଳ ରାଜା ମହାପ୍ରଭୁଙ୍କ ନାଗାଭରଣ ବେଶ ଦର୍ଶନ କରିବେ। ରାତି ୪ଟା ୨୦ ମିନିଟ ମଧ୍ୟରେ ମହାଦୀପ ଉଠାଣ ଶେଷ ହେବ। ରାତି ୪ଟା ୨୫ରେ ପୂଜାପଣ୍ଡାଙ୍କ ଦ୍ୱାରା ହରିହର ଭେଟ କରାଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂର୍ବାହ୍ନ ୧୦ଟାରେ କପିଳାସ ପୀଠ ଯାଇ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉ ଓ ମାତା ପାର୍ବତୀଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଏସ୍‌ପି ଅଭିନବ ସୋନକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଜଣ ଅତିରିକ୍ତ ଏସ୍‌ପି, ୮ଜଣ ଡିଏସ୍‌ପି, ୧୬ଜଣ ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇଙ୍କୁ ମିଶାଇ ୯୧ ଜଣ, ହାବିଲଦାର ଓ କନଷ୍ଟେବଳ ୧୧୩ ଜଣ, ୧୬୪ ଜଣ ହୋମଗାର୍ଡଙ୍କ ସହିତ ୧୩ ପ୍ଲାଟୁନ ପୋଲିସ ଫୋର୍ସ କପିଳାସରେ ମୁତୟନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ମାର୍ଚ୍ଚ ୩୧ରେ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା, ଲୋକମହୋତ୍ସବ


ବୈଠକରେ ଉପସ୍ଥିତ ଉପଜିଲାପାଳ, ରାଜାସାହେବଙ୍କ ସହ ଅନ୍ୟମାନେ।

ତାଳଚେର,୧୪।୨(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତାଳଚେର ଉପଜିଲାପାଳ ତଥା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ସମୀର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ତାଳଚେର ରାଜା ସାହେବ ବିଜୟେନ୍ଦ୍ର ଚନ୍ଦ୍ର ଦେବ, ବିଧାୟକ ବ୍ରଜକିଶୋର ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭରତ ଚନ୍ଦ୍ର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳ, ତହସିଲଦାର ଆଲ୍‌ଫା ଜେନାଙ୍କ ସମେତ ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ଏମ୍‌ସିଏଲ୍‌ର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ମା'ଙ୍କ ବାର୍ଷିକ ଯାତ୍ରା ଆସନ୍ତା ମାର୍ଚ୍ଚ ୩୧ ତାରିଖଠାରୁ ଆରମ୍ଭ ହୋଇ ଏପ୍ରିଲ ୮ ତାରିଖ ଯାଏ ଚାଲିବ ବୋଲି ରାଜଗୁରୁ ପଙ୍କଜଲୋଚନ ପତି ସ୍ଥିର କରିଥିଲେ।

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏମ୍‌ସିଏଲ୍‌ର ବିଭିନ୍ନ କ୍ଷେତ୍ରକୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଧ୍ୟାନରେ ରଖି ଗାଡ଼ି ପାର୍କିଂ ସ୍ଥଳଠାରୁ ମନ୍ଦିର ଓ ମା' ହିଙ୍ଗୁଳାଙ୍କ ଉଭାସ୍ଥଳ ପର୍ଯ୍ୟନ୍ତ ପାଲ, ଟେଣ୍ଟ, ଯାତ୍ରୀଙ୍କ ବିଶ୍ରାମ କକ୍ଷ, ଅସ୍ଥାୟୀ ଶୌଚାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ ଉପଚାର କେନ୍ଦ୍ର ଆଦି ନିର୍ମାଣ କରାଯିବ। ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ଲଗାଯିବ। ମନ୍ଦିର ସମ୍ମୁଖ ରାସ୍ତାକୁ ଓସାରିଆ ସହ ମନ୍ଦିରକୁ ସଂଯୋଗ ହେଉଥିବା ଅନ୍ୟ ରାସ୍ତାଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚବିଶ ଘଣ୍ଟିଆ ବିଦ୍ୟୁତ ଯୋଗାଣ ପାଇଁ ଏମ୍‌ସିଏଲ୍, ଟିପିସିଓଡିଏଲ୍‌କୁ ଅନୁରୋଧ କରାଯାଇଥିଲା। ଅଚଳ ସୋଲାର ଲାଇଟଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୯ ଦିନ ବ୍ୟାପୀ ଲୋକ ମହୋତ୍ସବରେ ରାଜ୍ୟର କୋଣ ଅନୁକୋଣରୁ ପ୍ରତିଷ୍ଠିତ କଳାକାରଙ୍କ ସହ ସ୍ଥାନୀୟ କଳାକାରମାନଙ୍କୁ ସୁଯୋଗ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା।

## ଜାଗର ପାଇଁ ବଅଁରପାଳର ଶୈବପୀଠ ଚଳଚଞ୍ଚଳ

ବଅଁରପାଳ,୧୪।୨(ସୁବାସ ସାହୁ)

ବଅଁରପାଳ ଅଞ୍ଚଳର ନାଲ୍‌କୋ, କୁଲାଡ଼, ବଳରାମପ୍ରସାଦ, ବଅଁରପାଳର ବିଭିନ୍ନ ଶୈବପୀଠରେ ଜାଗରଯାତ୍ରା ପାଇଁ ପ୍ରସ୍ତୁତି ଜୋର୍‌ଦାର ହୋଇଛି। ମନ୍ଦିର ପରିଚାଳନା କମିଟିଗୁଡିକ ପୂଜା ସମୟ ନିର୍ଘଣ୍ଟ କରିଥିବାବେଳେ କେତେକ ପୀଠରେ ନାମ ସଂକୀର୍ତ୍ତନ ଓ ହୋମଯଜ୍ଞ ଆରମ୍ଭ ହୋଇଛି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ପାଇଁ ଅସ୍ଥାୟୀ ବ୍ୟାରିକେଡ ବ୍ୟବସ୍ଥା କରାଯାଇଛି। ବଅଁରପାଳର ଶ୍ରୀସିଦ୍ଧେଶ୍ୱରାୟ, ପଞ୍ଚଶ୍ରୀକ୍ଷେତ୍ର, ନୂଆହତା ନୀଳକଣ୍ଠେଶ୍ୱର, ବୁଢାପଙ୍କ ସ୍ୱପ୍ନେଶ୍ୱର, ଗଡ଼ସନ୍ତ୍ରୀ, ଭୋଗବେରିଣୀ, ଟେଷ୍ଟଲୋଇ, କୁକୁଡାଙ୍ଗ, ନାଳଚନ୍ଦ୍ରପୁର, କପିଳେଶ୍ୱର ପୀଠ ଚଳଚଞ୍ଚଳ ହୋଇପଡ଼ିଛି। ବଅଁରପାଳ ପୋଲିସ ଓ ନାଲ୍‌କୋ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।







# ଜଟାଧାରୀଙ୍କ ବାର୍ଷିକ ଉତ୍ସବ

ଓଡ଼ାପଡ଼ା, ୧୪।୨ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ମୋଟଙ୍ଗାଥାନା ଅନ୍ତର୍ଗତ କୋଟିଳାମ ପ୍ରଭୁ ଜଟାଧାରୀଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଶତାଧିକ ମହିଳା ଓ ପୁରୁଷ କଳସ ଯାତ୍ରାରେ ପୂର୍ଣ୍ଣକୁମ୍ଭ ସହିତ ଗ୍ରାମ ପରିକ୍ରମା କରି ଜଟାଧାରୀଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଯଜ୍ଞ ପୁରୋଧା ଭାବରେ ସର୍ବେଶ୍ୱର ଦାସ, ଶୁଭେନ୍ଦୁ ଦାସ, କାମେଶ୍ୱର ରତ୍ନ ନନ୍ଦ ଓ ବେନୁଭୂଷଣ ନନ୍ଦ ଏବଂ ଯଜ୍ଞକର୍ତ୍ତା ଭାବରେ ସଭାପତି କପିଳ ଚରଣ ସାମଲ ଦାୟିତ୍ୱ ବହନ କରିଥିଲେ। ମନ୍ଦିର ପରିଚାଳନା କମିଟି ଉପସଭାପତି ବନମାଳୀ ବେହେରା, କୋଷାଧ୍ୟକ୍ଷ ମଳୟ ସାମଲ, ସମ୍ପାଦକ ଦଶରଥ ସାମଲଙ୍କ ସମେତ କମିଟି ସଦସ୍ୟ କ୍ଷୀରୋଦ ବେହେରା, ଲକ୍ଷ୍ମଣ ସାମଲ, ହେମନ୍ତ ସାମଲ, କହ୍ନେଇ ସାମଲ, ଦଶରଥ ସାମଲ, ପ୍ରାଣବନ୍ଧୁ ସାମଲ, ଜନାର୍ଦ୍ଦନ ସାମଲ ପ୍ରମୁଖ ବାର୍ଷିକ ଉତ୍ସବ ଓ ଯଜ୍ଞ କାର୍ଯ୍ୟରେ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଥିଲେ। ରବିବାର ନଗର ପରିକ୍ରମା ସହିତ କଳସ ବିସର୍ଜନ ଓ ବାର୍ଷିକ ଉତ୍ସବ ସମାପନ ହେବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି।






# ରାମକୃଷ୍ଣ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ

କାମାକ୍ଷାନଗର,୧୪।୨ (ସୁଧୀର କୁମାର ପରିଡ଼ା)

କଙ୍କଡାହାଡ଼ ବ୍ଲକ ଚାନ୍ଦପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ରାମକୃଷ୍ଣ ଶିଶୁ ମନ୍ଦିର ଚାନ୍ଦପୁରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚୈତନ୍ୟ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସଭାପତି ରାସବିହାରୀ ବେହେରା ଯୋଗଦେଇଥିଲେ। ରାଷ୍ଟ୍ର ନିର୍ମାଣ ଗଠନରେ କୁନିକୁନି ଶିଶୁ ଆଗାମୀ ଦିନରେ ସହାୟକ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ୱାମୀ ପରମାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ କହିଥିଲେ, ଏଠି ପିଲାମାନେ ପାଠପଢିବା ସହିତ ଉତ୍ତମ ବ୍ୟବହାର, ସାମାଜିକ, ଧାର୍ମିକ, ସଂସ୍କାର ଓ ବିଭିନ୍ନ କ୍ଷେତ୍ରରେ ସଫଳତା ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ଚାନ୍ଦପୁର ସରପଞ୍ଚ ସବିତା ସାହୁ, ଦଶୀପୁର ସରପଞ୍ଚ ସୁଧୀର ପାଳ, ଚାନ୍ଦପୁର ସମିତି ସଦସ୍ୟ ରାଜକିଶୋର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ବେହେରା, ମହାବିରୋଡ଼ ଭାଜପା ମଣ୍ଡଳ ସଭାପତି ଜିତେନ୍ଦ୍ର କର, କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ରିତା ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବାଉରୀ ବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।









କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍‌ରେ ବରଗଡ଼ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ । (ଫଟୋ: ରାଜକିଶୋର ମହାନ୍ତି)

# ଡବଲ ସ୍ୱର୍ଣ୍ଣ ସହ ପ୍ରମୋଦଙ୍କୁ ରେକର୍ଡ ୬ଷ୍ଠ ଟାଇଟଲ

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ପୁଣିଥରେ ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ବାହାରିନରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ପୁରୁଷ ଏସ୍‌ଏଲ୍୩ ବର୍ଗରେ ସେ ରେକର୍ଡ ୬ଷ୍ଠ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶାର ଗର୍ବ ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନଙ୍କୁ ୨୧-୧୨, ୨୧-୧୮ରେ ପରାସ୍ତକରି ନିଜ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲକୁ ୬ରେ ପହଞ୍ଚାଇଛନ୍ତି। ପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଖେଳରତ୍ନ ପ୍ରମୋଦ ଏବେ ୨୦୨୬କୁ ସେଥିରେ ଯୋଡ଼ିଛନ୍ତି। ଅର୍ଥାତ୍ ହାଟ୍ରିକ ସହ କ୍ରମାଗତ ୪ଥର ସେ ଟାଇଟଲ ବିଜୟୀ ହୋଇଛନ୍ତି। ଏ କ୍ଷେତ୍ରରେ ସେ କିମ୍ବଦନ୍ତୀ



ପ୍ରମୋଦ ଭଗତ

ବ୍ୟାଡ୍‌ମିଣ୍ଟନ ତାରକା ଚାଇନାର ଲିନ୍ ଡାନ୍‌ଙ୍କ ୫ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ରେକର୍ଡକୁ

## ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ

ପଛରେ ପକାଇଛନ୍ତି। ସେହିପରି ପୁରୁଷ ଡବଲ୍ସ ଏସ୍‌ଏଲ୍୩-ଏସ୍‌ଏଲ୍୪ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମ ଅନ୍ୟ ଭାରତୀୟ ଯୋଡ଼ି ଜଗଦୀଶ ଦିଲ୍ଲୀ ଓ ନବିନ ଶିବକୁମାରଙ୍କୁ ୨୧-୧୯, ୨୧-୧୬ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

## ଭାବପ୍ରବଣ ମୁହୂର୍ତ୍ତ: ପ୍ରମୋଦ

"କ୍ରମାଗତ ୪ ଥର ଏବଂ ମୋଟ ୬ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ମୋ ପାଇଁ ଭାବପ୍ରବଣ ମୁହୂର୍ତ୍ତ। ଲିନ୍ ଡାନ୍ ସବୁବେଳେ ମୋର ଆଦର୍ଶ ଖେଳାଳି ହୋଇ ରହିଛନ୍ତି। ତାଙ୍କ ରେକର୍ଡ ଭାଙ୍ଗିବା ମୋ ପାଇଁ ସମ୍ପୂର୍ଣ୍ଣଭାବେ ସ୍ୱତନ୍ତ୍ର। ନିଜ ଉପରେ ବିଶ୍ୱାସ, ଶୃଙ୍ଖଳା ଏବଂ ବିଭିନ୍ନ ପ୍ରକାର ତ୍ୟାଗର ଏହା ଫଳ। ବଡ଼ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବା ଏବଂ ଇତିହାସ ସୃଷ୍ଟି କରିବା ମୋତେ ଗର୍ବିତ କରିଛି" ବୋଲି ପ୍ରମୋଦ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ରୋମାଞ୍ଚକ ମୁକାବିଲାରେ କେନ୍ଦୁଝର ବିଜୟୀ

କଟକ,୧୪।୨(କୁମାରଶ୍ରୀ)

## ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ କବାଡ଼ି

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ ଜାରି ରହିଛି। ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପୁରୁଷ ବର୍ଗର ଏକ ରୋମାଞ୍ଚକ ମ୍ୟାଚ୍‌ରେ ନୟାଗଡ ୨୭-୨୨ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ପୁରୁଷ ବର୍ଗର ଅନ୍ୟ ମ୍ୟାଚ୍‌ଗୁଡିକରେ ସୁନ୍ଦରଗଡ, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, କଟକ, ଅନୁଗୋଳ, ଓଡ଼ିଶା ପୋଲିସ, କିଟ୍ ଦଳ ବିଜୟ ହାସଲ କରିଛି। ଦ୍ୱିତୀୟ ଦିବସରେ ସିଆରଆରଆଇ ନିର୍ଦ୍ଦେଶକ ଜିଏକେ କୁମାର, ଅଧ୍ୟକ୍ଷ(କ୍ରୀଡ଼ା) ପ୍ରତାପ ଭଟ୍ଟାଚାର୍ଯ୍ୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ରବିନାରାୟଣ ମହାପାତ୍ର, ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଟି୨୦ ବିଶ୍ୱକପ୍

(ଆଜିର ମ୍ୟାଚ୍)

**ନେପାଳ ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: ମୁମ୍ବାଇ,
ସମୟ: ପୂର୍ବାହ୍ନ ୧୧ଟା

**ନାମିବିଆ ବନାମ ୟୁଏସ୍ଏ**
ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ପାକିସ୍ତାନ**
ସ୍ଥାନ: କଲମ୍ବୋ,
ସମୟ : ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ଆୟର୍ଲାଣ୍ଡକୁ ଜିତାଇଲେ ଲୋର୍କାନ

କଲମ୍ବୋ, ୧୪।୨ (ପି.ଟି.)

ଅଧିନାୟକ ଲୋର୍କାନ ଟକରଙ୍କ ଦର୍ଶନୀୟ ୯୪ ରନ ସହାୟତାରେ ଆୟର୍ଲାଣ୍ଡ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଓମାନକୁ ୯୬ ରନରେ ପରାସ୍ତ କରିଛି । ଓମାନର ୩୮ବର୍ଷୀୟା ବାମହାତୀ ସ୍ପିନର ଶକିଲ ଅହମଦ (୩/୩୩) ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡର ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ। ଫଳରେ ଦଳ ଏକଦା ୮ମ ଓଭର ଖେଳ ଶେଷ ସୁଦ୍ଧା ମାତ୍ର ୬୪ରନରେ ଏହାର ୪ଜଣ ବ୍ୟାଟରଙ୍କୁ ହରାଇ ବସିଥିଲା। ଏହି ସମୟରେ ଟକର କ୍ରିଜ୍‌ରେ ମହଜୁଦ ରହି ଦଳର ଇନିଂସକୁ ଆଗେଇ ନେଇଥିଲେ। ପଞ୍ଚମ ଉଇକେଟରେ ଗାରେଥ ଡେଲାନି (୫୬ରନ)ଙ୍କ ସହ ତାଙ୍କର ମହତ୍ତ୍ୱପୂର୍ଣ୍ଣ ୧୦୧ରନର ଭାଗୀଦାରି ହୋଇଥିଲା। ପରେ ଜର୍ଜ ଡକ୍ରେଲ ମାତ୍ର ୯ ବଲ୍‌ରେ ୫ ଛକା ସହ ୩୫ ରନ କରି ଅପରାଜିତ ରହିଥିଲେ। ଫଳରେ ଦଳ ଏକ ଭଲ ସ୍କୋର ଛିଡ଼ା କରିବାରେ ସମର୍ଥ ହୋଇଥିଲା। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଟକରଙ୍କ ୫୧ ବଲ୍‌ର ମନୋରଞ୍ଜନକାରୀ ଇନିଂସରେ ୧୦ ଚୌକା ଓ ୪ ଛକା ସାମିଲ ଥିଲା। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ନିର୍ଦ୍ଧାରିତ ଓଭରରେ ୫ଉଇକେଟ ବିନିମୟରେ ୨୩୫ ରନ କରିଥିଲା। ଦଳ ପରେ ଓମାନକୁ ୧୩୯ରନରେ ଅଲଆଉଟ କରିଦେଇଥିଲା।

ବିଜୟ ଲକ୍ଷ୍ୟକୁ ପିଛା କରିବା ବେଳେ ଆୟର୍ଲାଣ୍ଡର ସ୍କୋରିଂ ରେଟ୍‌କୁ ତାଳ ଦେଇ ରନ ସଂଗ୍ରହ କରିବାରେ ଲାଗିଥିଲା ଓମାନ। ଦଳ କିନ୍ତୁ ନିୟମିତ ଭାବେ ଉଇକେଟ ହରାଇବାରେ ଲାଗିଥିଲା। କେବଳ ଦୁଇଜଣ ବ୍ୟାଟର ଆମିର କଲିମ ( ୨୯ ବଲ୍‌ରୁ ୫୫) ଏବଂ ହମାଦ ମିର୍ଜା ( ୩୭ ବଲ୍‌ରୁ ୪୬) କ୍ରିଜ୍‌ରେ ଟିକ୍କି ପାରିଥିଲେ। ୧୩ତମ ଓଭର ବେଳକୁ ଦଳର ସ୍କୋର ୧୦୮/୫ରେ ପହଞ୍ଚିଥିଲା। ଦଳ କ୍ରମେ ମନୋବଳ ହରାଇ ଶେଷରେ ଅଲ୍‌ଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ: ୨୦ ଓଭରରେ ୨୩୫/୫ (ଲୋର୍କାନ ଟକର-୯୪*, ଗାରେଥ ଡେଲାନି-୫୬; ଶକିଲ ଅହମଦ-୩/୩୩, ଆମିର କଲିମ-୧/୨୯)।
ଓମାନ ଇନିଂସ: ୧୮ ଓଭରରେ୧୩୯ (ଆମିର କଲିମ-୫୦, ହମାଦ ମିର୍ଜା-୪୬; ମାଥ୍ୟୁ ହମ୍ଫ୍ରେସ-୨/୨୭, ଜୋଶ ଲିଟଲ-୩/୧୬)।

# ସ୍କଟ୍‌ଲାଣ୍ଡକୁ ୫ ଉଇକେଟରେ ହରାଇଲା ଇଂଲଣ୍ଡ

କୋଲକାତା, ୧୪।୨ (ପି.ଟି.)

ଭେଟେରାନ ଲେଗ୍ ସ୍ପିନର ଆଦିଲ ରଶିଦ (୩/୩୬)ଙ୍କ ୩ ଉଇକେଟ ସଫଳତା ଏବଂ ମିଡଲ ଓଭରରେ ଟମ୍ ବାଣ୍ଟନଙ୍କ ଆକର୍ଷଣୀୟ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ଚଳିତ ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ସି'ର ଏକ ମ୍ୟାଚରେ ସ୍କଟଲାଣ୍ଡକୁ ୫ଉଇକେଟରେ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିବା ଇଂଲଣ୍ଡ ରଶିଦଙ୍କ ପ୍ରଭାବୀ ବୋଲିଂ ଜରିଆରେ ସ୍କଟଲାଣ୍ଡକୁ ୧୫୨ରନ ସ୍କୋରରେ ସୀମିତ କରିଦେଇଥିଲା। ପେସର ଜୋଫ୍ରା ଆର୍ଚର ଏବଂ ବାମହାତୀ ସ୍ପିନର ଲିଆମ ଡସନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସ୍କଟଲାଣ୍ଡର ଟପ୍ ସ୍କୋରର ଅଧିନାୟକ ରିଚି ବେରିଙ୍ଗଟନ ସର୍ବାଧିକ ୪୯ ରନ କରିଥିଲେ। ଇଂଲଣ୍ଡ ୧୦ଟି ବଲ୍ ବାକିଥାଇ ୧୫୩ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ: ୧୯.୪ ଓଭରରେ ୧୫୨/ଅଲଆଉଟ (ରିଚି ବେରିଙ୍ଗଟନ-୪୯ ; ଆଦିଲ ରଶିଦ-୩/୩୬)। ଇଂଲଣ୍ଡ: ୧୮.୨ ଓଭରରେ ୧୫୫/୫(ଟମ୍ ବାଣ୍ଟନ-୬୩*, ଅଲିଭର ଡେଭିଡସନ-୧/୧୨)।

# ମାର୍ଚ୍ଚ ୧୫ରୁ ଦେବେନ୍ଦ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ




ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି। (ଫଟୋ:ବିକାଶ ନାୟକ)

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

## ଭାଗନେବେ ୮ ଦଳ, ରାଜେନ୍ଦ୍ର ବ୍ରାଣ୍ଡ ଆମ୍ବାସାଡର

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଆୟୋଜନ ହେବ ଅଲ୍ ଓଡ଼ିଶା ଫୁଟବଲ ଚାମ୍ପିୟନଶିପ୍। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସ୍ୱୀକୃତିକ୍ରମେ ଭୁବନେଶ୍ୱର ସିଟି କ୍ଲବ, ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତା ମାର୍ଚ୍ଚ ୧୫ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଖେଳାଯିବ। ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟର ଚେୟାରମ୍ୟାନ ତଥା ବିଧାୟକ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ଅବସରରେ ମାର୍ଚ୍ଚ ୧୭ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ୱତନ୍ତ୍ରଭାବେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ଆସନ୍ତା ବର୍ଷରୁ ଏହାକୁ ଜାତୀୟ ସ୍ତରର ଟୁର୍ନାମେଣ୍ଟରେ ପରିଣତ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଟୁର୍ନାମେଣ୍ଟର ସଫଳ ଆୟୋଜନ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲେ ଭୁବନେଶ୍ୱର, କିଶୋର କ୍ଲବ, କଟକ ମଙ୍ଗଳା କ୍ଲବ, ସମ୍ବଲପୁର ଫୁଟବଲ ଏକାଡେମୀ, ଭୁବନେଶ୍ୱର ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ, ରାଉରକେଲା ରେଡ୍ ୟୁନାଇଟେଡ, ବରଗଡ଼ ୟୁନାଇଟେଡ ଏଫ୍‌ସି, ବାଲେଶ୍ୱର ହରି ପ୍ଲାଷ୍ଟ ଟାଇଟନ୍ସ ଏବଂ କଟକ ରାଧା ରମଣ କ୍ଲବ। ଟୁର୍ନାମେଣ୍ଟ ଲାଗି ମୋଟ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଟୁର୍ନାମେଣ୍ଟ ଆମ୍ବାସାଡର ହୋଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଆୟୋଜକ କମିଟି ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ପୂର୍ବତନ ଭାରତୀୟ ଫୁଟ୍‌ବଲ କୋଚ୍ ମହମ୍ମଦ ସାହିଦ ଜବାର, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରଶାଦ ଦାଶ, ସୁବ୍ରତ ଦାସ, ଭାଗ୍ୟଧର ଜଗଦ୍ଦେବ, ଦିଲୀପ ଦାସ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ